

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୯ ନଭେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 19 NOVEMBER 2022

Vol.No. 33 ■ No. 300 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## 'ବାଲିଯାତ୍ରା'କୁ ନେଇ ବର୍ଷିଲେ ପ୍ରଭାତ ତ୍ରିପାଠୀ





ଭୁବନେଶ୍ୱର, ୧୮/୧୧ (ନି.ପ୍ର): ଯେଉଁ କଟକ ବାଲିଯାତ୍ରା କଥା ସୁଦୂର ଇଣ୍ଡୋନେସିଆର ବାଲିରେ ଉଠାଇଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସେହି ବାଲିଯାତ୍ରା ପରିଚାଳନାକୁ ନେଇ ବର୍ଷଛନ୍ତି ପ୍ରଭାତ ତ୍ରିପାଠୀ । ବାଙ୍କୀର ପୂର୍ବତନ ବିଜେଡି ବିଧାୟକଙ୍କ କ୍ଷୋଭ ହେଲା, ସାଂସ୍କୃତିକ ଐତିହ୍ୟ ବାଲିଯାତ୍ରାର ଗୁରୁତ୍ୱକୁ କମାଇ ଦେଇଛି କଟକ ଜିଲ୍ଲା ପ୍ରଶାସନ। ସପିଂ ମଲ ଭଳି ଏହାକୁ କେବଳ ରଙ୍ଗୀନ ଆଲୋକ ଓ ସାଜସଜ୍ଜା ଭିତରେ ସୀମିତ ରଖାଯାଇଛି । କେଉଁ ବାବଦରେ କେତେଟଙ୍କା ଖର୍ଚ୍ଚା କରାଗଲା ତାର ଅଡିଟ ପାଇଁ ଦାବି କରିଛନ୍ତି । ଅଭିଯୋଗ ନେଇ ପ୍ରତିକ୍ରିୟା ରଖିଛନ୍ତି କଟକ ଜିଲ୍ଲାପାଳ । ଜିଲ୍ଲାପାଳ ଇଙ୍ଗିତ କରିଛନ୍ତି ଯେ, କଟକ ମହାନଗର ପୂଜା କମିଟି ଓ ଶାନ୍ତି କମିଟିକୁ ବାଲିଯାତ୍ରା ଉତ୍ସବକୁ ନିମନ୍ତ୍ରଣ କରାଯାଇନଥିବାରୁ ଏଭଳି ଅଭିଯୋଗ ହେଉଛି । ଅନ୍ତିମ ଦିବସରେ ରାଜ୍ୟପାଳଙ୍କ କାର୍ଯ୍ୟକ୍ରମ ହେତୁ ସମୟ ସୀମିତ ଥିଲା । ସେହି ଅନୁସାରେ ଅଳ୍ପ ସଂଖ୍ୟକ ଲୋକଙ୍କୁ ସମ୍ବର୍ଦ୍ଧିତ କରାଗଲା । ବାକି ରହିଥିବା ବ୍ୟକ୍ତିଙ୍କୁ ଅନ୍ୟାନ୍ୟ ଅବସରରେ ସମ୍ବର୍ଦ୍ଧିତ କରାଯିବ । ବାଲିଯାତ୍ରା ସମୟରେ ପୂଜା କମିଟି ଓ ଶାନ୍ତି କମିଟିକୁ ଆମନ୍ତ୍ରଣ କରିବାର ବହୁ ପୁରୁଣା ପରମ୍ପରା ରହିଆସିଛି । ସେମାନଙ୍କୁ ନିମନ୍ତ୍ରଣ କରିନଥିବାରୁ କ୍ଷୋଭରେ ଅଡିଟ ପାଇଁ ଦାବି କରୁଥାଇପାରନ୍ତି ବୋଲି କହିଛନ୍ତି ପୂର୍ବତନ ବିଜେଡି ବିଧାୟକ ଦେବାଶିଷ ସାମନ୍ତରାୟ । କିଛିଦିନ ତଳେ ଇଣ୍ଡୋନେସିଆ, ବାଲିରେ ବାଲିଯାତ୍ରା କଥା କହିଥିଲେ ପ୍ରଧାନମନ୍ତ୍ରୀ । ଜି-୨୦ ଶିଖର ସମ୍ମିଳନୀରେ ଯୋଗଦେବାକୁ ଯାଇଥିବା ମୋଦୀ ସେଠାରେ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧନ କରି କଟକ ବାଲିଯାତ୍ରା କଥା ବୁଝାଇଥିଲେ । କଟକର ଐତିହାସିକ ବାଲିଯାତ୍ରା ଉତ୍ସବ, ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ଥିବା ହଜାର ବର୍ଷର ପୁରୁଣା ବ୍ୟବସାୟିକ ସମ୍ପର୍କର ସ୍ମୃତି ବୋଲି କହିଥିଲେ ମୋଦୀ । ମୋଦୀଙ୍କ ମୁହଁରେ ବାଲିଯାତ୍ରାର କଥା ଶୁଣି ପ୍ରବାସୀ ଭାରିତୀୟ ବି ବେଶ ଉତ୍ସାହିତ ହୋଇଥିଲେ । କରୋନା ପରେ ଲୋକଙ୍କ ଭିଡକୁ ଦେଖି ଏଥର ବାଲିଯାତ୍ରାକୁ ଦିନଟିଏ ପାଇଁ ବୃଦ୍ଧି କରାଯାଇଥିଲା ।

## ରାଜ୍ୟ କ୍ୟାବିନେଟରେ ୧୭ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ



ଭୁବନେଶ୍ୱର, ୧୮/୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ମହିଳା ଓ ଶିଶୁ କଲ୍ୟାଣ, କୃଷି ଓ କୃଷକ କଲ୍ୟାଣ, ସାଧାରଣ ପ୍ରଶାସନ, ସଂସଦୀୟ ବ୍ୟାପାର, ଯୋଜନା-ସଂଯୋଜନା ଓ ଜଳ ସମ୍ପଦ ବିଭାଗ ସହ ଜଡିତ ମୋଟ ୧୭ଟି ପ୍ରସ୍ତାବକୁ ଅନୁମୋଦନ ଦିଆ ଯାଇଛି । ରାଜ୍ୟର ମୁଖ୍ୟ ସଚିବ ସୁରେଶ ମହାପାତ୍ର ଓ ଉନ୍ନୟନ କମିଶନର ପ୍ରଦୀପ ଜେନା କ୍ୟାବିନେଟ ବୈଠକରେ ନିଆ ଯାଇଥିବା ନିଷ୍ପତି ସମ୍ପର୍କରେ ସୂଚନା ଦେଇଛନ୍ତି । ସେମାନେ କହିଛନ୍ତି ଯେ - ଏହି କ୍ୟାବିନେଟ ବୈଠକରେ ଶିଶୁ ନୀତି-୨୦୨୨ 'ପ୍ରାରମ୍ଭ'କୁ ମଧ ଅନୁମୋଦନ ମିଳିଛି । ଶିଶୁମାନଙ୍କର ବଂଚିବାର ଅଧିକାର ଓ ସୁରକ୍ଷାକୁ ଏହି ନୂଆ ନୀତି ଗୁରୁତ୍ୱ ଦେବ। ଶିଶୁମାନଙ୍କ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଓ ଶିକ୍ଷା ଅଧିକାରକୁ ଗୁରୁତ୍ୱ ଦେବ। ସରକାରୀ ଏବଂ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସବଡିଭିଜନାଲ ସ୍ୱାସ୍ଥ୍ୟ କେନ୍ଦ୍ର, ଜିଲ୍ଲା ମୁଖ୍ୟାଳୟ ହସପିଟାଲ ଓଡିଶା ଆଦର୍ଶ ବିଦ୍ୟାଳୟର ରକ୍ଷଣାବେକ୍ଷଣ ଓ ଉନ୍ନତିକରଣ କାର୍ଯ୍ୟକୁ ପୂର୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କରା ଯିବା ପାଇଁ ଆସିଥିବା ପ୍ରସ୍ତାବକୁ ବୈଠକରେ ଅନୁମୋଦନ ଦିଆଯାଇଛି । ଏହି ବୈଠକରେ ରାଜ୍ୟ ବନ୍ଦର ନୀତି ୨୦୨୨କୁ ମଧ୍ୟ ଅନୁମୋଦନ ପ୍ରଦାନ କରା ଯାଇଛି । ଏହି ନୀତିରେ ଅନ୍ତର୍ଦେଶୀୟ ଜଳପଥ ଏବଂ କ୍ଷୁଦ୍ର ବନ୍ଦରର ବିକାଶକୁ ଗୁରୁତ୍ୱ ଦିଆଯିବ । ଏଥିସହ ବନ୍ଦର କ୍ଷେତ୍ରରେ ଘରୋଇ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦିଆଯିବ । ସାମୁଦ୍ରିକ ପର୍ଯ୍ୟଟନ ଓ ବହୁମୁଖୀ ଜେଟିକୁ ପ୍ରୋତ୍ସାହିତ କରାଯିବ ।

## ଏଏସପି ପଦୋନ୍ନତି ଉପରେ ରହିତାଦେଶ

ଭୁବନେଶ୍ୱର, ୧୮/୧୧ (ନି.ପ୍ର): ଏଏସପି ପଦୋନ୍ନତି ଉପରେ ରହିତାଦେଶ ଲଗାଇଛନ୍ତି ହାଇକୋର୍ଟ। ଓପିଏସସି ପକ୍ଷରୁ ଜାରି ଡିଏସପିରୁ ଅତିରିକ୍ତ ଏସପିକୁ ପଦୋନ୍ନତି ବିଜ୍ଞପ୍ତିରେ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। ଏହା ପରବର୍ତୀ ଶୁଣାଣି ଯାଏଁ କିଛି ପଦକ୍ଷେପ ନ ନେବାକୁ ଓପିଏସସିକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ପ୍ରମୋଟି ଡିଏସପିଙ୍କୁ ଏଏସପି ପଦୋନ୍ନତି ସଂପର୍କିତ ବିଜ୍ଞପ୍ତି ନେଇ ମାମଲା ହୋଇଥିଲା । ପ୍ରମୋଟି ଅଫିସରଙ୍କ ପଦୋନ୍ନତି ସମୟସୀମା ହ୍ରାସକୁ ହାଇକୋର୍ଟରେ ଚ୍ୟାଲେଂଜ କରାଯାଇଥିଲା। ପ୍ରମୋଟିଙ୍କ କ୍ଷେତ୍ରରେ ୩ ବର୍ଷରୁ ୬ମାସ ହ୍ରାସକୁ ଚାଲେଂଜ କରାଯାଇଥିଲା । ଓପିଏସସି ଦ୍ୱାରା ସିଧାସଳଖ ନିଯୁକ୍ତ ଡିଏସପି ବିଜ୍ଞପ୍ତିକୁ ଚାଲେଂଜ କରାଯାଇଥିଲା ।

## ଜିଦ୍‌ରେ ଅଟଳ ଚାଷୀ, ଧାରଣା ଜାରି : 'ଖାତାକୁ ଟଙ୍କା ନଆସିବା ପର୍ଯ୍ୟନ୍ତ ଚାଲିବ ଆନ୍ଦୋଳନ'



ନୂଆଦିଲ୍ଲୀ, ୧୮/୧୧ : ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ବି, ମରୁଡି ସହାୟତା ଓ ଫସଲ ବୀମା ଦାବିରେ ପଦ୍ମପୁରରେ ଆନ୍ଦୋଳନ ଚଳାଇଥିବା ଚାଷୀ, ପଛକୁ ହଟି ନାହାଁନ୍ତି । ବ୍ୟାଙ୍କ ଖାତାକୁ ସହାୟତା ଟଙ୍କା ନଆସିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ନିଷ୍ପତି ନେଇଛନ୍ତି ଚାଷୀ ସଂଗଠନ । ନିଷ୍ପତି ଅନୁସାରେ ଧାରଣାରେ ବସିଛନ୍ତି ଚାଷୀ ସଂଗଠନର ସଦସ୍ୟ । ଚାଷୀ ସଙ୍ଗଠନର ଯୁକ୍ତି ହେଉଛି, ମରୁଡି କ୍ଷୟକ୍ଷତି, ଫସଲ ବୀମାରାଶି, ଇନପୁଟ ସବସିଡି ଦାବିରେ ୧୩ ମାସ ହେଲା ଆନ୍ଦୋଳନ କରୁଛନ୍ତି । ଚାଷୀ ସଂଗଠନର ଭୋଟବର୍ଜନ ଧମକ ପରେ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କ୍ଷତିପୂରଣ ଓ ବୀମାରାଶି ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ହେଲେ ଚାଷୀଙ୍କ ଖାତାକୁ ଟଙ୍କା ନଆସିବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ । ପଦ୍ମପୁରରେ ଚାଲିଥିବା ଚାଷୀ ଆନ୍ଦୋଳନ, ଭୁବନେଶ୍ୱରରେ ରାଜନୀତିର ରୂପ ନେଇଛି । ଗତ ଦୁଇ ଦିନ ହେଲା ବିଜେଡି ବିଜେପି ମଧ୍ୟରେ ଚାଷୀ ପ୍ରସଙ୍ଗକୁ ନେଇ ▶▶ପୃଷ୍ଠା ୭

## ମହାକାଶକୁ ଗଲା ଭାରତର ପ୍ରଥମ ଘରୋଇ ରକେଟ୍

### ଶ୍ରୀହରିକୋଟାରୁ ଇସ୍ରୋ ପଠାଇଲା ବିକ୍ରମ୍-ଏସ୍



ନୂଆଦିଲ୍ଲୀ, ୧୮/୧୧ : ମହାକାଶ ଗବେଷଣାରେ ଘରୋଇ ଯୋଗଦାନର ଆରମ୍ଭ ହେଲା ନୂଆ ଯୁଗ । ଶ୍ରୀହରିକୋଟାରୁ ଦେଶର ପ୍ରଥମ ଘରୋଇ ରକେଟ ବିକ୍ରମ-ଏସ୍ର ଉତକ୍ଷେପଣ ହୋଇଛି । ଆନ୍ଧ୍ରପ୍ରଦେଶର ସତିଶ ଧବନ ସ୍ପେସ ସେଣ୍ଟରରୁ ଏହି ରକେଟକୁ ଉତକ୍ଷେପଣ କରାଯାଇଛି । ଦିନ ସାଢ଼େ ୧୧ଟା ସମୟରେ ଲଞ୍ଚହୋଇଛି ବିକ୍ରମ-ଏସ୍ ରକେଟ । ସ୍କାଇରୁଟ ଏରୋସ୍ପେସ ଏହି ରକେଟ ନିର୍ମାଣ କରିଛି । ଏହି ମିଶନର ନାମ 'ପ୍ରାରମ୍ଭ' ରଖାଯାଇଛି । ଭାରତୀୟ ମହାକାଶର ସଂସ୍ଥାପକ ବିକ୍ରମ ସାରାଭାଇଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ସ୍କାଇରୁଟ ନିର୍ମାଣ କରିଥିବା ରକେଟ୍ର ନାମ 'ବିକ୍ରମ' ରଖାଯାଇଛି । ଉତକ୍ଷେପଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ । ଭାରତୀୟ ମହାକାଶ ଗବେଷଣାରେ ଘରୋଇ ଯୋଗଦାନର ଏହା ଏକ ବଡ ଉପଲବ୍ଧି । ବିକ୍ରମ-ଏସ ରକେଟ୍ ସଫଳତାର ସହ ଉତକ୍ଷେପଣ କରାଯାଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ସ୍କାଇରୁଟ ଏରୋସ୍ପେସର ପ୍ରତିଷ୍ଠାତା ପବନ କୁମାର ଚନ୍ଦନ । ପ୍ରଥମ ଘରୋଇ ରକେଟ ଲଞ୍ଚ କରି ଇତିହାସ ସୃଷ୍ଟି କରିଥିବା ସେ କହିଛନ୍ତି । ତେବେ ଘରୋଇ ରକେଟ' ବିକ୍ରମ -ଏସ'ର ଲମ୍ବ ୬ ମିଟର ହୋଇଥିବା ବେଳେ ଏହାର ଓଜନ ▶▶ପୃଷ୍ଠା ୭

## ଶ୍ରଦ୍ଧାଞ୍ଜଳିଙ୍କୁ ଖୋଜୁଛି ଇଡି

ଭୁବନେଶ୍ୱର, ୧୮/୧୧ (ନି.ପ୍ର): ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗ ଘଟଣାକୁ ନେଇ ହୁଲୁସ୍ଥୁଲ କରୁଛି ଇଡି । ଅର୍ଚ୍ଚନାର ବିଜିନେସ୍ ପାର୍ଟନର ଖଗେଶ୍ୱରର ଅଷ୍ଟମ ଦିନର ଜେରାରେ ଚାଞ୍ଚଲ୍ୟକର ତଥ୍ୟ ହାସଲ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ଇଡି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଚାଲିଥିବା ତଦନ୍ତ ପ୍ରକ୍ରିୟାରେ ଶ୍ରଦ୍ଧାଞ୍ଜଳି ବେହେରାଙ୍କ ନାଁ ସାମ୍ନାକୁ ଆସିଛି । ଯେଉଁଥିପାଇଁ ଶ୍ରଦ୍ଧାଞ୍ଜଳିଙ୍କ ବୟାନ ରେକର୍ଡ କରିବା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ହେଲେ ଶ୍ରଦ୍ଧାଞ୍ଜଳି ଏବେ ସୁଦ୍ଧା ଇଡି ପାଇଁ ଫେରାର ଅଛନ୍ତି । ଆଉ ଶ୍ରଦ୍ଧାଞ୍ଜଳିଙ୍କୁ ଖୋଜି ଖୋଜି ହାଲିଆ ଇଡି କର୍ମଚାରୀ । ଶ୍ରଦ୍ଧାଞ୍ଜଳି କେଉଁଠି ଓ କୁଆଡ଼େ ଗଲେ ସେ ନେଇ ତନାଘନା ଆରମ୍ଭ ହୋଇଛି । ଅର୍ଚ୍ଚନା ସମ୍ପତିର ଖୋଳତାଡ଼ ବେଳେ ଆରଟିଓକୁ ଇଡି ପକ୍ଷରୁ ତଥ୍ୟ ମଗାଯାଇଥିଲା । ଆରଟିଓ ପକ୍ଷରୁ ମଧ ଇଡିକୁ ସମସ୍ତ ତଥ୍ୟ ଦିଆଯାଇଛି । ମିଳିଥିବା ତଥ୍ୟ ଅନୁସାରେ ଅର୍ଚ୍ଚନାଙ୍କ ନାଁରେ ଥିଲା ୪ଟି ଦାମୀ ଗାଡ଼ି । ସେସବୁ ଗୁଡ଼ିକର ନମ୍ବର ଥିଲା ୨୩-୨୪ । ଟୟୋଟା ଫର୍ଚୁନର, ଫୋର୍ଡ ଏଣ୍ଡେଭର, ହୁଣ୍ଡାଇ କ୍ରେଟା ଓ ମହିନ୍ଦ୍ରା ଥର୍ ।

## ୨୧ରେ ବସିବ ସର୍ବଦଳୀୟ ବୈଠକ

ଭୁବନେଶ୍ୱର, ୧୮/୧୧ (ନି.ପ୍ର): ବିଧାନସଭାର ଶୀତକାଳୀନ ଅଧିବେଶନ ଆଗାମୀ ୨୪ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ବେଳେ ଏହାକୁ ସୁଚାରୁ ରୂପେ ଚଳାଇବାକୁ ଆସନ୍ତା ୨୧ ତାରିଖରେ ସର୍ବଦଳୀୟ ବୈଠକ ବସିବ । ବାଚସ୍ପତି ଏହି ବୈଠକରେ ଅଧକ୍ଷତା କରିବେ । ଉଲ୍ଲେଖନୀୟ ଯେ ଆଗାମୀ ନଭେମ୍ବର ୨୪ରୁ ଡିସେମ୍ବର ୩୧ତାରିଖ ଯାଏ ଏହି ବିଧାନସଭା ଅଧିବେଶନ ଚାଲିବ । ଅଧିବେଶନକୁ ସୁରୁଖୁରରେ ଚଳାଇବା ନେଇ ସର୍ବଦଳୀୟ ବୈଠକରେ ବାଚସ୍ପତି ସବୁ ଦଳର ସହଯୋଗ ଲୋଡିବେ। ଏଥର ଅଧିବେଶନ କୋଭିଡ କଟକଣା ଭିତରେ ହେବ ନା ନିୟମର କିଛି ପରିବର୍ତ୍ତନ କରାଯିବ ତାହା ଉପରେ ମଧ ବୈଠକରେ ଆଲୋଚନା କରାଯିବ। ୨୧ ତାରିଖ ଦ୍ୱିନ ୧୧ଟା ୩୦ମିନିଟରେ ବିଧାନ ସଭାର ନୂତନ ସମ୍ମିଳନୀ କକ୍ଷରେ ଏହି ବୈଠକ ଅନୁଷ୍ଠିତ ହେବ ।

## ପଦ୍ମପୁର ମଇଦାନରେ ୧୧ ପ୍ରାର୍ଥୀ

ଭୁବନେଶ୍ୱର, ୧୮/୧୧ (ନି.ପ୍ର): ପଦ୍ମପୁର ଉପନିର୍ବାଚନ ପାଇଁ ଶୁକ୍ରବାର ନାମାଙ୍କନ ଯାଂଚ ପ୍ରକ୍ରିୟା ଶେଷ ହୋଇଛି। ଉପନିର୍ବାଚନ ପାଇଁ ମୋଟ ୧୩ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ । ସେମାନଙ୍କ ମଧ୍ୟରୁ ସ୍ୱାଧୀନ ପ୍ରାର୍ଥୀ ଜୟନ୍ତ ଥପା ଓ ଦେବବ୍ରତ ସୁନାନୀଙ୍କ ନାମାଙ୍କନ ନାକଚ ହୋଇଯାଇଛି। ରିଟର୍ଣ୍ଣି ଅଧିକାରୀ ତ୍ରିଲୋଚନ ପାତ୍ର ଏହି ସୂଚନା ଦେଇଛନ୍ତି। ପଦ୍ମପୁର ଉପନିର୍ବାଚନ ପାଇଁ ବର୍ତମାନ ୧୧ ପ୍ରାର୍ଥୀଙ୍କ ମଧ୍ୟରେ ଲଢେଇ ହେବ। ପଦ୍ମପୁରକୁ ହାତେଇବା ପାଇଁ ପ୍ରମୁଖ ରାଜନୈତିକ ଦଳ ଯଥା ବିଜୁ ଜନତା ଦଳ (ବିଜେଡି), ଭାରତୀୟ ଜନତା ପାର୍ଟି (ବିଜେପି) ଓ କଂଗ୍ରେସ ନିଜର ଶକ୍ତି ଲଗାଇବ। ଏଥିପାଇଁ ଏହି ୩ ଦଳ ନିଜ ନିଜ ସ୍ତରରେ ରଣନୀତି ଆରମ୍ଭ କରିଦେଇଛନ୍ତି। ବିଜୁ ଜନତା ଦଳ ସ୍ୱର୍ଗତ ବିଜୟ ରଂଜନ ସିଂ ବରିହାଙ୍କ ଝିଅ ବର୍ଷାରାଣୀ ସିଂ ବରିହାଙ୍କୁ ପ୍ରାର୍ଥୀ କରିଥିବା ବେଳେ ଭାରତୀୟ ଜନତା ପାର୍ଟି ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ଏବଂ କଂଗ୍ରେସ ସତ୍ୟଭୂଷଣ ସାହୁଙ୍କୁ ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ କରିଛି।

### ରାଜୀବ ଗାନ୍ଧୀଙ୍କ ହତ୍ୟାକାରୀଙ୍କୁ ଜେଲରୁ ଖଲାସ ପ୍ରସଙ୍ଗ

## ସୁପ୍ରିମକୋର୍ଟରେ ପିଟିସନ ଦାଖଲ କଲେ କେନ୍ଦ୍ରସରକାର



ନୂଆଦିଲ୍ଲୀ, ୧୮/୧୧ : ପୂର୍ବତନ ପ୍ରଧାନମନ୍ତ୍ରୀ ଦିବଙ୍ଗତ ରାଜୀବ ଗାନ୍ଧୀଙ୍କ ସମସ୍ତ ୬ ହତ୍ୟାକାରୀଙ୍କୁ ଜେଲରୁ ଖଲାସ ପ୍ରସଙ୍ଗରେ ବଡ ପଦକ୍ଷେପ ନେଇଛନ୍ତି ସୁପ୍ରିମକୋର୍ଟ । ସୁପ୍ରିମକୋର୍ଟଙ୍କ ନିଷ୍ପତିରେ ଆପତ୍ତିପ୍ରକାଶ କରି କେନ୍ଦ୍ର ସରକାର ମାମଲାର ପୁନଃ ବିଚାର ପାଇଁ ରିଭ୍ୟୁ ପିଟିସନ ଦାଖଲ କରିଛନ୍ତି । ପିଟିସନରେ କେନ୍ଦ୍ର ସରକାର ନିଜର ଯୁକ୍ତି ରଖିଛନ୍ତି । ରାଜୀବଙ୍କ ହତ୍ୟାଣ୍ଡର ଦୋଷୀମାନେ ଜେଲରେ ୨୦ ବର୍ଷରୁ ଅଧିକ ସମୟ କାଟିସାରିଛନ୍ତି । ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତିକୁ ନେଇ ଏକାଧିକ କଂଗ୍ରେସ ନେତା ବିରୋଧ କରିଆସୁଛନ୍ତି । ୧୯୯୧ ମସିହା ମେ' ୨୧ରେ ରାଜୀବ ଗାନ୍ଧୀଙ୍କୁ ଏଲଟିଟିଇର ଜଣେ ମହିଳା ଆତ୍ମଘାତୀ ବିସ୍ଫୋରଣ ଘଟାଇ ହତ୍ୟା କରିଥିଲେ । ଏଥିରେ ରାଜୀବଙ୍କ ସହ ୨୧ ଜଣଙ୍କ ମୃତ୍ୟୁ ଘଟିଥିଲା । ରାଜୀବ ଗାନ୍ଧି ହତ୍ୟା ମାମଲାରେ ୬ଜଣ ଦୋଷୀଙ୍କୁ ଖଲାସା କରାଯାଇଛି । ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତିକୁ ନିନ୍ଦା କରିଛି କଂଗ୍ରେସ । କୋର୍ଟଙ୍କ ଏହି ନିଷ୍ପତି ସମ୍ପୂର୍ଣ୍ଣଭାବେ ଭୁଲ ଅଟେ ଓ ଏହା ନିନ୍ଦନୀୟ ଘଟଣା । ଦଳ ଏକଥା ମଧ କହିଛି କି ସର୍ବୋଚ୍ଚ ନ୍ୟାୟଳୟଙ୍କ ନିଷ୍ପତି ଆଦୌ ଗ୍ରହଣନୀୟ ନୁହେଁ । ଏହା ଭିତରେ ନୂଆ ଘଟଣା ସାମ୍ନାକୁ ଆସିଛି । ରାଜୀବଙ୍କ ହତ୍ୟାକାରୀଙ୍କୁ ଖଲାସ କରିବା ପରେ ଏବେ ନିଜ ସ୍ତ୍ରୀକୁ ହତ୍ୟା କରି ଜେଲ ଦଣ୍ଡାଦେଶ ଭୋଗୁଥିବା ଦୋଷୀ ସ୍ୱାମୀ ଶ୍ରଦ୍ଧାନନ୍ଦ ମଧ ତାଙ୍କୁ ଖଲାସା କରାଯାଉ ବୋଲି ସେ ଦାବି କରିଛନ୍ତି । ସୁପ୍ରିମକୋର୍ଟରେ ଏକ ପିଟିସନ ଦାଖଲ କରିଛନ୍ତି । ଦୋଷୀଙ୍କ ଓକିଲ କହିଛନ୍ତି, ଯଦି ରାଜୀବଙ୍କ ହତ୍ୟାକାରୀଙ୍କୁ ସମୟ ପୂର୍ବରୁ ଖଲସା କରାଯାଉଛି ତେବେ ଶ୍ରଦ୍ଧା ନନ୍ଦଙ୍କୁ କଣ ପାଇଁ ଏହି ଅଧିକାର ମିଳିବ ନାହିଁ । କୋର୍ଟଙ୍କ ଏଭଳି ନିଷ୍ପତି ସମାନତା ଅଧିକାରର ଏହା ଉଲ୍ଲଂଘନ ବୋଲି ଶ୍ରଦ୍ଧାନନ୍ଦଙ୍କ ଓକିଲ ଯୁକ୍ତି ବାଢେଇଛନ୍ତି । ମହୀଶୁରରେ ସାକେରାଙ୍କୁ ବିବାହ କରିଥିଲେ ଶ୍ରଦ୍ଧାନନ୍ଦ । ତେବେ ଅର୍ଥଲୋଭରେ ତାଙ୍କ ୧୯୯୧ ମସିହାରେ ଜିଅନ୍ତା ପୋତି ହତ୍ୟା କରିଥିଲେ ଓ ପୁଲିସ ମାଟିତୁଳ ଖୋଲି ଶବ ଜବତ କରିଥିଲ । ୧୯୯୪ ମସିହାରେ ଦୋଷୀକୁ ଗିରଫ କରାଯାଇଥିଲା ହତ୍ୟା ମାମଲାରେ ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କ ମୃତ୍ୟୁଦଣ୍ଡାଦେଶକୁ କୋହଳ କରାଯାଇ ଆଜୀବନ କାରାଦଣ୍ଡ ପରିଣତ କରାଯାଇଥିଲା । ଦୋଷୀ ଶ୍ରଦ୍ଧାନନ୍ଦ ୨୯ବର୍ଷ ହେଲାଣି ଜେଲଦଣ୍ଡାଦେଶ କାଟୁଛନ୍ତି ।

## ବାରବାଟୀ ଷ୍ଟାଡିଅମ ସମେତ ୫ଟି ମ୍ୟୁନିସିପାଲ କର୍ପୋରେସନରେ ହକି ବିଶ୍ୱ କପ୍ ଉତ୍ସବ ପାଳନ କରାଯିବ




ଭୁବନେଶ୍ୱର/ରାଉରକେଲା, ୧୮/୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ରାଜ୍ୟ ମନ୍ତ୍ରୀ ପରିଷଦ ଆଜି ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୁଷ ହକି ବିଶ୍ୱକପ୍ ପ୍ରତିଯୋଗିତା ପ୍ରସ୍ତୁତି ସଂପର୍କରେ ସମୀକ୍ଷା କରାଯାଇଥିଲା। ଐତିହାସିକ କଟକ ବାରବାଟୀ ଷ୍ଟାଡିଅମ ସମେତ ୫ଟି ମ୍ୟୁନିସିପାଲ କର୍ପୋରେସନରେ ହକି ବିଶ୍ୱ କପ୍ ଉତ୍ସବ ପାଳନ କରାଯିବ। ଓଡିଶାର ଅଧିକାଂଶ ଜିଲ୍ଲା ସହିତ ସାରା ଦେଶରେ ଏହି ହକି ବିଶ୍ୱକପ ଟ୍ରଫି ପ୍ରଦର୍ଶନ ଯାତ୍ରା କରାଯିବ। ଏହି ସମୟରେ ଜିଲ୍ଲାସ୍ତରରେ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ବିକାଶ ପାଇଁ ବିଭିନ୍ନ ପ୍ରକାର ଉତ୍ସବର ଆୟୋଜନ କରାଯିବ। ସ୍କୁଲ, କଲେଜର ପିଲାମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବ ଏବଂ ସମସ୍ତଙ୍କ ଭିତରେ ବିଶେଷକରି ପିଲାମାନଙ୍କ ଭିତରେ କ୍ରୀଡା ପ୍ରତିଭାର ବିକାଶ ପାଇଁ ପଦକ୍ଷେପ ନିଆଯିବ। ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବା ରାଉରକେଲା ଓ ଭୁବନେଶ୍ୱର ସହରର ସୌନ୍ଦର୍ଯ୍ୟକରଣ କରାଯିବ। ସବୁ ବିଭାଗ ଏଥିପାଇଁ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରୁଛନ୍ତି । ରାଉରକେଲା ବିମାନ ବନ୍ଦରରୁ ନିୟମିତ ବିମାନ ସେବା ଆରମ୍ଭ ହେବ। ତାସହିତ ଖେଳାଳୀ ଓ ମ୍ୟାଚ ଅଫିସିଆଲ ମାନଙ୍କ ଯାତାୟତ ପାଇଁ ଚାଟର୍ଡ ଫ୍ଲାଇଟ୍ ର ବ୍ୟାବସ୍ଥା କରାଯାଉଛି। ଏହି ଅବସରରେ ୧୦୦ଟି ନୂଆ ବସ୍ ସହିତ ରାଉରକେଲାରେ ମୋ ବସ୍ ସେବା ଆରମ୍ଭ ହେବ। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମନ୍ତ୍ରୀ ପରିଷଦର ସଦସ୍ୟ ମାନଙ୍କୁ ବିଶ୍ୱକପ୍ ▶▶ପୃଷ୍ଠା ୭

# ବିଶ୍ୱକପ୍ ହକି-୨୦୨୩ ପ୍ରସ୍ତୁତି କାର୍ଯ୍ୟର ତଦାରଖ କଲେ ମୁଖ୍ୟ ଶାସନ ସଚିବ

ରାଉରକେଲା, ୧୮/୧୧ (ନି.ପ୍ର): ବିଶ୍ୱ କପ ହକି-୨୦୨୩ ର ପ୍ରସ୍ତୁତି କାର୍ଯ୍ୟ ରାଉରକେଲାରେ କିଭଳି ଚାଲିଛି ଏହାର ତଦାରଖ କରିବା ନିମନ୍ତେ ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଆଜି ପୂର୍ବାହ୍ନରେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ରାଉରକେଲାରେ ପହଂଚି ଥିଲେ । କୁହୁଡ଼ି ଯୋଗୁଁ ସେ ନିର୍ଦ୍ଧାରିତ ସମୟର ଏକ ଘଂଟା ବିଳମ୍ବରେ ପହଂଚି ସମସ୍ତ କାର୍ଯ୍ୟକୁ ତଦାରଖ କରିଥିଲେ । ଏହାପରେ ରାଉରକେଲା ବିମାନବନ୍ଦରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ, ସମସ୍ତ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ଏସବୁ କାମ ସରିବ ଓ ରାଉରକେଲା ସହରରେ ହେଉଥିବା ପ୍ରଦୂଷଣକୁ ନିୟନ୍ତ୍ରଣ କରାଯାଇ କ୍ରୀଡ଼ା ଉତ୍ସବ ଆୟୋଜିତ ହେବ । ଜାନୁଆରୀ ୧୩ ତାରିଖରୁ ଏହା ଆରମ୍ଭ ହୋଇ ଏହା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ରାଉରକେଲାରେ ୨୦ଟି ମ୍ୟାଚ୍ ଖେଳାଯିବ ।

ଏନେଇ ଅଧିକ ସୂଚନା ଦେଇ ସେ କହିଛନ୍ତି ଯେ, ୩୦ ନଭେମ୍ବର ସୁଦ୍ଧା ବିର୍ସାମୁଣ୍ଡା ଷ୍ଟାଡ଼ିୟମ ଏବଂ ରାଉରକେଲା ବିମାନବନ୍ଦରର ବାକି କାମ ଶେଷ ହେବ । ଏହାପରେ ଏଠାରେ ଏକ ପ୍ରୋ ଲିଗ୍ ମ୍ୟାଚ୍ ଇଣ୍ଡିଆନ ଟିମ୍ ଓ ଡେକାନ କଂଟ୍ରି ମଧ୍ୟରେ ଅନୁଷ୍ଠିତ ହେବ । ଫିଲ୍ଡକୁ ଟେଷ୍ଟ କରିବା ପାଇଁ ଏହି ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ଗସ୍ତ ସମୟରେ ସେ ଏୟାରପୋର୍ଟରୁ ସହରକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାର ସ୍ଥିତି ବାବଦରେ ମଧ୍ୟ ସମୀକ୍ଷା କରିଥିଲେ । ସେ ରୋଡ ଗୁଡ଼କର କାମ ମଧ୍ୟ ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଗଲାଣି । ଷ୍ଟାଡ଼ିୟମ ଚର୍ତୁପାର୍ଶ୍ୱରେ ପାର୍କିଂ ଏରିଆ ଗୁଡିକ ମଧ୍ୟ ଡେଭଲପ୍ ହୋଇଗଲାଣି । ଯାହାଦ୍ୱାରା ଖେଳ ଦେଖିବାକୁ ଆସିବାକୁ ଥିବା ହଜାର ହଜାର ସଂଖ୍ୟାରେ କ୍ରୀଡ଼ାପ୍ରେମୀ ସେମାନଙ୍କ ଗାଡିକୁ ସେଠାରେ ରଖିବେ । ସହଜରେ ଷ୍ଟାଡ଼ିୟମ୍ ମଧ୍ୟକୁ ପ୍ରବେଶ କରିପାରିବେ ଏବଂ ବାହାରିପାରିବେ । ଷ୍ଟାଡ଼ିୟମ୍ ମଧ୍ୟରେ ମଧ୍ୟ ଦର୍ଶକ ମାନଙ୍କ ପାଇଁ ଯଥେଷ୍ଟ ବ୍ୟବସ୍ଥା କରାଯାଇଛି । ବିଭିନ୍ନ ସ୍ଥାନରେ ଏଲଇଡ଼ି ସ୍କ୍ରିନ ଲାଗିବାର ମଧ୍ୟ ବ୍ୟବସ୍ଥା କରାଯିବ।

ମୁଖ୍ୟ ଶାସନ ସଚିବଙ୍କ ଏହି ଗସ୍ତ ସମୟରେ ରାଉରକେଲା ଏସପିଙ୍କ ସମେତ ଆରଏସପି ଓ ଜିଲ୍ଲା ପ୍ରଶାସନର ପଦାଧିକାରୀ ମାନେ ଉପସ୍ଥିତ ଥିଲେ । ମଧ୍ୟାହ୍ନ ସାଢ଼େ ୧୨ଟା ସୁଦ୍ଧା ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି ।

## ରବି ଧାନ ଚାଷ ପାଇଁ କେନାଲରେ ପାଣି ଯୋଗାଇ ଦେବାକୁ ସିନ୍ଧିକାଗୁଡା ଚାଷୀଙ୍କ ମୁଖ୍ୟ ନିର୍ମାଣ ଯନ୍ତ୍ରୀ କାର୍ଯ୍ୟାଳୟରେ ଫେରାଦ

ମୁଖୀଗୁଡା, ୧୮/୧୧ (ନି.ପ୍ର): ଇନ୍ଦ୍ରାବତୀ ବାମ କେନାଲ ନାଗଫେଣି ଡିଷ୍ଟ୍ରିବ୍ୟୁଟାରିର ସିନ୍ଧିକାଗୁଡା କେନାଲ ତଳମୁଣ୍ଡ ରେ ରହିଥିବା ଚାଷଜମିକୁ କେନାଲ ରେ ପାଣି ପରିଚାଳନା ଗତତ୍ରୁଟି କାରଣରୁ ଜଳସେଚନ ରୁ ବଂଚିତ ହେଉଥିବା ନେଇ ଗୁରବାର ସିନ୍ଧିକାଗୁଡା ଏବଂ ପୋଡ଼ାଗୁଡା ଗାଁ ର ଚାଷୀମାନେ ମୁଖୀଗୁଡା ସ୍ଥିତମୁଖ୍ୟ ନିର୍ମାଣ ଯନ୍ତ୍ରୀ ଙ୍କ କାର୍ଯ୍ୟାଳୟ ରେ ପହଂଚି ଲିଖିତ ଅଭିଯୋଗ କରିବା ସହ ବିଭାଗୀୟ କର୍ତୃପକ୍ଷ ଦାବି ଉପରେ ପଦକ୍ଷେପ ନନେଲେ ଆଗକୁ ରାଜରାସ୍ତା ରେ ଆନ୍ଦୋଳନ କରିବା ସହ ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ କୁ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି । ନାଗଫେଣି ଡିଷ୍ଟ୍ରିବ୍ୟୁଟାରି ଟିର୍କା ଖଟ ଗଡେନ ଠାରୁ ସିନ୍ଧିକାଗୁଡା କେନାଲ ଉପର ମୁଣ୍ଡ ରେ ରହିଥିବା ଚାଷି ପାଣି କୁ ଅବରୋଧ କରିବା ଫଳରେ ପାଣି ତଳମୁଣ୍ଡ କୁ ପହଂଚି ପାରୁନାହିଁ । ଏନେଇ ପୂର୍ବରୁ ଉପ ଜିଲ୍ଲାପାଳ ଙ୍କୁ ମଧ୍ୟ ଅଭିଯୋଗ କରିଛନ୍ତି ଚାଷି, ହେଲେ ଚାଷି ଙ୍କ ଅଭିଯୋଗ ଉପରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ ଇନ୍ଦ୍ରାବତୀ କେନାଲ କର୍ତୃପକ୍ଷ କିମ୍ବା ପ୍ରଶାସନକେହି ଶୁଣୁନଥିବା ଚାଷୀ ଅଭିଯୋଗ କରିଛନ୍ତି । ଚଳିତ ରବି ଧାନ ଚାଷ ପୂର୍ବରୁ କେନାଲ ମରାମତି କରି ଜଳସେଚନ ସୁବିଧା ଯୋଗାଇବା ପାଇଁ ଗୁରୁବାର ସିନ୍ଧିକାଗୁଡା ଓ ପୋଡ଼ାଗୁଡା ଗ୍ରାମର ଚାଷୀ ତପନ କୁମାର ମାଝୀ, ସଦନ ମାଝୀ, ଡମ୍ବରୁ ଧର ମାଝୀ, ବିମଳ ମାଝୀ, ଗିରିଧାରୀ ମାଝୀ, ଘାସିରାମ ଧଙ୍ଗଡା ମାଝୀ, ଯୁଗେଶ୍ୱର ମାଝୀ, ଶ୍ରୀଚନ ନାଏକ, ଟିକେମଣି ପୁଝାରି, ଜଳଧର ରାଉତ, ଗଗନେ ଶବର, ତୁଳାରାମ ରାଉତ, ମାନସ ରଞ୍ଜନ ସାହୁ ସମେତ ଅନେକ ଚାଷୀମାନେ ଉପର ଇନ୍ଦ୍ରାବତୀ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ରେ ଲିଖିତ ଅଭିଯୋଗ କରିଛନ୍ତି । ଏନେଇ ବିଭାଗୀୟ ସହକାରୀ ଯନ୍ତ୍ରୀ ପ୍ରତିକ୍ରିୟା ନେବାରୁ ଚାଷିଙ୍କ ଅଭିଯୋଗ ଅନୁସାରେ କ୍ଷେତ୍ର ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଛନ୍ତି ।

## ଜିଲ୍ଲା ଓକିଲ ସଂଘର ବୈଠକ

ଜୟପୁର, ୧୮/୧୧ (ନି.ପ୍ର): କୋର୍ଟ ବର୍ଜନ କରି ଆନ୍ଦୋଳନ କରୁଥିବା ଓକିଲ ଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବା ନେଇ ସୁପ୍ରିମକୋର୍ଟ ଚେତାବନି ଦେଇଛନ୍ତି । ହାଇକୋର୍ଟ ସ୍ଥାୟୀ ବେଂଚ ପ୍ରତିଷ୍ଠା ଦାବି ନେଇ ଜୟପୁର ଓକିଲ ସଂଘ ତରଫରୁ ମାସର ଶେଷ ୨ ଦିନ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରହିଛି । ଏହାକୁ ନେଇ ଜୟପୁର ସ୍ଥିତ ଜିଲା ଓକିଲ ସଂଘର ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଅବିଭକ୍ତ କୋରାପୁଟ ଜିଲାର ଜନସାଧାରଣ ,ସ୍ୱାର୍ଥ କୁ ନେଇ କଣ କରାଯାଇ ପାରିବ ସେ ନେଇ ଆଲୋଚନା କରାଯାଇଥିଲା । ଓକିଲ ସଂଘର ୧୪ ଜଣିଆ ଟିମ ଗଠନ କରାଯାଇଛି । ଏହି ଟିମ ଅବିଭକ୍ତ କୋରାପୁଟ ଜିଲାର ସମସ୍ତ ଓକିଲ ସଂଘ ସହ ଆଲୋଚନା କରିବ । ଆସନ୍ତା ୨୦ ତାରିଖ ରେ ଜିଲା ଓକିଲ ସଂଘ କାର୍ଯ୍ୟାଳୟରେ କୋର କମିଟିର ବୈଠକ ଅନୁଷ୍ଠିତ ହେବ । ବୈଠକରେ ସୁପ୍ରିମକୋର୍ଟ ଚେତାବନି ଉପରେ ଆଲୋଚନା କରାଯିବ । ଏହି ବୈଠକରେ ଜିଲାର ଓକିଲ ସଂଘର ସଭାପତି , ସମ୍ପାଦକ ଓ ୧୪ ଜଣିଆ କମିଟି ଉପସ୍ଥିତ ରହି ଆଲୋଚନା କରିବେ । ଏନେଇ କଣ ପଦକ୍ଷେପ ନେବା ଦରକାର ସେ ଉପରେ ଆଲୋଚନା ହେବ । ପ୍ରତି ମାସରେ ଶେଷ ଦୁଇ ଦିନ ଜାରି ରହିଥିବା କୋର୍ଟ ବର୍ଜନ ଆନ୍ଦୋଳନ ଜାରି ରହିବ ନା ବନ୍ଦ କରାଯିବ ସେ ନେଇ ସେହି ଦିନ ନିର୍ଯାସ ବାହାରିବ ଓ ପରବର୍ତ୍ତି ପଦକ୍ଷେପ ନିଆଯିବ ବୋଲି ସଂଘ ତରଫରୁ ସୁଚନା ଦିଆଯାଇଛି । ଏହି ବୈଠକରେ ସଭାପତି ସରୋଜ ଦାସ, ସମ୍ପାଦକ ଆନନ୍ଦ ରଥ, ଉପ ସଭାପତି ଗିରିଧର ଖରା ସହ ସଂଘର ସଦସ୍ୟ ମାନେ ଉପସ୍ଥିତ ଥିଲେ ।

# ସାମୁହିକ ବିପର୍ଯ୍ୟୟ ପରିଚାଳନା ନିମିତ ସୁବର୍ଣ୍ଣପୁର ଜିଲ୍ଲାରେ ଆଶ୍ରୟସ୍ଥଳୀ ସ୍ତରୀୟ ତାଲିମ ଶିବିର

ସୁବର୍ଣ୍ଣପୁର, ୧୮/୧୧ (ନି.ପ୍ର): ପ୍ରଶାସନ ସହିତ ଗୋଷ୍ଠୀ ମିଳିତ ହୋଇ ସଠିକ ଭାବରେ ବିପର୍ଯ୍ୟୟ ପରିଚାଳନା କରିବାର ଆବଶ୍ୟକତା ରହିଛି । ଗୋଷ୍ଠୀ ଗତ ଉଦ୍ୟମ ବିନା ବିପର୍ଯ୍ୟୟ ସୁପରିଚାଳନା ସମ୍ଭବ ହୋଇପାରିବ ନାହିଁ । ସାମୁହିକ ବିପର୍ଯ୍ୟୟ ପରିଚାଳନା ପାଇଁ ଗ୍ରାମ ସ୍ତରରେ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହାକୁ ହୃଦୟଙ୍ଗମ କରି ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷଙ୍କ ଆର୍ଥିକ ସହାୟତା ତଥା ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ, ସୁବର୍ଣ୍ଣପୁରଙ୍କ ସହାୟତାରେ ସୁବର୍ଣ୍ଣପୁର ଜିଲ୍ଲାର ୬ ଗୋଟି ବନ୍ୟା ଆଶ୍ରୟସ୍ଥଳୀ ଯଥା ସୋନପୁର ପାନ୍ଥଶାଳା ନିକଟସ୍ଥ ଓ ଆରକ୍ଷୀ ଅଧିକ୍ଷକ ସୋନପୁରଙ୍କ ବାସଭବନ ପଛପାଖ, ମୂଣ୍ଡୋଘାଟ, ସୁବଳୟା, ଦିଗଶିରା ଏବଂ ବିନିକା ବନ୍ୟା ଆଶ୍ରୟସ୍ଥଳୀ ଗୁଡିକରେ ୧୧ ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଆଶ୍ରୟସ୍ଥଳୀ ସ୍ତରୀୟ ତାଲିମ ଶିବିର କାର୍ଯ୍ୟକ୍ରମ ୧୬ ଅଗଷ୍ଟ ୨୦୨୨ ଠାରୁ ଆରମ୍ଭ ହୋଇ ୧୫ ସେପ୍ଟେମ୍ବର ୨୦୨୨ ମଧ୍ୟରେ ସମସ୍ତ ୬ ଗୋଟି ବନ୍ୟା ଆଶ୍ରୟସ୍ଥଳୀରେ ସଂପୂର୍ଣ୍ଣ ହୋଇଅଛି। ପ୍ରତ୍ୟେକ ବନ୍ୟା ଆଶ୍ରୟସ୍ଥଳୀରେ ୫ ଦିନ ପାଇଁ ୨୫ ଜଣ ସ୍ୱେଚ୍ଛାସେବୀଙ୍କୁ ସନ୍ଧାନ, ଉଦ୍ଧାର ଓ ଯନ୍ତ୍ରପାତି ପରିଚାଳନା, ୨ ଦିନ ପାଇଁ ୨୫ ଜଣ ସ୍ୱେଚ୍ଛାସେବୀଙ୍କୁ ପ୍ରାଥମିକ ଉପଚାର ଏବଂ ୪ ଦିନ ପାଇଁ ବନ୍ୟା ଆଶ୍ରୟସ୍ଥଳୀର ସମସ୍ତ ସଦସ୍ୟ/ସଦସ୍ୟାମାନଙ୍କୁ ଆଶ୍ରୟସ୍ଥଳୀ ପରିଚାଳନା ଓ ଦସ୍ତାବିଜ ଲେଖନ ଆଦି ବିଷୟରେ ତାଲିମ ପ୍ରଦାନ କରଯାଇଥିଲା । ରାଉଲକେଲାର ଶ୍ରୀ ଅମିତ କୁମାର ରାଉତ, ଶ୍ରୀ ସୁଦାମ ଚରଣ ସ୍ୱାଇଁ, ଶ୍ରୀ ପ୍ରଣବେଶ ଷଡଙ୍ଗୀ ଏବଂ ସୋନପୁରର ଶ୍ରୀ ଲବ କୁମାର ମେହେର, ଶ୍ରୀ ଧନୁର୍ଦ୍ଧର ନାଏକ ଓ ଶ୍ରୀ ପ୍ରମୋଦ କୁମାର ପଧାନ ଆଶ୍ରୟସ୍ଥଳୀ ଗୁଡିକରେ ୧୧ ଦିନ ବ୍ୟାପି ତାଲିମ ପ୍ରଦାନ କରିଥିଲେ। ଆଶ୍ରୟସ୍ଥଳୀ ନିମିତ ନିଯୁକ୍ତ ନୋଡାଲ ଅଫିସର ଏବଂ ନୋଡାଲ ଏନଜିଓର କର୍ମକର୍ତା ତାଲିମ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟନାରାୟଣ ଦାଶ ବିଭିନ୍ନ ଆଶ୍ରୟସ୍ଥଳୀ ପରିଦର୍ଶନ କରି ତାଲିମ ପର୍ଯ୍ୟବେକ୍ଷଣ କରିଥିଲେ । ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ଆନନ୍ଦ କୁମାର ପଣ୍ଡା ଓ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ରୀ ବିଶ୍ୱନାଥ ନାୟକ ତାଲିମ କାର୍ଯ୍ୟକ୍ରମର ତଦାରଖ କରୁଥିଲେ । ଜିଲ୍ଲା ପ୍ରଶାସନର ଏହି ପ୍ରସ୍ତୁତି ପୂର୍ବକ କାର୍ଯ୍ୟ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ସହାୟକ ହେବ ବୋଲି ଜନସାଧାରଣମାନଙ୍କ ମଧ୍ୟରେ ଆଲୋଚନା ହେଉଅଛି ।

# ନିଖିଳ ଓଡିଶା ନିର୍ମାଣ ଶ୍ରମିକ ସଂଘର ସମାବେଶ

କେନ୍ଦ୍ରାପଡ଼ା, ୧୮/୧୧ (ନି.ପ୍ର): କେନ୍ଦ୍ରାପଡା ର ନିଖିଳ ଓଡିଶା ନିର୍ମାଣ ଶ୍ରମିକ ସଂଘର ଏକ ସମାବେଶ ଗରଦପୁର ଶାଖା ତରଫରୁ ଅନୁଷ୍ଠିତ ହୋଇଯାଇଛି । ସୁକାନ୍ତ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ରାଜ୍ୟ ସାଧାରଣ ସଂପାଦକ ଅଶୋକ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାଂପ୍ରତିକ ପରିସ୍ଥିତିରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର କାର୍ଯ୍ୟଶୈଳୀ ପାଇଁ ଦିନକୁ ଦିନ ନିର୍ମାଣ ଶ୍ରମିକ ମାନେ ଆସ୍ଥା ହରେଇଲେଣି । ୩ ବର୍ଷରୁ ଉର୍ଦ୍ଧ୍ୱ ହେବ କେବଳ ମହିଳା ନିର୍ମାଣ ଶ୍ରମିକ ମାନେ ପରିଚୟପତ୍ର ପାଉ ନାହାଁନ୍ତି । ମହିଳା ଶ୍ରମିକ ମାନଙ୍କୁ କାହିଁକି ପଞ୍ଜିକରଣ କରାନଯିବ ତାର କୌଣସି ଉତର ଶ୍ରମ ଅଧିକାରୀ ଦେଉ ନାହାଁନ୍ତି । ଦୀର୍ଘ ୫ ବର୍ଷରୁ ଉର୍ଦ୍ଧ୍ୱ ହେବ ନିର୍ମାଣ ଶ୍ରମିକ ମାନଙ୍କୁ ସାଇକେଲ, ଯନ୍ତ୍ରପାତି ଓ ଶ୍ରମିକ ମାନଙ୍କ ପିଲାମାନଙ୍କୁ ଛାତ୍ରବୃତି, ଝିଅ ବାହାଘର ଅନୁଦାନ ମିଳୁନାହିଁ ଯାହା ଫଳରେ ନିର୍ମାଣ ଶ୍ରମିକ ମାନଙ୍କ ସମସ୍ୟା ଦିନକୁ ଦିନ ବଢି ଚାଲିଛି । ଶ୍ରମ କାର୍ଯ୍ୟାଳୟର ବେଆଇନ ଏବଂ ମନମୁଖୀ କାର୍ଯ୍ୟପାଇଁ ନିର୍ମାଣ ଶ୍ରମିକ ମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଆଗାମୀ ଦିନରେ ଏହାର ପ୍ରତିଫଳନ ହେବ ବୋଲି ରାଜ୍ୟ ସଂପାଦକ ଶ୍ରୀ ତ୍ରିପାଠୀ ପ୍ରକାଶ କରିଥିଲେ । ଆୟୋଜିତ ଏହି ସମାବେଶରେ ପ୍ରଦିପ୍ତ ସାମଲ, ଯଶୋବନ୍ତ ରାଉତ, ଉମାକାନ୍ତ ନାୟକ, କରୁଣାକର ପରିଡା, ରମେଶ ଦାସ, ଅମର ପାତ୍ର ପ୍ରମୁଖଙ୍କ ସହ ଶତାଧିକ ନିର୍ମାଣ ଶ୍ରମିକ ଉପସ୍ଥିତ ଥିଲେ । ସଭା ଶେଷରେ ଶ୍ରୀଚରଣ ବାହାଲିଆ ଧନ୍ୟବାଦ ଅର୍ପଣ କରିଥିଲେ ।

## ମିନି ପଲ୍ଲିଶ୍ରୀ ମେଳା ଜାନୁଆରୀ ୨୫ ରୁ ୨୭

ପୁରୀ, ୧୮/୧୧ (ନି.ପ୍ର): ପୁରୁଷ ହକି ବିଶ୍ୱକପ ୨୦୨୩ ଜାନୁଆରୀରେ ଆରମ୍ଭ ହେବ ।ଏହାକୁ ରାଜ୍ୟ ସରକାର ଆୟୋଜନ କରୁଥିବାରୁ ଆକର୍ଷଣୀୟ ଓ ଭବ୍ୟ ଭାବେ ପରିଚାଳନା କରିବାକୁ ସ୍ଥିର ହୋଇଛି । ହକି ବିଶ୍ୱକପର ସମୟ ମଧ୍ୟରେ ପୁରୀ ଜିଲ୍ଲା ପ୍ରଶାସନ ଏଥିପାଇଁ ୨୦୨୩ ଜାନୁଆରୀ ୨୫ ରୁ ୨୭ ତାରିଖ ପର୍ଯ୍ୟନ୍ତ ପୁରୀ ଲାଇଟ ହାଉସ ସମ୍ମୁଖରେ ଓରମାସ ପକ୍ଷରୁ ଏକ ମିନି ପଲ୍ଲିଶ୍ରୀ ମେଳାର ଆୟୋଜନ କରାଯାଇଛି । ମେଳାକୁ ଶୃଙ୍ଖଳିତ ଓ ସୁଚାରୁ ରୁପେ ସମ୍ପର୍ଣ୍ଣ ପାଇଁ ଜିଲ୍ଲାପାଳ ଶ୍ରୀ ସମର୍ଥ ବର୍ମା ଙ୍କ ଅଧକ୍ଷତାରେ ଏକ ବୈଠକ ଆଜି ଅପରାହ୍ନ ରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା । ଗ୍ରାଉଣ୍ଡର ବିକାଶ, ବିଦ୍ୟୁତ ଯୋଗାଣ, ପାନୀୟ ଜଳ ଯୋଗାଣ, ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ମେଳାରେ ବ୍ୟାଙ୍କ ଓ ଏଟିଏମ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟବସ୍ଥା ଓ ମେଳାରେ ଷ୍ଟଲ କରୁଥିବା ବ୍ୟକ୍ତି ମାନଙ୍କ ସୁବିଧା ରେ ରହିବା ବ୍ୟବସ୍ଥା ପାଇଁ ଆଲୋଚନା କରାଯାଇ ବିଭାଗୀୟ ଅଧିକାରୀ ଙ୍କୁ କାର୍ଯ୍ୟ ପରିଚାଳନା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ।

# ନବ ନିର୍ବାଚିତ ପଂଚାୟତ ସମିତି ସଭ୍ୟ/ସଭ୍ୟାଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଝାରସୁଗୁଡ଼ା, ୧୮/୧୧ (ନି.ପ୍ର): ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଂଚାୟତିରାଜ ପ୍ରତିଷ୍ଠାନ ଓ ଓଡିଶା ସରକାରଙ୍କ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ମିଳିତ ଆନୁକୂଲ୍ୟରେ ନବ ନିର୍ବାଚିତ ପଂଚାୟତ ସମିତି ସଭ୍ୟ/ସଭ୍ୟାଙ୍କ ତିନି ଦିନିଆ ପ୍ରାରମ୍ଭିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଚଳିତ ନଭେମ୍ବର ୧୭ରୁ ୧୯ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ପଂଚାୟତ ଅଧିକାରୀ ଅମ୍ବରିଷ ରଥ ଓ ଜିଲ୍ଲା ପରିଷଦ ଯୋଜନା ପରିଚାଳିକା ( ପ୍ରଶିକ୍ଷଣ ) ସୋମାନୀ ସାହୁ ଯୋଗ ଦେଇ ଉଦଘାଟନ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ଝାରସୁଗୁଡ଼ା , କୋଲାବିରା ଓ ଲଇକେରା ବ୍ଲକର ନବ ନିର୍ବାଚିତ ପଂଚାୟତ ସମିତି ସଭ୍ୟ/ସଭ୍ୟାମାନେ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଫାଇଭ ଟି ଓ ମୋ ସରକାର, ଶସକ୍ତ ଗ୍ରାମସଭା, ଅର୍ଥ ଆୟୋଗ ଅନୁଦାନ, ଗ୍ରାମ ପଂଚାୟତ ବିକାଶ ଯୋଜନା, ଗ୍ରାମ ପଂଚାୟତିର ଆର୍ଥିକ ପରିଚାଳନା, ପାନୀୟ ଜଳ ଯୋଗାଣ ଓ ସ୍ୱଚ୍ଛ ଭାରତ ମିଶନ, ଗ୍ରାମୀଣ ବାସଗୃହ, ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ମହିଳା ଶିଶୁ ବିକାଶ , ମିଶନ ଶକ୍ତି , ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କ୍ରୀଡା, ବିଦ୍ୟାଳୟ ଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିକାଶ , ଖାଦ୍ୟ ଯୋଗାଣ, ଇ-ପ୍ରଶାସନ ଓ ଅନ ଲାଇନ ସେବା, କୃଷି, ମତ୍ସ୍ୟ ପାଳନ ଓ ପଶୁ ସମ୍ପଦ, ବିପର୍ଯ୍ୟୟ ପରିଚାଳନାରେ ଗ୍ରାମ ପଂଚାୟତର ଭୂମିକା , ସାମାଜିକ ଗଣମାଧ୍ୟମର ଭୂମିକା ଆଦି ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି । ଆଦର୍ଶ ଗ୍ରାମ ପଂଚାୟତ ଗଠନ ଦିଗରେ ପଂଚାୟତ ସମିତି ସଭ୍ୟ/ସଭ୍ୟାଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିବା ସହ ନିଜ ନିଜ ପଂଚାୟତକୁ ଅଗ୍ରଣୀ ପଂଚାୟତରେ ପରିଣତ କରିବା ଦିଗରେ ଯତ୍ନବାନ ପୂର୍ବକ ଆନ୍ତରିକତାର ସହ ଦାୟିତ୍ୱ ନିର୍ବାହ ପାଇଁ ଉଭୟ ଶ୍ରୀ ରଥ ଓ ଶ୍ରୀମତୀ ସାହୁ ପରାମର୍ଶ ଦେବା ସହ ଦାୟିତ୍ୱ ନିର୍ବାହ ସମୟରେ ଏହି ପ୍ରଶିକ୍ଷଣ ସହାୟକ ହେବ ବୋଲି ଉଲ୍ଲେଖ କରିଥିଲେ । ଦକ୍ଷତା ବିକାଶ ଦ୍ୱାରା କିପରି ପଂଚାୟତ କାର୍ଯ୍ୟ ପରିଚାଳନାକୁ ଶସକ୍ତ ଓ ସଙ୍ଗଠିତ କରାଯାଇପାରିବ ତା ଉପରେ ଆଲୋକପାତ କରିଥିଲେ । ଗୋବର୍ଦ୍ଧନ ମହାନନ୍ଦ ଓ ଜୟନ୍ତୀ ବେହେରା ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ମା'' ସମଲେଶ୍ୱରୀ ଏଜୁକେସନ ଓ ୱେଲଫେୟାର ଟ୍ରଷ୍ଟ ସମସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ସହିଦ ମାଟିରୁ ଉଦ୍‌ଘାଟିତ ହେଲା ରାଜ୍ୟସ୍ତରୀୟ ପରବ

ଜୟପୁର, ୧୮/୧୧ (ନି.ପ୍ର): ଉଦଘାଟିତ ହୋଇଛି କୋରାପୁଟ ଜିଲ୍ଲାର ଲୋକ ମହୋତ୍ସବ ପରବ। କୋରାପୁଟ ଜିଲ୍ଲାର ସୀମାନ୍ତ ତଥା ସ୍ୱାଧୀନତା ସଂଗ୍ରାମୀ ସହୀଦ ଲକ୍ଷ୍ମଣ ନାୟକଙ୍କ ଗାଁ ତେନ୍ତୁଳିଗୁମ୍ମାର ଠାରେ ଜିଲ୍ଲାପାଳ ମହମ୍ମଦ ଆବୁଦୁଲା ଅକ୍ତରଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲକା ଯୋଗ ଦେଇଥିଲେ । ସନ୍ମାନୀୟ ଅତିଥିଭାବେ ଜିଲ୍ଲା ପରିଷଦ ଅଧିକ୍ଷକ୍ଷ, ସସ୍ମିତକ୍ଷ ମେଲେକା, ଉପାଧକ୍ଷ ରାଧାବିନୋଦ ସାମନ୍ତରାୟ, କୋରାପୁଟ ବିଧାୟକ ରଘୁରାମ ପୋଡାଲ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋଟପାଡ଼ ବିଧାୟୟିକା ପଦ୍ମିନୀ ଦିଆନ, ସ୍ୱତନ ଉନ୍ନୟନ ଅଧକ୍ଷ ଚନ୍ଦ୍ର ଶେଖର ମାଝୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁଜକ୍ଷନୀ, ପୋଟାଙ୍ଗୀ ବିଧାୟକ ପର୍ପ୍ରିତମ ପକ୍ଷଡ଼ି, ବୈପାରୀଗୁଡା ବ୍ଲକ ଅଧକ୍ଷ ପ୍ରଶାନ୍ତ ଗୁପ୍ତା ପ୍ରମୁଖ ମଂଚାସିନ ହୋଇଥିଲେ । ଜମିଥିଲା ସାଂସ୍କୃତିକ କାର୍ଯ୍ୟକ୍ରମର ଆସର । ପାରମ୍ପିରିକ ଲୋକନୃତ୍ୟ, ଗୀତ ଓ ବାଦ୍ୟରେ କମ୍ପିଥିଲା ପରିବେଶ । ଏହା ପୂର୍ବରୁ ସ୍ଥାନୀୟ ମା ମାଉଲି ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ପରବ ମଂଚରେ ପହଂଚିଥିଲା । ସହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତି ଠାରେ ପୁଷ୍ପମାଲ୍ୟ ପର୍ପଣ କରାଯାଇଥିଲା। ଅତିଥିଙ୍କ ଦ୍ୱାରା ପରବ ପଷ୍ଟର ଏବଂ ବେନେର ଉଦଘାଟନ ହୋଇଯାଛି । ତେନ୍ତୁଳିଗୁମ୍ମାରେ ପ୍ରଥମ ଥର ପାଇଁ ପରବ ଆୟୋଜିତ ହୋଇଥିବାରୁ ଲୋକେ ବେଶ ଉତ୍ସାହିତ ଅଛନ୍ତି । ରାଜ୍ୟ ସ୍ତରୀୟ ଆସିବାସୀ ସଂସ୍କୃତିକ ଉତ୍ସବର ରୌପ୍ୟ ଜୟନ୍ତୀ ପାଳନ ନିମନ୍ତେ ଆଜି ଉଦଘାଟନ ହୋଇଯାଇଛି ।

## ମୋ ସେବାକେନ୍ଦ୍ର ସହାୟତାରେ କୃଷି କର୍ମଶାଳା ଅନୁଷ୍ଠିତ

କନ୍ଧମାଳ, ୧୮/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା କୃଷି ବିଭାଗ ପରିସରରେ ମୋ ସେବାକେନ୍ଦ୍ର ତରଫରୁ କୃଷକ ମାନଙ୍କ ହିତ ଉଦେଶ୍ୟରେ ବିନା ଶୁଳ୍କରେ ସୁବିଧା,ସହଜରେ କୃଷକ ରେଜିଷ୍ଟ୍ରେସନ କାର୍ଡ ପାଇପାରିବେ । ରାଜ୍ୟସରକାରଙ୍କ ପ୍ରତି ପଂଚାୟତରେ ଥିବା ମୋ ସେବାକେନ୍ଦ୍ର ମାଧ୍ୟମରେ ଚାଷୀମାନେ କୃଷୀ ପଞ୍ଜିକରଣ ଡିସେମ୍ବର ୩୧ତାରିଖ ଧାର୍ଯ୍ୟ କରିଛନ୍ତି ରାଜ୍ୟ ସରକାର ।ଏହି ତାରିଖ ସୁଧା ସମସ୍ତ ଚାଷୀ କୃଷୀ ପଞ୍ଜିକରଣ କରିବାକୁ ଏକ ସଚେତନତା କାର୍ଯ୍ୟକ୍ରମ ବାଲିଗୁଡା କୃଷୀବିଭାଗ ପରିସରରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବାଲିଗୁଡା ସହକାରୀ କୃଷୀ ପରିଚାଳକ ସତ୍ୟଜିତ ସାହୁ ମୋ ସେବାକେନ୍ଦ୍ର ସହଜ ଟେନର ଆଶିଷ ମହାପାତ୍ର,କନ୍ଧମାଳ ଜିଲ୍ଲା ମୋ ସେବାକେନ୍ଦ୍ର ଡିଏମ ଜିତେନ୍ଦ୍ର କୁମାର ସାହୁ,ସହକାରୀ କୃଷୀ ଅଧିକାରୀ ଜଗନ୍ନାଥ ସେନାପତି ସମେତ ପ୍ରତ୍ୟକ ପଂଚାୟତର ମୋ ସେବାକେନ୍ଦ୍ରର ପରିଚାଳକ ମାନେ ଉପସ୍ଥିତ ଥିଲେ ।

## ଛାତ୍ରାବାସରେ ଜୁନିଅରଙ୍କୁ ମାଡ଼ ଘଟଣା: ପ୍ରଶାସନର ରାତିଅଧିଆ ଯାଂଚ୍

କନ୍ଧମାଳ, ୧୮/୧୧ (ନି.ପ୍ର): କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଗ୍ରୀନବାଡ଼ିରେ ଥିବା ମଙ୍ଗଳ ବିଭାଗ ଛାତ୍ରାବାସରେ ସପ୍ତମ ଶ୍ରେଣୀ ଛାତ୍ରଙ୍କୁ ଦଶମ ଛାତ୍ରମାନେ ମାଡ଼ ମାରିବା ଭିଡିଓ ଭାଇରାଲ ହେବା ପରେ ସ୍ଥାନୀୟ ପ୍ରଶାସନ ଏବେ କଠୋର ହୋଇଛି । ଦାରିଙ୍ଗବାଡ଼ି ବିଡିଓ ଗଦାଧର ପାତ୍ର ବୁଧବାର ବିଳମ୍ବିତ ରାତିରେ ଶ୍ରାନିକେତା ପଂଚାୟତ ଦଣ୍ଡିମାହା ଛାତ୍ରାବାସରେ ପହଂଚି ଯାଂଚ୍ କରିଛନ୍ତି । ଛାତ୍ରଙ୍କୁ ଦିଆଯାଉଥିବା ଖାଦ୍ୟର ମାନକୁ ଯାଂଚ୍ ସହ ସେମାନଙ୍କ ପାଠପଢ଼ା, ରହିବା, ଚଳଣି ଆଦି ଅନୁଧ୍ୟାନ କରିଛନ୍ତି । ସେହିପରି ଛାତ୍ରାବାସର ସୁପରିଟେଣ୍ଡେଂଟ ତଥା ପ୍ରଧାନଶିକ୍ଷକ ରୋହିତ କୁମାର ପ୍ରଧାନଙ୍କ ସହ ଆଲୋଚନା କରିଛନ୍ତି । ଛାତ୍ରମାନେ ପାଠପଢ଼ା ପ୍ରତି ଧ୍ୟାନ ଦେବା ସହ ଛାତ୍ରାବାସରେ କିଭଳି ଶୃଙ୍ଖଳାରେ ଚଳିବେ ବିଡିଓ ପରାମର୍ଶ ଦେଇଛନ୍ତି । ବିଡିଓ ଶ୍ରୀ ପାତ୍ର କହିଛନ୍ତି ଯେ, ଏବେ ପ୍ରତିଦିନ ରାତ୍ରିକାଳୀନ ପାଟ୍ରୋଲିଂ ସହ ବିଭିନ୍ନ ଛାତ୍ରାବାସକୁ ବିଡିଓ, ତହସିଲଦାର ଗସ୍ତ କରି ଯାଂଚ୍ କରିବେ । ଯେଉଁଠି ସମସ୍ୟା ଦେଖାଦେବ ବିଦ୍ୟାଳୟ କର୍ତୃପକ୍ଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେହିପରି ବିଡିଓ ବ୍ଲକର ୨୫ ପଂଚାୟତରେ ରହିଥିବା ଛାତ୍ରାବାସର ସମସ୍ତ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ, ୱାର୍ଡେନ, ସୁପରିଟେଣ୍ଡେଂଟଙ୍କୁ ନେଇ ବ୍ଲକ ସଭାଗୃହରେ ବୈଠକ କରିଥିଲେ । ବୈଠକରେ ମାସିକ ସମୀକ୍ଷା ସହ ଛାତ୍ରାବାସ ସୁପରିଚାଳନା ଲାଗି ବିଡିଓ ଶ୍ରୀ ପାତ୍ର ଏବଂ ଗୋଷ୍ଠୀ ମଙ୍ଗଳ ସଂପ୍ରସାରଣ ଅଧିକ୍ାରୀ ବୁରୁ ପଡ୍ରା ମାଝି ପ୍ରମୁଖ ପରାମର୍ଶ ଦେଇଥିଲେ ।

# ଆମ୍ବାକୁଣ୍ଡର ପୁନଃରୁଦ୍ଧାର ପାଇଁ ଆଗେଇ ଆସିଛନ୍ତି ଖଇରପୁଟ ଅଂଚଳର ଯୁବକ

ମାଲକାନଗିରି, ୧୮/୧୧ (ନି.ପ୍ର): ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର କୁହାଯାଏ ମାଲକାନଗିରି ଜିଲ୍ଲାକୁ । ଏହି ଗନ୍ତାଘରର ଅନ୍ୟତମ ହେଉଛି ଖଇରପୁଟ ବ୍ଲକରେ ଅବସ୍ଥିତ ଆମ୍ବାକୁଣ୍ଡ । ଯାହାକି ପୁରାଣ ବର୍ଣ୍ଣିତ ରାମାୟଣରେ ମଧ୍ୟ ଏହା ଉଲ୍ଲେଖ ରହିଛି । କିନ୍ତୁ, ଆଜି ଏହା ଦୟନୀୟ ଅବସ୍ଥାରେ ପଡ଼ି ରହିଥିବା ବେଳେ ଆମ୍ବାକୁଣ୍ଡକୁ ପୁନଃରୁଦ୍ଧାର କରିବା ପାଇଁ ଆଗେଇ ଆସିଛନ୍ତି ଖଇରପୁଟ ଅଂଚଳର କିଛି ଯୁବକ । ପ୍ରତ୍ୟକ ରବିବାର ଦିନ ଏଠାରେ ଆସି କିଛି କାର୍ଯ୍ୟ କରୁଥିବା ଦେଖା ଦେଇଛି । ଏଠାରେ ଆସି ଅପରିଷ୍କାର ହୋଇ ପଡିରହିଥିବା କୁଣ୍ଡକୁ କିଛି ଯୁବକ ସଫା କରିବା ସହ ପଡ଼ି ରହିଥିବା ଶୁଖିଲା ଗଛ ଗୁଡ଼ିକ ଆଉ କିଛି ଯୁବକ କାଟି ସଜାଡ଼ିବାରେ ଲାଗିଛନ୍ତି । ରାମାୟଣ ବର୍ଣ୍ଣିତ ମହିମା ଅନ୍ୟତମ କାରଣ । ଏଠି ପ୍ରଭୁ ଶ୍ରୀ ରାମ ବନବାସ ସମୟରେ ଦଣ୍ଡକାରଣ୍ୟ ଅଂଚଳକୁ ଆସିବା ସମୟରେ ମାତା ସୀତା ପ୍ରଭୁଙ୍କ ସହ ଏହି କୁଣ୍ଡରେ କିଛି ସମୟ ଅତିବାହିତ କରିଥିଲେ । ଏବଂ ଅତିବାହିତ କରୁଥିବା ସମୟରେ ଏହି କୁଣ୍ଡର ମାଛ ମାନଙ୍କୁ ମାତା ସୀତା କିଛି ଖାଇବାକୁ ଦେଉଥିଲେ । ସେବେ ଠାରୁ ଏହି କୁଣ୍ଡର ମାଛ ମାନଙ୍କୁ କେହି ଖାଆନ୍ତି ନାହିଁ ବୋଲି ପୁରାଣରେ ବର୍ଣ୍ଣିତ ରହିଛି । ସେହି ହିସାବରେ ଆମ୍ବାକୁଣ୍ଡର ଅର୍ଥ ହେଉଛି ତେଲୁଗୁରେ ଆମ୍ବା ମାନେ ମାଆ ତେଣୁ ମାତା ସୀତାଙ୍କ ହିସାବରେ ମାଆ କୁଣ୍ଡ, ସେହି ସମୟରୁ ଏହି କୁଣ୍ଡ ର ନାମ ଆମ୍ବାକୁଣ୍ଡ ବୋଲି ପୁରାଣ ବର୍ଣ୍ଣିତ ରହିଛି । ଆଜି ସେହି ଆମ୍ବାକୁଣ୍ଡ କେବଳ ଆମ୍ବାକୁଣ୍ଡ ହୋଇ ରହିନାହିଁ ଏହା ଏକ ପର୍ଯ୍ୟଟନ ସ୍ଥଳୀ ଭାବରେ ମାନ୍ୟତା ପାଇଛି । କିନ୍ତୁ, ଏହି ପର୍ଯ୍ୟଟନ ସ୍ଥଳୀକୁ ପୁନଃରୁଦ୍ଧାର କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି ।

# ପାସପୋର୍ଟ ଓ ଭିସା କରାଇବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଠକେଇ ଅଭିଯୋଗ

କେନ୍ଦ୍ରାପଡ଼ା, ୧୮/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ବେକାରୀ ସମସ୍ୟା ବଢୁଥିବା ବେଳେ କେତେକ ଯୁବକ ବିଦେଶ ଯାଇ ରୋଜଗାର କରିବା ଉଦ୍ୟମ କରି ଠକେଇର ସମ୍ମୁଖୀନ ହେଉଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । କେନ୍ଦ୍ରାପଡା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ନରେନ୍ଦ୍ରପୁର, ସଂସାରଫଳ ପ୍ରଭୃତି ଗ୍ରାମର ୨୫ଜଣ ଯୁବକ କୁଏତ ଯିବାପାଇଁ ଭିସା ଓ ପାସପୋର୍ଟ ଆବଶ୍ୟକ ଥିବାରୁ ଆଳି ଥାନା ଅଧିନ ବେଲେଶ୍ୱର ଗ୍ରାମର ଅମୁଲ୍ୟ ମଲିକ ସେମାନଙ୍କ ଠାରୁ ଜଣ ପିଛା ୧ ଲକ୍ଷ କରି ଟଙ୍କା ଭିସା ଓ ପାସପୋର୍ଟ କରାଇ ଦେବାପାଇଁ ନେଇଥିଲେ । ସେପ୍ଟେମ୍ବର ୨୮ରେ ଏମାନେ କୁଏତ ଯିବାପାଇଁ ଦିଲ୍ଲୀ ଯାଇ ଅପେକ୍ଷା କରିଥିବା ବେଳେ ଏମାନଙ୍କୁ ଭିସା ଓ ପାସପୋର୍ଟ ଆଦି ମିଳି ନଥିଲା । ଫଳରେ ୧୫ଦିନ କାଳ ଦିଲ୍ଲୀରେ ରହି ଗ୍ରାମକୁ ଫେରିବା ପରେ ଅମୂଲ୍ୟକୁ ଖୋଜିବାରୁ ଅମୂଲ୍ୟର ଦେଖା ନପାଇ ଏହି ଯୁବକ ମାନେ ଥାନା ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟିବା ପରେ କୌଣସି ସୁଫଳ ନମିଳିବାରୁ ଗୁରୁବାର ବିଶ୍ୱ ରଞ୍ଜନ ମହାନ୍ତି, ସନ୍ଦିପ କୁମାର ମଲିକ, ମନୋଜ କୁମାର ମଲିକ, ପ୍ରକାଶ କୁମାର ରଥ, ସରୋଜକାନ୍ତ ନାୟକ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣାଙ୍କୁ ଭେଟି ଅଭିଯୋଗ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ।

## ସ୍ତ୍ରୀକୁ ନିର୍ଯାତନା ଅଭିଯୋଗ, ସ୍ୱାମୀ ଗିରଫ

ଜୟପୁର, ୧୮/୧୧ (ନି.ପ୍ର): ସ୍ତ୍ରୀକୁ ନିର୍ଯାତନା ଦେଉଥିବା ଅଭିଯୋଗରେ ସ୍ୱାମୀକୁ ଗିରଫ କରିଛି ଜୟପୁର ମହିଳା ଥାନା ପୋଲିସ । ଗିରଫ ଅଭିଯୁକ୍ତ ସ୍ୱାମୀ ହେଲା ବୋରିଗୁମ୍ମା ଥାନା ଅନ୍ତର୍ଗତ ମୁଣ୍ଡାଗୁଡାର ପ୍ରଶାନ୍ତ କୁମାର ବାଘ (୨୬) । ପୋଲିସର ସୂଚନା ଅନୁଯାୟୀ, ମୁଣ୍ଡାଗୁଡାର ପ୍ରଶାନ୍ତ କୁମାର ବାଘ ଗତ ୮ ବର୍ଷ ତଳେ ବଙ୍ଗଳାଗୁଡାର ନାବାଳିକାକୁ ପ୍ରେମ ବିବାହ କରିଥିଲେ । ତାଙ୍କର ୨ଟି ସନ୍ତାନ ମଧ୍ୟ ଅଛି । ବିବାହିତ ଜୀବନ କିଛି ମାସ ଭଲରେ ଚାଲିଥିବା ବେଳେ ପରବର୍ତି ସମୟ ସ୍ତ୍ରୀକୁ ଶାରିରିକ ଓ ମାନସିକ ନିର୍ଯ୍ୟାତନା ଦେଉଥିବା ନେଇ ସ୍ୱାମୀଙ୍କ ନାମରେ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ୧୨୯/୨୨ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ଅଭିଯୁକ୍ତ ପ୍ରଶାନ୍ତ କୁମାର ବାଘକୁ ଗିରଫ କରି କୋର୍ଟଚାଲାଣ କରିଥିବା ମହିଳା ଥାନା ଅଧିକାରି ମମତା ପାଣିଗ୍ରାହୀ ସୂଚନା ଦେଇଛନ୍ତି ।



# ଅଜାଗା ଘା'

ପାରାଲିସିସ୍ କିମ୍ବା ଦୀର୍ଘମିଆଦୀ ରୋଗ ଭୋଗୁଥିବା ଜଣେ ରୋଗୀ, ଯେ କି ନିଜର ସମସ୍ତ ସ୍ପର୍ଶ ଶକ୍ତି ବା ଅନୁଭବ ଶକ୍ତି ହରାଇ ଦେଇଥାଏ, ସେ ଏହି ପୀଡ଼ାକୁ ଅନୁଭବ କରିପାରେ ନାହିଁ କିମ୍ବା ନିଜର ଅବସ୍ଥିତିକୁ ପରିବର୍ତ୍ତନ କରିପାରେ ନାହିଁ । ଫଳରେ ଦୀର୍ଘ ସମୟର ଚାପ ହେତୁ ତା' ଦେହରେ ବେଡ୍‌ସୋର୍ ହୋଇଥାଏ ।

ସାଧାରଣତଃ ଓଡ଼ିଆରେ ଗୋଟିଏ ଲୋକପ୍ରିୟ ଆପ୍ତବାକ୍ୟ ରହିଛି- 'ଅଜାଗା ଘା' କାହାକୁ ଦେଖିହୁଏ ନାହିଁ କି ଦେଖାଇ ହୁଏ ନାହିଁ ।' ଅର୍ଥାତ୍ ଶରୀରର ଅଭ୍ୟନ୍ତର ତଥା ଗୋପନୀୟ ସ୍ଥାନରେ ଯନ୍ତ୍ରଣାସିକ୍ତ ଘା', ସ୍ୱାଭାବିକ ଭାବରେ ଦେଖିହୋଇ ନଥାଏ କି ଲଜ୍ଜାବଶତଃ ଜଣେ କାହାକୁ ଦେଖାଇ ମଧ୍ୟ ପାରିନଥାଏ । ତେବେ ସମ୍ପ୍ରତି ଚିକିତ୍ସା ପଦ୍ଧତିର ବ୍ୟାପକତା ଓ ସ୍ୱାସ୍ଥ୍ୟ ପ୍ରଯୁକ୍ତିରେ ବିସ୍ମୟାତୀତ ଭାବରେ ବିଭିନ୍ନ ଅତ୍ୟାଧୁନିକ ସର୍ଜରୀ ପଦ୍ଧତି ବା ଔଷଧ ବ୍ୟବହାରରେ ଅଜାଗା ଗା' ଆଉ ସେପରି ଭୟଙ୍କର ହୋଇ ରହିନାହିଁ ।

ଅଚଳ ଅବସ୍ଥାରେ ଜଣେ ଲୋକ ବିଛଣାରେ ଶୋଇ ରହିଲେ ଦେହର ଯେଉଁ ସ୍ଥାନ ବିଛଣାର ସଂସ୍ପର୍ଶରେ ଆସୁଥାଏ, ସାଧାରଣତଃ ସେହିଠାରେ ହିଁ ବେଡ୍‌ସୋର ହୋଇଥାଏ । ଏହି ସ୍ଥାନଗୁଡ଼ିକ ଭିତରେ ଦୁଇ ଗୋଇଠି, ପିଚା, ଦୁଇ କହୁଣି, ମେରୁ ହାଡ଼ର ନିମ୍ନଭାଗ ବା ତ୍ରିକାସ୍ଥି ଅଞ୍ଚଳ, କାନ୍ଧଫଳକ ଆଦି ପ୍ରଧାନ । ଦେହର ଓଜନ ସାଧାରଣତଃ ଏହିସବୁ କେନ୍ଦ୍ର ଦେଇ ବିଛଣାକୁ ବା ଭୂମିକୁ ଗତି କରିଥାଏ ଓ ସେଇଥିପାଇଁ ଏହିସବୁ ଅଞ୍ଚଳର ଅଧିକ ଚାପ ପଡ଼ି ବେଡ୍‌ସୋର୍ ହୋଇଥାଏ ।

ଏହି ଅଞ୍ଚଳଗୁଡ଼ିକରେ ଦେହର ଓଜନର ଚାପ ଏତେ ଅଧିକ ପରିମାଣର ପଡ଼େ ଯେ, ଏଠାରେ ଥିବା ରକ୍ତନଳୀଗୁଡ଼ିକ ଚାପି ହୋଇ ସଂକୁଚିତ ଓ ରକ୍ତଶୂନ୍ୟ ହୋଇଯାନ୍ତି । ଫଳରେ ସେହିସବୁ ଅଞ୍ଚଳକୁ ଆଉ ରକ୍ତ ପ୍ରବାହିତ ହୋଇପାରେ ନାହିଁ । ଏହାଦ୍ୱାରା ସେହିସବୁ ଅଞ୍ଚଳର ତନ୍ତୁଗୁଡ଼ିକ ଆବଶ୍ୟକ ପୁଷ୍ଟି ପାଇ ପାରନ୍ତି ନାହିଁ ଓ ମୃତ ହୋଇଯାନ୍ତି । ତନ୍ତୁ ମୃତ ହୋଇଗଲେ କ୍ଷତ ବା ଘା' ସୃଷ୍ଟି ହୁଏ । ଏହି କ୍ଷତକୁ ହିଁ ବେଡ୍‌ସୋର୍ କୁହାଯାଏ ।



ବିଛଣାରେ ଶୋଇଥିବା ବେଳେ ଏହିସବୁ ଅଞ୍ଚଳରେ ଦେହର ଚାପ ପଡ଼ିଲେ ଜଣେ ସାଧାରଣ ସୁସ୍ଥ ଲୋକ ତାହା ସଜରେ ଅନୁଭବ କରିପାରେ । ଏହା ଯୋଗୁଁ ତାକୁ ସାମାନ୍ୟ ପୀଡ଼ା ହୁଏ ଓ ତାହା ଜାଣି ପାରି ସେ ନିଜର ଅବସ୍ଥିତି ବଦଳାଇ ଦେଇ କଡ଼ ଲେଉଟାଇ ଶୁଏ । କିନ୍ତୁ ପାରାଲିସିସ୍ କିମ୍ବା ଦୀର୍ଘମିଆଦୀ ରୋଗ ଭୋଗୁଥିବା ଜଣେ ରୋଗୀ, ଯେ କି ନିଜର ଅବସ୍ଥିତିକୁ ପରିବର୍ତ୍ତନ କରିପାରେ ନାହିଁ । ଫଳରେ ଦୀର୍ଘ ସମୟର ଚାପ ହେତୁ ତା' ଦେହରେ ବେଡ୍‌ସୋର୍ ହୋଇଥାଏ ।

ଅତି ବୃଦ୍ଧ ଲୋକମାନେ ନିଜ ଦେହର ପୀଡ଼ା ସାମାନ୍ୟ ପରିମାଣରେ ଅନୁଭବ କରିପାରୁଥିଲେ ମଧ୍ୟ ନିଜର ଅବସ୍ଥାନ ପରିବର୍ତ୍ତନ କରିବା ପାଇଁ ଶକ୍ତିହୀନ ହୋଇପଡ଼ିଥାନ୍ତି ।

ଫଳରେ ଗୋଟିଏ ଅବସ୍ଥାରେ ଶୋଇ ରହି ସେମାନେ ବେଡ୍‌ସୋର୍ ଭୋଗିଥାନ୍ତି । ଖାଦ୍ୟାଭାବ, ମନ୍ଦ ପୁଷ୍ଟି, ରକ୍ତହୀନତା ଆଦି ରୋଗରେ ରୋଗୀ ନିଜର ଚଳତ୍‌ଶକ୍ତି ହରାଇବସେ ଓ ବିଛଣାରେ ଏପଟ ସେପଟ ହୋଇପାରେ ନାହିଁ । ଫଳରେ ଖୁବ୍ ସହଜରେ ସେ ବେଡ୍‌ସୋରରେ ଶିକାର ହୁଏ । ଅତି କ୍ଷୀଣକାୟ ଲୋକମାନଙ୍କର ଅସ୍ଥି ଓ ଚର୍ମ ମଧ୍ୟରେ ଅତି ଅଳ୍ପ ପରିମାଣରେ ଚର୍ବି ରହିଥାଏ, ଯାହା ଫଳରେ ଚାପ ପଡୁଥିବା ଅଞ୍ଚଳଗୁଡ଼ିକରେ ଅଧିକ ଚାପ ପଡ଼ି ବେଡ୍‌ସୋର୍ ସୃଷ୍ଟି ହୋଇଥାଏ ।

ତେବେ ଅନେକ ରୋଗୀଙ୍କ କ୍ଷେତ୍ରରେ ଦେଖାଯାଇଥାଏ କି ସବୁ ଘା' ବେଡ୍‌ସୋର୍ ହୋଇନଥାଏ । ଭୁଲ ଭାବରେ ବା ଅପ୍ରଶିକ୍ଷିତ ଭେଷଜ ତତ୍ତ୍ୱାବଧାରକମାନଙ୍କଠାରୁ ଯନ୍ତ୍ରଣା ନିବାରକ, ଆଣ୍ଟିବାୟୋଟିକ୍ ଇଂଜେକ୍‌ସନ୍ ନେବା ଦ୍ୱାରା ମଧ୍ୟ କ୍ଷତଟି ପରବର୍ତ୍ତୀ ସମୟରେ ଭୟଙ୍କର ଘା'ର ରୂପ ନେଇ ତାହା ଅପରେସନ୍ ବା ସ୍ଥଳବିଶେଷରେ ପ୍ଲାଷ୍ଟିକ୍ ସର୍ଜରୀର ସହାୟତା ନେବାକୁ ପଡ଼ିଥାଏ । ଯାହାକି ବହୁ ବ୍ୟୟବହୁଳ ଓ ସମୟସାପକ୍ଷ । ଜଣକରର ନିର୍ଦ୍ଦିଷ୍ଟ ଚିକିତ୍ସା ବା ନିଦାନ ବ୍ୟବସ୍ଥା ପାଇଁ ଭେଷଜ ଚିକିତ୍ସକ ବା ଶଲ୍ୟ ବିଶେଷଜ୍ଞ ନିର୍ଦ୍ଧାରିତ ଭାବରେ ରୋଗୀ ପାଇଁ ସ୍ୱାସ୍ଥ୍ୟପଯୋଗୀ ଚିକିତ୍ସା ବ୍ୟବସ୍ଥା କରିଥାନ୍ତି । ତଥାପି ସଚେତନତାର ଅଭାବ, ଅପରିଷ୍କାର ତ୍ୱଚା ବା ଶରୀର ପାଇଁ ବେଡ୍‌ସୋର୍ ପରି ବା ସେହିପରି ଦୀର୍ଘକାଳୀନ ଘା'ର ଚିକିତ୍ସା ଭିନ୍ନ ଭିନ୍ନ ଡ୍ରେସିଂ ଓ ଘା'ରେ ପାଣିସେକ ଦ୍ୱାରା ମଧ୍ୟ ରୋଗୀ ଦ୍ରୁତ ଆରୋଗ୍ୟ ଲାଭ କରୁଛନ୍ତି ।



### ସତର୍କତା :

- ବେଡସୋର୍ ବା ସେହିପରି ଯନ୍ତ୍ରଣାଦାୟକ ଘା' ପାଇଁ ଭୟଭୀତ ହୁଅନ୍ତୁ ନାହିଁ ।
- ଗୁଣିଗାରେଡି, ହୁକୁମ୍ ବା ଦେଶୀୟ ଚିକିତ୍ସା ଅପେକ୍ଷା ତୁରନ୍ତ ସର୍ଜରୀ ବିଶେଷଜ୍ଞଙ୍କ ସାହାଯ୍ୟ ନିଅନ୍ତୁ ।
- ରୋଗୀ ନିଜର ବିଛଣାପତ୍ର ପରିଷ୍କାର ରଖନ୍ତୁ, ସ୍ନାନ ନ କରୁଥିଲେ ଚିକିତ୍ସକଙ୍କ ପରାମର୍ଶାନୁଯାୟୀ
- ଦେହର ସବୁ ଆଡ଼େ ଉଷୁମ ପାଣିରେ ଡେଟଲ୍ ବା ସାଭଇଲ୍ ପାଣିରେ ପୋଛି ଦିଅନ୍ତୁ । ଦେହରେ ସ୍ୱାସ୍ଥାନୁମୋଦିତ ପାଉଡର ବ୍ୟବହାର କରିପାରନ୍ତି ।
- ଘା' ସଫା ବା ସଂସ୍ପର୍ଶରେ ଆସୁଥିବା ବର୍ଜ୍ୟବସ୍ତୁ ଗଜ୍ ଇତ୍ୟାଦି ଘରଠାରୁ ଯଥେଷ୍ଟ ଦୂରରରେ ପୋଡ଼ି ଦିଅନ୍ତୁ ।
- ରୋଗୀଙ୍କ ସଂସ୍ପର୍ଶରେ ଆସୁଥିବା ଚିକିତ୍ସକ ବା ଡ୍ରେସର୍‌ଙ୍କ ସମେତ ସମସ୍ତେ ଗ୍ଲୋଭ୍‌ସ ବ୍ୟବହାର କରିବା କଥା କିମ୍ବା ହାଇଜେନିକ୍ ସାବୁନ୍‌ରେ ହାତ ସଫା ରଖନ୍ତୁ ।
- ଦୀର୍ଘ ଦିନ ଘା' ଶୁଖିବା ମଧୁମେହର ବି ଅନ୍ୟତମ ଲକ୍ଷଣ । ରକ୍ତ ଅପରିଷ୍କାରର ଭୟ ରହିଛି । ରକ୍ତ ପରୀକ୍ଷା ଏ କ୍ଷେତ୍ରରେ ଜରୁରୀ ।
- କ୍ଷତର ଅଭ୍ୟନ୍ତରରେ ଗଜ୍ ବା ତୁଳା ସଦାସର୍ବଦା ଧୂଳି ଓ ପବନଠାରୁ ଦୂରେଇ ରହିବା ଅତ୍ୟନ୍ତ ଜରୁରୀ । ଷ୍ଟେରିଲାଇଜ୍‌ଡ ଜିନିଷ ବ୍ୟବହାର କରନ୍ତୁ ।
- ଏହା ପାଇଁ ବିଚଳିତ, ଚିନ୍ତିତ ନ ହୋଇ ବରଂ ଭଲ ଭାବରେ ଡ୍ରେସିଂ ହୋଇ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ନିଜ ଦାୟିତ୍ୱ ଓ କର୍ମରେ ବ୍ୟସ୍ତ ରୁହନ୍ତୁ ।
- ସଦା ସର୍ବଦା ଈଶ୍ୱର ଚିନ୍ତନରେ ନିମଗ୍ନ ରହି ନିଜେ ଜଣେ ରୋଗୀ ଏ ଚିନ୍ତା ଆଦୌ ମନ ଭିତରକୁ ଆଣନ୍ତୁ ନାହିଁ, ଦେଖିବେ ଆପଣ ଜାଣିନଥିବେ କିନ୍ତୁ ଘା' ବା କ୍ଷତ ଜମା ନଥିବ ।

## ଭୁଲି ଯାଆନ୍ତୁ ଔଷଧ

ପ୍ରତିଦିନ ରାତିରେ ୫ଟି ପିସ୍ତା ବାଦାମକୁ ଭିଜାଇ, ସକାଳେ ଏହାକୁ ଖାଇ ଆପଣ ପିଅନ୍ତୁ । ଦେଖିବେ ଲୋ ବ୍ଲଡ ପ୍ରେସରରୁ ଆରାମ ମିଳିବା ସହ ସ୍ମରଣ ଶକ୍ତିକୁ ବି ପ୍ରଖର ହେବ ।

ଗଣ୍ଠି ଯନ୍ତ୍ରଣାରୁ ବ୍ୟସ୍ତ ଅଛନ୍ତି, ତା ହେଲେ ଅମୃତଭଣ୍ଡାର କୋମଳ ପତ୍ରକୁ ବାଟି ଯନ୍ତ୍ରଣା ହେଉଥିବା ସ୍ଥାନରେ ଲଗାନ୍ତୁ ଆରାମ ମିଳିବ ।

ତୁଳସୀ ମଞ୍ଜିକୁ ବଡ଼ ଦାନା ମୁକ୍ତ ଚିନି ଓ କ୍ଷୀର ସହିତ ମିଶାଇ ପିଇଲେ ମୂତ୍ରାଶୟରେ ଅଟକି ଥିବା ଷ୍ଟୋନ ଦୂର ହୋଇଥାଏ ।

ପ୍ରତିଦିନ ସକାଳୁ ଖାଲି ପେଟରେ ଅଧା ଚାମଚ ମେଥି ଚୂର୍ଣ୍ଣକୁ ନଖ ଉଷୁମ ପାଣିରେ ମିଶାଇ ସେବନ କଲେ ଗଣ୍ଠି ଯନ୍ତ୍ରଣାରୁ ଉପଶମ ମିଳିବ ।



## ଦିନ ବେଳା ଶୁଅନ୍ତୁ ନାହିଁ

ଗବେଷକଗଣ ବିଭିନ୍ନ ବର୍ଗର ଓ ପ୍ରାନ୍ତର ୩ଲକ୍ଷ ବ୍ୟକ୍ତିଙ୍କୁ ନେଇ ୨ବର୍ଷ ଗବେଷଣା କରିବା ପରେ ଏକ ଜରୁରୀ ତଥ୍ୟ ପ୍ରକାଶ କରିଛନ୍ତି । ସେମାନଙ୍କ ତଥ୍ୟରୁ ପ୍ରକାଶିତ ଯେ ଦିନବେଳା ଲୋକେ ଶୋଇବା ସ୍ୱାସ୍ଥ୍ୟ ପାଇଁ ସମ୍ପୂର୍ଣ୍ଣ କ୍ଷତିକାରକ । ଯଦିଓ ବୟସ୍କ ଲୋକଙ୍କୁ ଥକାପଣ ଲାଗୁଛି କିମ୍ବା ନିଦ ଦିନେବେଳା ଅଧିକ ଲାଗୁଛି, ତେବେ ସେମାନେ ପୁସ୍ତକ ପଢ଼ିବା ଉଚିତ ନଚେତ ଅନ୍ୟ କୌଣସି କାମରେ ନିଜକୁ ବ୍ୟସ୍ତ ରଖିବା ଆବଶ୍ୟକ । କାରଣ ଦିନବେଳା ଶୋଉଥିବା ବ୍ୟକ୍ତିଙ୍କୁ ମଧୁମେହ ଆକ୍ରାନ୍ତ ହେବାର ସମ୍ଭାବନା ସର୍ବାଧିକ ।

## ମହିଳାଙ୍କୁ ଅଧିକ ବିଶ୍ରାମର ଆବଶ୍ୟକତା



ପ୍ରତ୍ୟେକ ପରିବାରରେ ମହିଳାଙ୍କ ଦାୟିତ୍ୱ ସବୁଠୁ ଅଧିକ, ଏହି ତଥ୍ୟକୁ ଆମେ ସ୍ୱୀକାର ନ କଲେ ମଧ୍ୟ ଏହା ନିରାଟ ସତ। ଏକବିଂଶ ଶତାବ୍ଦୀର ମହିଳାମାନେ କର୍ମଚଞ୍ଚଳ ହେବା ସହ ଅଧିକ ଦାୟିତ୍ୱବାନ୍ ଓ ସଚେତନ ହୋଇପଡ଼ିଛନ୍ତି । ଇଂଲଣ୍ଡରେ କର୍ମଜୀବୀ ମହିଳାଙ୍କୁ 'ମଲ୍ଟିଟାସ୍କର' ଭାବେ ଜଣାଯାଏ । ପରିବାର କଥା ହେଉ ଅବା ଅନ୍ୟ କିଛି ବିଷୟ ସବୁ ବାବଦରେ ସେମାନେ ଚିନ୍ତିତ ରହିଥାନ୍ତି। ନିକଟରେ ହୋଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ପ୍ରାୟ ୩୭% ରୁ ଅଧିକ ମହିଳା ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏହା ପଛର କାରଣ ହେଲା ସେମାନଙ୍କୁ ପର୍ଯ୍ୟାପ୍ତ ବିଶ୍ରାମ ମିଳୁନାହିଁ । ମହିଳାଙ୍କ ମସ୍ତିଷ୍କକୁ ବିଶ୍ରାମ ମିଳିବା ନିତାନ୍ତ ଜରୁରୀ ହୋଇପଡ଼ିଛି । ଅତିକମ୍‌ରେ ଗୋଟିଏ ଦିନ ଭିତରେ ୭-୮ଘଣ୍ଟା ସେମାନେ ଶୋଇବା ଆବଶ୍ୟକ । ନଚେତ ଏହାର ପ୍ରଭାବରେ ମହିଳାମାନେ ଅବସାଦ ରୋଗର ଶିକାର ହେବାର ସମ୍ଭାବନା ସର୍ବାଧିକ । ଗର୍ଭାବସ୍ଥା ସମୟରେ ସେମାନେ ନିଜ ସ୍ୱାସ୍ଥ୍ୟ ବାବଦରେ ସବୁଠୁ ଅଧିକ ସଚେତନ ରହିବା ଆବଶ୍ୟକ ବୋଲି ବିଶେଷଜ୍ଞଙ୍କ ମତ । ଆମେରିକୀୟ ଗବେଷକଙ୍କ ମତରେ ରବିବାର ଛୁଟିରେ ପରିବାର ପୁରୁଷମାନେ ନିଜ ଛୁଟିର ପ୍ଲାନିଂ କରୁଥିବାବେଳେ ମହିଳାମାନେ କିନ୍ତୁ ବିଶ୍ରାମ ପାଆନ୍ତି ନାହିଁ । ଏଣୁ ପ୍ରଥମେ ପରିବାରର ଲୋକେ ହିଁ ମହିଳାଙ୍କ ପ୍ରତି ସଚେତନ ହେବା ଜରୁରୀ ଅଟେ ।



## କୋକେନ୍ ନିଶା ଦୂର କରିବ ବ୍ୟାୟାମ



ଚିନ୍ତା, ମାନସିକ ଚାପ, ନକାରାତ୍ମକ ଭାବନା ଓ ଜୀବନ ପ୍ରତି ବିତୃଷ୍ଣା ଭାବ ଆଦି ଅନେକ କାରଣରୁ କିଛି ଲୋକେ କୋକେନ ନିଶାରେ ପଡ଼ିଯାଆନ୍ତି । କିନ୍ତୁ ନିୟମିତ ଏରୋବିକ୍ କରିବା ଦ୍ୱାରା ମାନସିକ ଚାପଜନିତ କୋକେନ ନିଶା ହ୍ରାସ ପାଏ । ଏ ନେଇ ପଶୁଙ୍କ ଉପରେ ଅଧ୍ୟନ କରାଯାଇଛି । ଚାପଜନିତ ବ୍ୟବହାରିକ ଓ ମାନସିକ ପ୍ରତିକ୍ରିୟାରେ ମଧ୍ୟ ବ୍ୟାୟାମ ପରିବର୍ତ୍ତନ ଆଣେ । କୋକେନ ନିଶାରେ କବଳିତ ବ୍ୟକ୍ତିଙ୍କଠାରେ ଚାପଜନିତ ସ୍ନାୟବିକ, ବ୍ୟବହାରିକ ଓ ମାନିସକ ପ୍ରତିକ୍ରିୟାରେ ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ୟୁବି ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଅନ ଆଡିକ୍ସନସ ଆଣ୍ଡ ଡିପାର୍ଟମେଣ୍ଟ ଅଫ୍ ଫାର୍ମାକୋଲୋଜି ଆଣ୍ଡ ଟକ୍ସିକୋଲେଜିର ବରିଷ୍ଠ ବୈଜ୍ଞାନିକ ଥାନୋସ ଏହି ଅଧ୍ୟନର ନେତୃତ୍ୱ ନେଇଥିଲେ । ବ୍ୟାୟାମ କିପରି ମସ୍ତିଷ୍କର ମେସୋଲିମ୍ବିକ୍ ଡୋପାମାଇନ ମାର୍ଗକୁ ପରିବର୍ତ୍ତନ କରିପାରେ, ଯାହା କୋକେନ ଭଳି ଔଷଧର ଗୁଣ ସହ ସଂଶ୍ଳିଷ୍ଟ ସଦ୍ୟ ଅଧ୍ୟନରେ ତାହା ଦର୍ଶାଯାଇଛି । ଏଥିସହ ବ୍ୟାୟାମ ଚାପ ହରମୋନକୁ ହ୍ରାସ କରିବା ସହିତ ମନ ଭଲ ରଖେ । ଉଦବେଗ ଓ ନକାରାତ୍ମକ ଭାବନା ଦୂରୀକରଣ ସହ ଏହାର ସମ୍ପର୍କ ରହିଥିବା ବିହେଭିଓରାଲ ବ୍ରେନ ରିସର୍ଚ୍ଚ ପତ୍ରିକାରେ ଅଧ୍ୟୟନଟି ପ୍ରକାଶ ପାଇଛି।

## ମଙ୍ଗୌଡ଼ି ପାମ୍ପଡ଼ ତରକାରି

ମୁଗ ଡାଲିକୁ ଭିଜାଇ ପେଷ୍ଟ କରି ତାହାକୁ ବଡ଼ି ଆକାରରରେ କରି ଖରାରେ ଶୁଖାଇ ଦିଆଯାଏ । ଶୁଖିଗଲା ପରେ ତାହାକୁ ଡବାରେ ରଖି ଆବଶ୍ୟକ ସମୟରେ ବ୍ୟବହାର କରାଯାଏ ।



**ଆବଶ୍ୟକ ସାମଗ୍ରୀ:**
ମଙ୍ଗୌଡ଼ି- ଅଧା କପ୍, ମାଧ୍ୟମ ଆକାରର ପାମ୍ପଡ଼-୨ଟି, କଦ୍ଦୁକଷ ହୋଇଥିବା ଅଦା-୧ ଛୋଟ ଚାମଚ, କଞ୍ଚା ଲଙ୍କା-୧ଟି, ଜିରା- ୧ ଚାମଚ, ହିଙ୍ଗୁ- ୧ ଚୁଟ୍‌କି, ହଳଦୀ-୧/୪ ଚାମଚ, ଧନିଆ ପାଉଡର-୧/୨ ଚାମଚ, ଲଙ୍କା ପାଉଡର-୧/୨ ଚାମଚ, ସ୍ୱାଦ ଅନୁସାରେ ଲୁଣ, ଘିଅ-୧/୨ ଚାମଚ, ଗରମ ମସଲା-୧/୨ ଚାମଚ, ପାଣି-୨ କପ୍, କଟା ଯାଇଥିବା ଧନିଆ ପତ୍ର ।

**ପ୍ରଣାଳୀ:**
କଞ୍ଚା ଲଙ୍କାକୁ କଟା ହେବ । କୁକର୍‌ରେ ଘିଅ ଗରମ କରି ସେଥିରେର ଜିରା ପକାଇ କିଛି ସମୟ ରଖନ୍ତୁ । ଏବେ ସେଥିରେ ହିଙ୍ଗୁ ପକାନ୍ତୁ । କଦ୍ଦୁକଷ ହେଇଥିବା ଅଦାକୁ ପକାଇ ଭାଜନ୍ତୁ । ଏବେ ସେଥିରେ ମଙ୍ଗୌଡ଼ି ପକାନ୍ତୁ । ମଙ୍ଗୌଡ଼ି ଭାଜି ହେବା ପାଇଁ ୨-୩ ମିନିଟ୍ ଲାଗିବ । ଏବେ ସେଥିରେ କଞ୍ଚା ଲଙ୍କା, ଲୁଣ, ଲଙ୍କା ପାଉଡର, ହଳଦୀ ଓ ଧନିଆ ପାଉଡର ଦେଇ ଭଲ ଭାବରେ ମିଶାଇ ଦିଅନ୍ତୁ । ତା' ପରେ ସେଥିରେ ଦୁଇ କପ୍ ପାଣି ମିଶାଇ ଫୁଟାନ୍ତୁ । କୁକର୍‌ରେ ଘୋଡ଼ଣୀ ହୋଇ ଗୋଟେ ସିଟି ମାରିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । କଡ଼ାଇରେ ରାନ୍ଧୁଥିଲେ ମଧ୍ୟମ ଆଞ୍ଚରେ ମଙ୍ଗୌଡ଼ି ସିଝିବା ପର୍ଯ୍ୟନ୍ତ ତରକାରିକୁ ଘୋଡ଼େଇ ରଖନ୍ତୁ । ପାମ୍ପଡ଼କୁ ଦେଢ଼ ବା ଦୁଇ ଇଞ୍ଚର ଭାଙ୍ଗି ମଙ୍ଗୌଡ଼ିରେ ପକାନ୍ତୁ । ୨-୩ ମିନିଟ୍ ଆଞ୍ଚରେ ରଖନ୍ତୁ । ତରକାରିରେ ପାଣି କମ୍ ହୋଇଗଲେ ଗରମ ପାଣି ମିଶାଇ କିଛି ସମୟ ଫୁଟାଇ ଗ୍ୟାସ୍ ବନ୍ଦ କରନ୍ତୁ । ଏବେ ଧନିଆ ପତ୍ର ପକାଇ ସର୍ଭ କରନ୍ତୁ । ଏହି ତରକାରୀ ପରଟା, ପୁରି ଓ ଭାତ ସହିତ ମଧ୍ୟ ଖାଇପାରିବେ ।

## ସ୍ୱାସ୍ଥ୍ୟ ମନ୍ତ୍ର

କାହା ପାଇଁ କେତେ କାଲୋରି: ସାଧାରଣ କାମ କରୁଥିବା ୬୦ କିଲୋ ଓଜନର ପୁରୁଷଙ୍କ ଦୈନିକ ଆବଶ୍ୟକତା ହେଉଛି ୨୪୨୫ କାଲୋରି । ଏହି ବର୍ଗର ପୁରୁଷ ମଧ୍ୟମ ଧରଣର ଶ୍ରମ କରୁଥିଲେ, ୩୮୦୦ କାଲୋରି । ସେହିପରି ସାଧାରଣ କାମ କରୁଥିବା ୫୦ କିଲୋ ଓଜନର ମହିଳାଙ୍କ ଦୈନିକ ଆବଶ୍ୟକତା ହେଉଛି ୧୮୭୫ କାଲୋରି । ଏହି ବର୍ଗର ମହିଳା ମଧ୍ୟମ ଧରଣର ଶ୍ରମ କରୁଥିଲେ, ଦରକାର ୨୨୨୫ କାଲୋରି । ଆଉ ଅଧିକ ଶ୍ରମ କରୁଥିଲେ, ୨୯୨୫ କାଲୋରି । ୫୦ କିଲୋ ଓଜନର ଗର୍ଭବତୀ ମହିଳାଙ୍କର ଲୋଡ଼ା ୩୨୨୫ କାଲୋରି ଏବଂ ସ୍ତନ୍ୟପାନ କରାଉଥିଲେ ୩୪୭୫ କାଲୋରି । ୧୩-୧୫ ବର୍ଷ ବୟସ୍କ ବାଳକ (୪୮ କିଲୋ)ର ଲୋଡ଼ା ୨୪୫୦ କାଲୋରି ଏବଂ ବାଳିକାର (୪୭କିଲୋ) ୨୦୬୦ କାଲୋରି । ସେହିପରି ୧୬-୧୮ ବଷୟ ବୟସ୍କ ବାଳକ (୫୭ କିଲୋ) ୨୦୬୦ କାଲୋରି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

# ଶାନ୍ତି ଓ ସ୍ଥିରତାର ମନ୍ତ୍ର....

ଇଣ୍ଡୋନେସିଆ ରାଜଧାନୀ ବାଲିଠାରେ ସଦ୍ୟ ସମାପ୍ତ ଜି-୨୦ ଶିଖର ବୈଠକରେ ଘୋଷଣାନାମା ବିଶ୍ୱ ପାଇଁ ଏକାଧିକ ଦୃଷ୍ଟିରୁ ଆଶ୍ୱସ୍ତି ପହଞ୍ଚାଇଛି । କେବଳ ବୈଶ୍ୱିକ ଆର୍ଥିକ ସଂକଟ ନୁହେଁ, ଶାନ୍ତି ଓ ସ୍ଥିରତା ଏବଂ ସୌହାର୍ଦ୍ଧ୍ୟ ବଜାୟ ରଖିବା ଦିଗରେ ମଧ ଏହି ପାଇଁ ଏହା ଏକାଧିକ ଦିଗରୁ ଉଲ୍ଲେଖନୀୟ ବୋଲି କୁହାଯାଇପାରେ । ପ୍ରଥମତଃ ବାଲି ଘୋଷଣାନାମା ଚିଠା ପ୍ରସ୍ତୁତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସକ୍ରିୟ ଭୂମିକାକୁ ସଭିଏଁ ସ୍ୱୀକାର କରିଛନ୍ତି । ଅନ୍ୟପକ୍ଷରେ, ଏହି ପଦଭାର ସମ୍ଭାଳିବ ଏବଂ ଆସନ୍ତା ବର୍ଷ (୨୦୨୩) ସେପ୍ଟେମ୍ବର ୯-୧୦ ତାରିଖ ଦିନ ନୂଆଦିଲ୍ଲୀରେ ଶିଖର ବୈଠକ ଆୟୋଜନ କରିବ । ଜି-୨୦ ସଂଗଠନର ବାଲି ଘୋଷଣାନାମା ବିଶ୍ୱର ଅନେକ ନେତୃବର୍ଗଙ୍କୁ ପୁଣି ଥରେ ପରସ୍ପରର ନିକଟତର କରାଇଛି । କୋଭିଡ ମହାମାରୀ ଯୋଗୁଁ ଗତ ଦୁଇବର୍ଷ ଧରି ଜି-୨୦ ଶିଖର ବୈଠକ ଭର୍ଚୁଆଲ ମୋଡ୍‌ରେ ହିଁ ଅନୁଷ୍ଠିତ ହୋଇଥିଲା ଏବଂ ପ୍ରମୁଖ ରାଷ୍ଟ୍ରମୁଖ୍ୟ ନିଜ ନିଜ ଦେଶ ଛାଡ଼ି ସମ୍ମିଳନୀରେ ଯୋଗ ଦେଇନଥିଲେ । ପୁନଶ୍ଚ ୟୁକ୍ରେନ ଯୁଦ୍ଧ ଦୀର୍ଘ ନଅ ମାସ ଧରି ଜାରି ରହିଥିବା ଯୋଗୁଁ ଏବେ ବହୁ ନେତା ପରସ୍ପର ଠାରୁ ଦୂରେଇ ଯାଇଥିଲେ । ଯେପରିକି ୟୁକ୍ରେନ ଯୁଦ୍ଧ ଓ ତାଇୱାନ ସମସ୍ୟା ମୁଣ୍ଡ ଟେକିବା ପରଠାରୁ ମାର୍କିନ ଏବଂ ଚୀନ ରାଷ୍ଟ୍ରପତିଙ୍କ ମଧ୍ୟରେ ଏହା ପ୍ରଥମ ସାକ୍ଷାତ ଆଲୋଚନା ଥିଲା । ରାଷ୍ଟ୍ରପତି, ଇଟାଲି ପ୍ରଧାନମନ୍ତ୍ରୀ ଆଦିଙ୍କ ସହ ସାକ୍ଷାତ ଆଲୋଚନା ଅନ୍ତ ଘଟିବା ଓ ସେଠାରୁ ରୁଷ୍ ସେନା ପ୍ରତ୍ୟାହାର ପାଇଁ ଆହ୍ୱାନ ଯୋଗାଣ ଚେନ୍‌କୁ ସୁରକ୍ଷିତ ରଖିବା, ଖାଦ୍ୟ ଓ ଶକ୍ତି ନିରାପତ୍ତା ଆଦି ଏବଂ ବିଶ୍ୱ ଜନସଂଖ୍ୟା ୮୦୦ କୋଟି ଛୁଇଁଛି, ସେପରି ସ୍ଥଳେ ଖାଦ୍ୟ ଓ ଶକ୍ତି ନିରାପତ୍ତା, ପରିବେଶ ସୁରକ୍ଷା ଓ ବିଶ୍ୱ ଉତ୍ତାପନ ନିୟନ୍ତ୍ରଣ ପାଇଁ ବୈଶ୍ୱିକ ସହଯୋଗ ଏକାନ୍ତ ଜରୁରି ହୋଇପଡ଼ିଛି । ତେଣୁ ଏକବିଂଶ ସହଯୋଗ, ବିକଶିତ ଓ ବିକାଶଶୀଳ ରାଷ୍ଟ୍ରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା, ପ୍ରଯୁକ୍ତି ହସ୍ତାନ୍ତରଣ, ଆର୍ଥିକ ସହାୟତା ପ୍ରଦାନ ବାସ୍ତବତାରେ ପରିଣତ ହୋଇଛି । ବିଶ୍ୱ ଏବେ ଯେଉଁସବୁ ସମସ୍ୟାର ସମ୍ମୁଖୀନ ହେଉଛି, ତାହାର ବ୍ୟାପକତା ଦୃଷ୍ଟିରେ ସେଥିପାଇଁ ସମୂହ ମୁକାବିଲା ଲୋଡ଼ା । ଏହା ବିଂଶ ଶତାବ୍ଦୀର ଚିନ୍ତାଧାରା ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ତେଣୁ ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ପ୍ରାଧାନ୍ୟ ଯେତିକି ଆବଶ୍ୟକ, ଭାରତ ଓ ଏବେ ସଭିଏଁ ଗ୍ରହଣ କରିବା ଆରମ୍ଭ କରିଛନ୍ତି । ବାଲି ସମ୍ମିଳନୀ ଆହୁରି ପୁଟିନଙ୍କ ପାଇଁ ଏକ ବାସ୍ତବ ତଥା ବନ୍ଧୁତ୍ୱପୂର୍ଣ୍ଣ ପରାମର୍ଶ ଭାବେ ଗ୍ରହଣୀୟ ହୋଇଛି । ଆଗାମୀ ଏକବର୍ଷ ଧରି ଭାରତ ଓ ଜି-୨୦ ଗୋଷ୍ଠୀର ପ୍ରାୟ ୨୦୦ରୁ ଅଧିକ ମାନସ ମନ୍ଥନ ଓ ବିଚାର ଆଲୋଚନା ଆଦିର ଆୟୋଜନ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ୟକ୍ତିତ୍ୱ ଓ ଲୋକପ୍ରିୟତା ଏବଂ ଭାରତର କ୍ରମବର୍ଦ୍ଧିଷ୍ଣୁ ବିଶ୍ୱ ନେତୃତ୍ୱ ଦୃଷ୍ଟିରୁ ବିଶ୍ୱରେ ଶାନ୍ତି, ସ୍ଥିରତା ଆର୍ଥିକ ନିରାପତ୍ତା, ଖାଦ୍ୟ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ଭଳି ବିପତ୍ତିକୁ ନିୟନ୍ତ୍ରଣ କରିବା ଦିଗରେ ଅନେକ ବାସ୍ତବଧର୍ମୀ ନିଷ୍ପତ୍ତି ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଶା କରାଯାଇପାରେ ।

# ବୀରଙ୍ଗନା ଝାନସିରାଣୀ ଲକ୍ଷ୍ମୀବାଇ



ବିଶ୍ୱବିଜୟୀ ଦାଶ



ଭାରତୀୟ ନାରୀ ମାନଙ୍କର ବୀରତ୍ୱ ର ଗରିମାର ଗାଥା ଏବଂ ସାହାସିକତା ଓ ନିର୍ଭିକତାର କଥା ସବୁବେଳେ ଇତିହାସରେ ସୋର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ।ସେହି ବୀରଙ୍ଗନା ମାନଙ୍କ ମଧ୍ୟରୁ ଝାନସୀ ର ରାଣୀ ଲକ୍ଷ୍ମୀବାଇ ହେଉଛନ୍ତି ଅନ୍ୟତମ ।

ଲକ୍ଷ୍ମୀବାଇଙ୍କ ଜନ୍ମ ୧୮୨୮ ମସିହା ନଭେମ୍ବର ୧୯ ତାରିଖରେ ବାରଣାସୀରେ ଏକ ବ୍ରାହ୍ମଣ ପରିବାରରେ ହୋଇଥିଲା । ତାଙ୍କ ପିଲାବେଳର ନାମ ମଣିକର୍ଣ୍ଣିକା ଓ ଡାକ ନାମ ମନୁ ଥିଲା ।ତାଙ୍କ ପିତାଙ୍କ ନାମ ମୋରପନ୍ତ ତାମ୍ବେ ଓ ମାତାଙ୍କ ନାମ ଭାଗିରଥୀ ବାଈ ଥିଲା ।ମନୁ, ମାତ୍ର ୪ ବର୍ଷର ହେଇଥିବା ବେଳେ ତାଙ୍କ ମାତା ମୃତ୍ୟୁବରଣ କରିଥିଲେ ।

ଲକ୍ଷ୍ମୀବାଈ ଝାନସୀର ରାଜା ଗଙ୍ଗାଧର ରାଓଙ୍କୁ ବିବାହ କରିଥିଲେ । ତାଙ୍କର କୈଣସି ସନ୍ତାନ ନ ଥିଲେ ।୧୮୫୩ ମସିହାରେ ରାଜା ଗଙ୍ଗାଧରଙ୍କ ମୃତ୍ୟୁ ପରେ ତାଙ୍କର ପୌଷ୍ୟ ସନ୍ତାନ ଦାମୋଦରଙ୍କୁ ଇଂରେଜ ମାନେ ସ୍ୱୀକାର ନକରି ଝାନସୀକୁ ନିଜ କବଳ ନେଇଥିଲେ । ଏହି ସମୟରେ ରାଣୀ ଲକ୍ଷ୍ମୀବାଇ ବିରୋଧ କରିଥିଲେ ।ଏହାର ଚାରିବର୍ଷ ପରେ ୧୮୫୭ରେ ଭାରତରେ ବିପ୍ଲବ ଆରମ୍ଭ ହୋଇଥିଲା ।୧୮୫୭ ମସିହା ମେ ମାସ ୧୨ ତାରିଖରେ ଦିଲ୍ଲୀର ଲାଲକିଲ୍ଲାରେ ଯେତେବେଳେ ସ୍ୱାଧୀନତାର ପତାକା ଉଡିଥିଲା, ସେତେବେଳେ ଝାନସୀର ଜନସାଧାରଣ ରାଣୀଙ୍କ ଆଦେଶକୁ ଅପେକ୍ଷା କରିରହିଥିଲେ ।ପ୍ରଥମେ ଦିଲ୍ଲୀ ଓ ପରେ ଝାନସୀରେ ବିପ୍ଳବ ଆରମ୍ଭ ହୋଇଥିଲା ।ଝାନସୀର ବିଭିନ୍ନ ଦୁର୍ଗ ମାନଙ୍କରେ ବିପ୍ଲବୀମାନଙ୍କ ଡରରେ ଆତ୍ମଗୋପନ କରିଥିବା ଅଳ୍ପ କେତେକ ଇଂରେଜମାନଙ୍କୁ ହଟାଇ ଝାନସୀ ସେନା ଦୁର୍ଗ ଉପରେ ବିଜୟ ପତାକା ଉଡାଇଥିଲେ ।ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ସେ ଜଣେ ନାୟିକା ଥିଲେ ।ସ୍ୱଦେଶ ଓ ସ୍ୱଜାତିକୁ ପରାଧୀନତାର ବନ୍ଧନରୁ ମୁକ୍ତ କରିବା ପାଇଁ ସେ ସଂଗ୍ରାମ କରିଥିଲେ ।ସେହି ମହାନ୍ ବୀରଙ୍ଗନା,ସ୍ୱାଧିନତା ସଂଗ୍ରାମୀ ଝାନ୍ସି ରାଣୀ ଲକ୍ଷ୍ମୀ ବାଇ ଙ୍କ ଜୟନ୍ତୀ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳୀ ଓ କୋଟି କୋଟି ପ୍ରଣାମ ।

ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋ: ୬୩୭୦୨୦୮୪୨୮

# ସର୍ବେ ଭଦ୍ରାଣି ପଶ୍ୟନ୍ତୁ



ପ୍ର.ଡା.ଉମେଶ ଚନ୍ଦ୍ର ପାତ୍ର

ପ୍ରତିବର୍ଷ ନଭେମ୍ବର ୧୯ ତାରିଖକୁ ବିଶ୍ୱବ୍ୟାପୀ ଆନ୍ତର୍ଜାତିକ ସହିଷ୍ଣୁତା ଦିବସ ଭାବେ ପାଳନ କରାଯାଇଥାଏ । ଅସହିଷ୍ଣୁତା ବିରୋଧରେ ଜନ ସଚେତନତା ସୃଷ୍ଟି କରାଯିବାକୁ ମିଳିତ ଜାତିସଂଘ ଶୈକ୍ଷିକ ବୈଜ୍ଞାନିକ ଏବଂ ସାଂସ୍କୃତିକ ସଂଗଠନ ପକ୍ଷରୁ ଏହି ଦିବସ ପାଳନ କରାଯାଇଥାଏ । ଅସହିଷ୍ଣୁତା ବିରୋଧରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ବିଶେଷ କରି ପରସ୍ପର ମଧ୍ୟରେ ଥିବା ଈର୍ଷା ଏବଂ ପ୍ରତିଯୋଗିତା ମନୋଭାବ ପରିତ୍ୟାଗ କରିବା, ଯୁଦ୍ଧ ଠାରୁ ଦୂରେଇ ରହିବା, ମାନବାଧିକାରର ସୁରକ୍ଷା, ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ମୈତ୍ରୀ ଭାବ ସ୍ଥାପନ କରିବା ଦିଗରେ ସଚେତନତା ସୃଷ୍ଟି କରାଯାଇଥାଏ । ୧୯୯୬ ଠାରୁ ବିଶ୍ୱରେ ମିଳିତ ଜାତିସଂଘର ସଦସ୍ୟ ରାଷ୍ଟ୍ରଗୁଡ଼ିକ ଏହି ଦିବସ ପାଳନ କରିଆସୁଛନ୍ତି । କ୍ଷମା, ସହିଷ୍ଣୁତା, ଦୟା, ପ୍ରେମ, ଶ୍ରଦ୍ଧା ଓ ବିଶ୍ୱାସ ଇତ୍ୟାଦି ଭଗବତ୍ ପ୍ରଦତ୍ତ ଗୁଣ । ଏହି ସଦ୍‌ଗୁଣର ଆଲୋକରେ ଆଲୋକିତ ବ୍ୟକ୍ତି ଦେବତା ବା ଦୀପ୍ତିମାନ୍ ସତ୍ତା ଭାବରେ ପୂଜିତ ଓ ବିଶ୍ୱବନ୍ଦିତ । ଏମାନେ ସମାଜର ପଥପ୍ରଦର୍ଶକ ଓ ମାର୍ଗଦର୍ଶକ । ଏହି ପ୍ରସଙ୍ଗରେ ଯୁଗାବତାର ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ପୁସ୍ତକ ସତ୍ୟାନୁସରଣରେ ଉଲ୍ଲେଖ କରିଛନ୍ତି - ସହିଷ୍ଣୁତାମାନେ ପଳାୟନ ନୁହେଁ, ବରଂ ପ୍ରେମର ସହିତ ଆଲିଙ୍ଗନ । ଯେଉଁ ସାଧନା କଲେ ହୃଦୟରେ ପ୍ରେମ ଆସେ ତାହା ହିଁ କର, ଆଉ ଯେଉଁଥିରେ କ୍ରୂରତା, କଠୋରତା ଓ ହିଂସା ଆସେ, ତାହା ଆପାତତଃ ଲାଭଜନକ ହେଲେ ମଧ ତା'ପାଖକୁ ଯାଅନାହିଁ । ତୁମେ ଯଦି ଏପରି ଶକ୍ତି ଲାଭ କରିଥାଅ ଯାହାଦ୍ୱାରା ଚନ୍ଦ୍ରସୂର୍ଯ୍ୟ କକ୍ଷଚ୍ୟୁତ କରିପାର, ପୃଥିବୀ ଭାଙ୍ଗି ଟୁକୁରା ଟୁକୁରା କରିଦେଇପାର ବା ସମସ୍ତଙ୍କୁ ଐଶ୍ୱର୍ଯ୍ୟଶାଳୀ କରିଦେଇପାର, କିନ୍ତୁ ତୁମ ହୃଦୟରେ ଯଦି ପ୍ରେମ ନଥାଏ ତେବେ ତୁମର କିଛି ମଧ ହୋଇନାହିଁ । ପ୍ରେମକୁ ପ୍ରାର୍ଥନା କର, ଆଉ ହିଂସାକୁ ଦୂରରୁ ପରିହାର କର, ଜଗତ ତୁମ ଆଡ଼କୁ ଆକୃଷ୍ଟ ହେବ । ସନ୍ଦେହର ନିରାକରଣ କର, ଆଉ ବିଶ୍ୱାସର ସିଂହାସନରେ ଭକ୍ତିକୁ ବସାଅ, ହୃଦୟରେ ଧର୍ମରାଜ୍ୟ ସଂସ୍ଥାପିତ ହେଉ । ଭକ୍ତକବି ମଧୁସୂଦନ ରାଓ କହିଲେ - ବୈକୁଣ୍ଠ ସମାନ ଆହା ଅଟେ ସେହି ଘର ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର । ବ୍ୟକ୍ତି, ଦମ୍ପତି, ପରିବାର, ସମାଜ, ଦେଶ ଓ ରାଷ୍ଟ୍ର ମଧ୍ୟରେ ସହିଷ୍ଣୁତା ହିଁ ହେଉଛି ଶାନ୍ତି ରାଜ୍ୟର ଚାବିକାଠି ।

ଜଗତର ସମସ୍ତ ଅଶାନ୍ତିର ମୂଳ ହେଉଛି ଏହି ଅସହିଷ୍ଣୁତା ଓ ଅପ୍ରେମ । ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହି ପ୍ରସଙ୍ଗରେ ବଜ୍ର ନିର୍ଘୋଷ କଣ୍ଠରେ ଉଲ୍ଲେଖ କଲେ - କ୍ଷମା କରିବାକୁ ହୁଏ ଏଭଳି ଭାବରେ ଯାହାଦ୍ୱାରା କ୍ଷତିର ପଥରୁଦ୍ଧ ହୁଏ । ଜଣେ ନରହନ୍ତାକାରୀକୁ ଯଦି କ୍ଷମା କରିବାକୁ ହୁଏ, ତେବେ ତାକୁ ଏପରି ଭାବରେ ଅନୁତପ୍ତ କରି ଉଠାଇବାକୁ ହେବ, ଯାହାଦ୍ୱାରା ସେ ପୁନରାୟ ନରହତ୍ୟା କରିବା ଅସମ୍ଭବ ହୋଇଉଠେ । ଭଗବାନ ଆମ୍ଭମାନଙ୍କୁ ଯେଉଁ ସ୍ୱାଧୀନ ଇଚ୍ଛାଶକ୍ତି ଦେଇଛନ୍ତି ତାହାକୁ ନେଇ ଆମ୍ଭେମାନେ ଯେତେବେଳେ ପ୍ରବୃତ୍ତିର ଅଧୀନ ହୋଇପଡୁ, ଈଶ୍ୱରଙ୍କ ସେବା ନକରି ପ୍ରବୃତ୍ତିର ସେବା କରୁ ସେତେବେଳେ ସନ୍ଦେହ ସୃଷ୍ଟି ହୁଏ । ଭଗବାନଙ୍କ ରାଜ୍ୟରେ ସବୁ ସୁନ୍ଦର, ଅସୁନ୍ଦର କିଛି ନାହିଁ । ଅସୁନ୍ଦର ବା ଅସହିଷ୍ଣୁତା ହୁଏ ଆମ୍ଭମାନଙ୍କର ପ୍ରୟୋଗର ଦୋଷରେ । ଈଶ୍ୱର ବା ଗୁରୁଙ୍କ ପ୍ରତି ବୃତ୍ତିଭେଦୀ ଆକର୍ଷଣ ଯେତେବେଳେ କୃଶ ହୋଇଉଠେ, ସେତେବେଳେ ଅସହିଷ୍ଣୁତା ବା ଅପ୍ରେମ ଆମ୍ଭମାନଙ୍କୁ ଗ୍ରାସ କରେ । ଭ୍ରାନ୍ତି ସେତେବେଳେ ଆସେ, ଯେତେବେଳେ ଉତ୍ସବିମୁଖ ଚଳନ ଆମ୍ଭମାନଙ୍କୁ ପାଇବସେ । ତେଣୁ ଅସହିଷ୍ଣୁତା, ଅପ୍ରେମ, ପରଶ୍ରୀକାତରତା, ହିଂସା, ଦ୍ୱେଷ, କ୍ଷୁଦ୍ର-ମାନସିକତା ଓ ବୃତ୍ତି ମୁଖୀନତା ଇତ୍ୟାଦି ପ୍ରବୃତ୍ତି ସୃଷ୍ଟ । ବୃତ୍ତି-ପ୍ରବୃତ୍ତିର ଉର୍ଦ୍ଧ୍ୱରେ ବାସ କରୁଥିବା ଜୀବନ, ଚେତନା, ଜ୍ଞାନ, ବିଜ୍ଞାନ, ଆନନ୍ଦ, ଶାନ୍ତି ଓ ପ୍ରେମର ଅବତାର ସଦ୍‌ଗୁରୁଙ୍କ ପାଖରେ ଶରଣାପନ୍ନ ହିଁ ଏହି ସମସ୍ୟାର ସମାଧାନ । କଲ୍‌କୀ ବିଗ୍ରହ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର ଓ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର, ମୁଁ ନିଶ୍ଚୟ କରି କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଆଉ ଭାବିବାକୁ ହେବନାହିଁ । ଯଦି ତୁମର ଆଦର୍ଶର କଥା କହିଲେ ଆନନ୍ଦ, ଶୁଣିଲେ ଆନନ୍ଦ, ତାଙ୍କର ଚିନ୍ତାରେ ଆନନ୍ଦ, ତାଙ୍କର ହୁକୁମ ପାଇଲେ ଆନନ୍ଦ, ତାଙ୍କର ଆଦରରେ ଆନନ୍ଦ, ଅନାଦରରେ ମଧ ଆନନ୍ଦ ହୁଏ, ତାଙ୍କ ନାମରେ ହୃଦୟ ଉଛୁଳି ଉଠେ, ମୁଁ ନିଶ୍ଚୟ କହୁଛି, ତୁମର ଉନ୍ନୟନ ନିମିତ୍ତ ଆଉ ଭାବିବାକୁ ହେବନାହିଁ । 'ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟା, ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା କଶ୍ଚିତ୍ ଦୁଃଖଭାଗ୍‌ଭବେତ୍ ।'

ସହ-ପ୍ରତିରତ୍ୱିକ ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋ:୯୪୩୭୦୫୧୯୫୭

# ସବୁ ସଙ୍କଟକୁ ନଷ୍ଟ କରନ୍ତି ମା'କାଳୀ



ତ୍ରିନାଥ ଓଝା

ମା'କାଳୀ ଯେତିକି ଭୟାବହ, ତାଠାରୁ ଅଧିକ ମନୋରମ ଓ ଭକ୍ତଙ୍କ ପାଇଁ ଆନନ୍ଦଦାୟିନୀ । ଶକ୍ତିଙ୍କର ଗୋଟେ ରୂପ ହେଉଛନ୍ତି ମହାକାଳୀ । ସଂସ୍କୃତରେ କାଳ ଅର୍ଥ ସମୟ । ସମୟ ହାତରୁ କିଛି ବି ଖସିପାରେ ନାହିଁ । ସେହିଭଳି ମା'କାଳୀ ଅହଂର ଅନ୍ତ କରିଥାନ୍ତି । ଦେବୀ ମାହତ୍ମ୍ୟ ଓ ମାର୍କଣ୍ଡେୟ ପୁରାଣରେ ମା'କାଳୀଙ୍କୁ ଦୁର୍ଗାଙ୍କ ଅବତାର କୁହାଯାଇଛି । ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କ ମିଳିତ ଶକ୍ତିରୁ ମହିଷାସୁରକୁ ହରାଇବା ପାଇଁ ମା'ଦୁର୍ଗାଙ୍କର ସୃଷ୍ଟି ହୋଇଥିଲା । ଦୁର୍ଗା ବା ଅମ୍ବିକା ଯୁଦ୍ଧ ସମୟରେ ଚଣ୍ଡ ଓ ମୁଣ୍ଡ ନାମକ ରାକ୍ଷସଙ୍କୁ ହରାଇବା ପାଇଁ ନିଜ କପାଳରୁ କାଳୀଙ୍କୁ ସୃଷ୍ଟି କରିଥିବା ପୁରାଣରେ ବର୍ଣ୍ଣିତ ଅଛି । ଏହି ଅଧ୍ୟାୟରେ କୁହାଯାଇଛି ଅମ୍ବିକା ଏତେମାତ୍ରାରେ କ୍ରୋଧିତ ଥିଲେ ତାଙ୍କ ଚେହେରା କାଳି ପରି ବର୍ଣ୍ଣରେ ପରିଣତ ହୋଇଯାଇଥିଲା । କପାଳରୁ ହଠାତ୍ ଖଡ଼ଗ ଓ ଫନ୍ଦା ଧରିଥିବା ମା'କାଳୀଙ୍କର ଆବିର୍ଭାବ ହୋଇଥିଲା । ଖପୁରୀ ମାଳ ପରିହିତା ମା'ଙ୍କର ଜିଭ ବାହାରକୁ ବାହାରିଥିଲା । ଲାଲରଙ୍ଗର ଚକ୍ଷୁ ଓ ତାଙ୍କ ଗର୍ଜନରେ ସମଗ୍ର ଆକାଶ କମ୍ପୁଥିଲା । କାଳୀ ଚଣ୍ଡ ଓ ମୁଣ୍ଡଙ୍କୁ ହତ୍ୟା କରି ତାଙ୍କ ମୁଣ୍ଡ ଅମ୍ବିକାଙ୍କୁ ଅର୍ପଣ କରିଥିଲେ । ସେଥିପାଇଁ ତାଙ୍କୁ ଚାମୁଣ୍ଡା ବାମୁଣ୍ଡେଶ୍ୱରୀ ମଧ କୁହାଯାଏ । ଅନ୍ୟପକ୍ଷରେ ମା'କାଳୀ ମଧ ମା'ର ଏକ ରୂପ । ତାଙ୍କର କଳା ରଙ୍ଗରେ ସବୁରଙ୍ଗ ଲୀନ ହୋଇଯାଏ । ତାଙ୍କର ନଗ୍ନତା ପାରଦର୍ଶିତାକୁ ପ୍ରତୀକାତ୍ମକ ଭାବେ ଦର୍ଶାଇଥାଏ । ଅର୍ଥାତ୍ ଛଦ୍ମ ଆବରଣର ଉର୍ଦ୍ଧ୍ୱରେ ମା'କାଳୀ । ପୃଥିବୀ, ଆକାଶ ଓ ପ୍ରକୃତି ପରି ମା'କାଳୀ ମଧ ପାରଦର୍ଶୀ । ଭଗବାନ ଶିବଙ୍କୁ କୁହାଯାଏ ମହାକାଳ ଓ ସେ ଶ୍ମଶାନରେ ବାସ କରୁଥିବା କୁହାଯାଏ । ଯେଉଁଠି ଶରୀର ଜଳି ପାଉଁଶରେ ପରିଣତ ହୋଇଥାଏ । ଶରୀର ସହିତ ମୋହ ହିଁ ଅହଙ୍କାରର କାରଣ । ଆଉ ଶ୍ମଶାନରେ ସେହି ଅହଙ୍କାର ଧୂଆଁରେ ମିଳାଇଯାଏ । ତେଣୁ ମହାକାଳୀଙ୍କୁ ମୁକ୍ତିର ଦେବୀ ବୋଲି କୁହାଯାଇଥାଏ ।

ଭାଗବତ ଗାଦି ବଡ଼ଦାଣ୍ଡ, ଧବଳେଶ୍ୱର ଗଡ଼ା, କଟକ,
ମୋ: ୯୨୩୮୬୦୨୮୨୫

କବିତା କୋଣାର୍କ

## ମଗୁଶିର ମାସ

### ପୁଷ୍ପଲତା ମିଶ୍ର

କାର୍ତ୍ତିକ ମାସ ତ ଫେରି ଯାଉଅଛି
ମଗୁଶିର ଆସିଲାଣି,
ଗ୍ରାମ ଠୁ ସହର ସବୁ ଘର ଦ୍ୱାର
ଲକ୍ଷ୍ମୀ ପାଦ ପଡ଼ିଲାଣି ।

ସବୁରି ଅଗଣା ସଜା ହୋଇଅଛି
ମାଆ ଙ୍କୁ ପୂଜିବା ପାଇଁ,
କଁଅଳିଆ ଶୀତ ମୃଦୁ ପରଶ କୁ
ଖାତିରି କରନ୍ତି ନାହିଁ ।

ସକାଳ ସ୍ନାହାନେ ଶୁଭ ଶଙ୍ଖ ଧ୍ୱନି
ହୁଳହୁଳି ଶବଦ ରେ,
ସରଗ ରାଇଜୁ ଓହ୍ଲାଇ ଆସନ୍ତି
ଘରେ ଘରେ ପୁରେ ପୁରେ ।

ହଳଦିଆ ରଙ୍ଗେ ସୋରିଷ କିଆରି
ସଜାଇଛି ଗୋଟି ଗୋଟି,
ମାଆ ଙ୍କ ଶରଧା ହଳଦିଆ ରଙ୍ଗ
ପ୍ରକୃତି ଦେଇଛି ଭେଟି ।

ବାଡି ବଗିଚା ରେ ଫୁଲ ର ସମ୍ଭାର
ଦୋଳି ଖେଳେ ଗେଣ୍ଡୁ ଫୁଲ,
ନାନା ଜାତି ଫୁଲେ ଶୋଭା ଦିଶୁଅଛି
ସେବତୀ ଫୁଲ ର ମାଳ ।

ଅତି ସରାଗ ରେ ସରୋବରେ ପଦ୍ମ
ମାଆ ଙ୍କ ବାଟ କୁ ଚାହିଁ,
ପାଦ ତଳେ ସେହି ସାଜି ହୋଇ ଯିବ
ଜୀବନ ସାର୍ଥକ ପାଇଁ ।

ପ୍ରଥମା ଅଷ୍ଟମୀ ପଡେ ଏହି ମାସେ
ପିଲାଏ ହୁଅନ୍ତି ଖୁସି,
ନୂଆ ଲୁଗା ଆସେ ତାଙ୍କ ମାମୁଁ ଘରୁ
ଏଣ୍ଡୁରି ଖାଆନ୍ତି ବସି ।

କୃଷକ ଭାଇ ର ମନ ହରଷିତ
ଶସ୍ୟ କ୍ଷେତ କୁ ସେ ଦେଖି,
ନୂଆ ଚାଉଳ ରେ ପିଠା ପଣା କରି
ଲକ୍ଷ୍ମୀ ମାଆ ଙ୍କୁ ସେ ଡାକି ।

ମାର୍ଗଶିର କୃଷ୍ଣ ପଞ୍ଚମୀ ତିଥି ରେ
ସୀତା ଙ୍କ ବିବାହ ହୁଏ,
ପଣ୍ଡୁ ପୂର୍ଣ୍ଣମା ରେ ପାଣ୍ଡୁ ବ୍ରତ କରି
ମଣ୍ଡା ଅଟ୍ଟାକାଳି ହୁଏ ।

ମାର୍ଗଶିର ଗଲେ ପଉଷ ଆସିବ
ଶୀତରେ ଥରାଇ ଦେବ,
ସବୁ ମାସ ଅଟେ ଜଗତ ର ଶ୍ରେଷ୍ଠ
ସବୁ କୁ ଆଦରି ନେବ ।

♥ ଭୁବନେଶ୍ୱର
ମୋ:୯୩୩୮୨୯୪୬୫୭

## ଗେଣ୍ଡୁଫୁଲ : ପ୍ରଶାନ୍ତ ବ୍ରହ୍ମା

ଯେତେ ଦେଖୁଥିଲେ ନୂଆ ନୂଆ ଲାଗେ ଗେଣ୍ଡୁଫୁଲ ହାର
ହେଉ ଅବା ଦେବା ଦେବୀ, ମଣିଷ ସଭିଙ୍କର ସେ ଗଳାର ହାର ।
ମାର୍ଗଶିର ମାସ ଗୁରୁବାର ମାଣ ବସା ଗେଣ୍ଡୁଫୁଲ ମହକେ ଦୁଆରେ
ହୁଳହୁଳି ଶବ୍ଦରେ କମ୍ପେ ଚାରିଆଡ଼େ ବନ୍ଦାପନା ଗେଣ୍ଡୁ ଫୁଲରେ ।
ବଜାର ହାଟରେ ଦେଖିବ ଗହଳି ଗେଣ୍ଡୁଫୁଲ କୁ ନେଇ ମୂଲ ଚାଲ
ଯେତେ ଫୁଲ ସବୁ ପଡ଼ିଯାଏ ଫିକା ଏକ ମାତ୍ର ନେଇ ଗେଣ୍ଡୁଫୁଲ ।
ଯେତେ ତୋଳୁ ଥିଲେ ମନ ଲାଗେନାହିଁ ଆଉ ତୋଳନ୍ତି ସତେକି ।
ବାସ୍ନା ତାହାର ଯେତିକି ଦେଖିବାକୁ ଲାଗେ ସେ ସୁନ୍ଦର ସେତିକି ।

♥ ପଳାଶପୁର, ଖୋର୍ଦ୍ଧା ।

## ଶୀତ ଏମିତି ଆସୁ

### ଜୟକୃଷ୍ଣ ସାହୁ

ସୂରୁଜ ନାଲି ମୁରୁଜ ବୁଣି
ପୂରୁବ ଦିଗେ ଆସେ
କଅଁଳ ଖରା ପରଷି ଦିଏ
ସକାଳୁ ଶୀତମାସେ
ମୁଢ଼ି ନଡ଼ିଆ ଖାଇ,
ଗାଁ ପିଲାଏ ଯାଆନ୍ତି ଧାଇଁ
ଖରା ପୋଇଁବା ପାଇଁ ।

ଧଡ଼ି ଗୁଡ଼ିଆ ବଡ଼ିଆ କରି
ଛାଣେ ପକୁଡ଼ି ବରା
ସକାଳୁ ଚା ପକୁଡ଼ି ଖାଇ
ଲୋକେ ପୁଅଁନ୍ତି ଖରା
ଧଡ଼ିଆ ମନ ଖୁସି,
ବେଞ୍ଚ ଝାଡ଼ି ବସାଇ ଦିଏ
ଲୋକଙ୍କୁ ହସି ହସି ।

ସୁନେଲି କ୍ଷେତେ ପାଚିଲା ଧାନ
ନ ସହି ଭାରା ଲୋଟେ
ଦାଆକୁ ଧରି ଚାଷୀଭାଇଟି
ଖୁସିରେ ଧାନ କାଟେ
ଘରଣୀ ରାଣୀ ଆସି,
ବିଲମୁଣ୍ଡାରେ ପଖାଳ ଭଜା
ପରଷି ଦିଏ ହସି ।

ଶୀତ ଆସିଲେ ବାଡ଼ିରେ ଆମ
ପରିବାହାଟ ବସେ
ମୂଳା ବିଲାତି ଧନିଆ କୋବି
ଫଳି ମୁରୁକି ହସେ
ଜାତି ଜାତିକା ଫୁଲ,
ଫୁଟଇ ଗଛେ ବାଡ଼ିଟି ଧରେ
ଶୋଭା ଅମୂଲମୂଲ
ଶୀତ ଏମିତି ଆସୁ,
ମଜା ମଉଜ କରିକି ଆମେ
ପିଲାଏ ସଦା ହସୁ ।

କପିଳ ପ୍ରସାଦ,ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭.



© Poonam Borkar | blissfulstuff.com

## କିଏ କହେ ବୟସ୍କ ପ୍ରେମ କରେନି !

### ରାହାସ କୁମାର ବେହେରା

ବୟସ ଗଡିଗଲେ ବି ବେଳେ ବେଳେ
ମଣିଷ ପଡେ ପ୍ରେମରେ
ସେ ହେଉ ଭ୍ରମରେ /ସୁସ୍ଥ, ଅସୁସ୍ଥ ଭାବନାରେ /
ନିଜର ସୂକ୍ଷ୍ମ ଚିନ୍ତା ଚେତନାରେ ,
ଝୁରି ହୁଏ ପିଆସୀ, ପ୍ରତିବେଶୀ ଆଖ ପାଖ ଲୋକ
ନିଜ ହୃଦୟରେ, ନିଜ ସ୍ୱପ୍ନର ଚଉହଦି ଇଲାକାରେ ।

ବୟସ ଗଡ଼ିଗଲେ କଣ ହେଲା
ମନରେ ରଙ୍ଗର ତୂଳୀ ଧରେ ବୟସ୍କ ଭାବୁକ
ଆଙ୍କେ ପ୍ରଜାପତି ,ଫୁଲ, ଫୁଲର ପାଖୁଡ଼ା
ଭଅଁର ତା'ର ନୂଆ ଛୁଆଁ ମିଠା ପ୍ରୀତି ।

ଆଂକେ ଇନ୍ଦ୍ରଧନୁ ଆଉ ଛବିଳ ସୁନ୍ଦର ଆକାଶ
ପୁଣି ଟୋପା ଟୋପା ଝରୁଥିବା କାକର /ବର୍ଷା ଜଳ,
ଶରତ, ହେମନ୍ତ,ଶୀତ, ବସନ୍ତ
ଖୁସିର ପୁନେଇଁ ଜହ୍ନ ।

ବୟସ୍କ ! ଏକଲା ପଣ ମନେପକାଏ ଅତୀତ
ଖୋଜେ ପୁରୁଣା ସାଇତା ଅଭୁଲା ସ୍ମୃତି ଅନ୍ୟମନସ୍କରେ
ପଢ଼େ ଲୁଚି ଲୁଚି ପୁରୁଣା ଅଧା ଚିରା ଚିଠି ,
ଗାଏ ମଧୁର ମିଳନ/ ବିରହ ମଧୁର ଚଇତି ଗୀତି ।

କେମିତି ଥିଲା ସେ ପ୍ରଥମ ଦେଖା
କେବେ ଥିଲା ପୀଆସୀ ସହ ଭାବଦିଆ ନିଆ
ପୁଣି ହସ ଖୁସି କେତେ ରୁଷା ରୁଷି ଅଭାବ/ସ୍ୱଭାବ ଦିନର
ଯେତେ ସବୁ ଅକୁହା ଅଜଣା ବେଦନା ସାଇତା ଛାତି ତଳର ।

ବାସର ରାତି, ସଜ ଗଜରା /ଶେଯ ସୁପାତି
ପରେ ବିଚ୍ଛେଦ ଜୀବନ, ସଂଗ୍ରାମରେ ବଞ୍ଚିବାର ଆଶା
ଯେତେକ ବିଗତ ଅଲିଭା ଅଛପା କାହାଣୀ ।

କିଏ କହେ ବୟସ୍କ ପ୍ରେମ କରେନି !

କହିଲେ ମନ ମାନେନି କି କାହାକୁ କହି ହୁଏନି
ସେ ପ୍ରେମ କରେ ଈଶ୍ୱରଙ୍କୁ ତା' ପିଲା ଦିନକୁ ,
ଗାଆଁ ଗଣ୍ଡା ନଣ୍ଡା ପାହାଡ, ସବୁଜ ବନାନୀ
ଅଙ୍କା ବଙ୍କା ନଈ, ସାଙ୍ଗ ସାଥିଙ୍କୁ
ନିଜ ହୃଦୟର ମାନସୀ ତା' ଚାଲିକୁ,
ତା ହସକୁ, ତା କଥାକୁ ନାତୁଣୀର ଗେଲ /ନାତିର
ହୋ-ହାଲାକୁ ।

♥ ବାଲ୍ୟମ୍ବା,ଭାପୁର
ଢେଙ୍କାନାଳ : ୭୫୯୦୧୫
ମୋ : ୯୪୩୮୧୧୩୪୬୮





କାର୍ତ୍ତିକ ସାଇଁ

## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୬୨)

# ହନୁମାନଙ୍କର ଅଶୋକ ବନରେ ସୀତାଙ୍କୁ ଠାବ



(ପୂର୍ବ ପ୍ରକାଶିତ ଉତ୍ତାରୁ)

"ବୃଦ୍ଧା ତ୍ରିଜଟା ଅସୁରୁଣୀ ସୀତାଙ୍କୁ ଜଗିଥିବା ଅନ୍ୟ ରାକ୍ଷସୀମାନଙ୍କୁ ସେ ଦେଖିଥିବା ସ୍ୱପ୍ନ କଥା କହିଲା ପରେ ଅନ୍ୟମାନେ ଡରି ଯାଇଥିଲେ।" ମିନା ଅପା ରାମାୟଣ କଥା ଆରମ୍ଭ କଲେ।

ତ୍ରିଜଟା ସ୍ୱପ୍ନରେ ଦେଖିଥିଲେ ଯେ ଶ୍ୱେତବସ୍ତ୍ରଧାରୀ ରାମ, ଲକ୍ଷ୍ମଣ ଓ ସୀତା ପୁଷ୍ପକ ବିମାନରେ ବସି ଯାତ୍ରା କରୁଥିଲେ ଓ ସେ ବିମାନରୁ ରାବଣ ଖସି ପଡୁଥିଲେ। କେବଳ ସେତିକି ନୁହେଁ, ରାବଣ ସହିତ କୁମ୍ଭକର୍ଣ୍ଣ ମଧ୍ୟ ବଡ଼ ହଇରାଣ ହେଉଛି। ବିଭୀଷଣ ଲଙ୍କାର ରାଜା ହେଉଛନ୍ତି।

ଏପରି ସ୍ୱପ୍ନ ବୃତ୍ତାନ୍ତ ଶୁଣି ଅନ୍ୟ ରାକ୍ଷସୀମାନେ ଡରିଗଲେ ଓ ମାତା ସୀତାଙ୍କୁ ଡରାଇବା ବନ୍ଦ କରିଦେଲେ।

ସକାଳ ହୋଇ ଯାଇଥିଲା। ମାତା ସୀତାଙ୍କୁ



ନିଜର ପରିଚୟ ଦେବାକୁ ହନୁମାନ ଉଦ୍‌ଗ୍ରୀବ୍ ହୋଇ ଉଠିଲେ। ସେ ଚିନ୍ତା କରୁଥିଲେ କଣ କହି ସେ ତାଙ୍କର ପରିଚୟ ଦେବେ।

ତାଙ୍କ ମନକୁ ଗୋଟେ ବିଚାର ଆସିଲା। ସେ ଶିଂଶପା ବୃକ୍ଷରେ ବସି ରହି ଇକ୍ଷାକୁ ବଂଶର ବିବରଣ ଦେବାକୁ ଲାଗିଲେ। ଅତି ସୁନ୍ଦର ସ୍ୱରରେ ଶ୍ରୀରାମଙ୍କ ବଂଶର ଗୁଣ ଓ ଶ୍ରୀରାମଙ୍କ ଗୁଣଗାନ କରିବାକୁ ଲାଗିଲେ। ସେ ଗାନରେ ଶ୍ରୀରାମଙ୍କ ବନବାସ, ରାବଣ ଦ୍ୱାରା ସୀତାଙ୍କ ହରଣ ଓ ରାମଚନ୍ଦ୍ରଙ୍କ ଦୁଃଖ ବିବରଣୀ ଥିଲା।

ମାତା ସୀତା ହନୁମାନଙ୍କ ସମସ୍ତ ବିବରଣୀ ଶୁଣିପାରିଲେ। ସେ ଚେଷ୍ଟାକଲେ ଜାଣିବାକୁ ଯେ ଏହି ଗୀତ କିଏ ଗାନ କରୁଛି। ଶିଂଶପା ବୃକ୍ଷରେ ସେ ହନୁମାନଙ୍କୁ ଦେଖିପାରିଲେ। ମାତ୍ର ତାଙ୍କ ମନରେ ଆଶଙ୍କା ଓ ଭୟ ଜାତ ହେଲା। ପ୍ରଥମେ ସେ ଭାବିଲେ- କୌଣସି ମାୟାବୀ ରାକ୍ଷସ ଏପରି କାମ କରୁଛି।

ହନୁମାନ ମାତା ସୀତାଙ୍କ ମନ କଥା ବୁଝିପାରିଲେ ଓ ସେ ତାଙ୍କ ମନରେ ବିଶ୍ୱାସ ଆଣିବାକୁ ବୃକ୍ଷର ଉଚ୍ଚ ଡାଳରୁ ତଳକୁ ଓହ୍ଲାଇ ଆସିଲେ ଓ ନିଜ ରୂପ ପ୍ରକଟ କଲେ। ସୀତାଙ୍କ ମନରେ ବିଶ୍ୱାସ ଜନ୍ମାଇବା ପାଇଁ ହନୁମାନ ପ୍ରଭୁ ଶ୍ରୀରାମଙ୍କଠାରୁ ଶୁଣିଥିବା ସମସ୍ତ କଥା ଧୀର ଓ ଶାନ୍ତ ସ୍ୱରରେ କହିଲେ। ପ୍ରଭୁ ଶ୍ରୀରାମଙ୍କ କଥା, ଭ୍ରାତା ଲକ୍ଷ୍ମଣଙ୍କ କଥା ଓ ରାମ ସୀତାଙ୍କ ବିବାହ କାହାଣୀ ମଧ୍ୟ ହନୁମାନ ସୀତାଙ୍କୁ କହିଲେ। ଶ୍ରୀରାମଙ୍କ ବନବାସର ସମସ୍ତ ବିବରଣୀ ହନୁମାନ ମାତା ସୀତାଙ୍କ ଆଗରେ ବଖାଣିଲେ। କିଷ୍କିନ୍ଧ୍ୟାରେ ରାମ ସୁଗ୍ରୀବଙ୍କ ମିତ୍ରତା କଥା ଗାନ କଲାବେଳେ ହନୁମାନ ଆନନ୍ଦରେ ଉତ୍‌ଫୁଲ୍ଲିତ ହୋଇ ଉଠୁଥିଲେ। ରାମ ଓ ଲକ୍ଷ୍ମଣଙ୍କ ଦୁଃଖ କଥା ଶୁଣି ମାତା ସୀତାଙ୍କ ଆଖିରୁ ଅଶ୍ରୁ ବୋହିବା ଆରମ୍ଭ ହେଲା। ହନୁମାନ ମଧ୍ୟ ଅଶ୍ରୁ ବିମୋଚନ କଲେ।

ଶେଷରେ ହନୁମାନ ନିଜର ପରିଚୟ ପ୍ରଦାନ କଲେ- ହେ ମାତେ ! ମୁଁ ପ୍ରଭୁ ଶ୍ରୀରାମଙ୍କ ମିତ୍ର ହନୁମାନ। ଆପଣଙ୍କୁ ଠାବ କରିବାକୁ ମହାରାଜା ସୁଗ୍ରୀବଙ୍କ ସେନା ଚାରିଆଡ଼େ ବ୍ୟାପି ଯାଇଛନ୍ତି। ଏହା ମୋର ପରମ ସୌଭାଗ୍ୟ ଯେ ମୁଁ ଆପଣଙ୍କୁ ଠାବ କରିପାରିଛି।

ସୀତାଙ୍କ ମନରେ ଦୃଢ଼ ବିଶ୍ୱାସ ଆଣିବାକୁ ହନୁମାନ ଶେଷକୁ ପ୍ରଭୁ ଶ୍ରୀରାମ ନେଇଥିବା ତାଙ୍କ ଆଙ୍ଗୁଠିର ମୁଦ୍ରିକା ବାହାର କଲେ ଓ ମାତା ସୀତାଙ୍କୁ ଆଗରେ ଦେଖାଇଲେ। ମାତା ସୀତା ସଂଗେ ସଂଗେ ପ୍ରଭୁ ଶ୍ରୀରାମଙ୍କ ମୁଦ୍ରିକାକୁ ଚିହ୍ନିପାରିଲେ ଓ ଉଚ୍ଚସ୍ୱରରେ ରୋଦନ କରିବାକୁ ଲାଗିଲେ।

ବୈଦେହୀ ନିଜକୁ ସମ୍ଭାଳିଲେ ଓ ରାମ ଲକ୍ଷ୍ମଣଙ୍କ କୁଶଳ ମଙ୍ଗଳ ପଚାରିଲେ। ହନୁମାନ ତାଙ୍କୁ ରାମ ଓ ଲକ୍ଷ୍ମଣଙ୍କ ସମସ୍ତ ବୃତ୍ତାନ୍ତ କହିଲେ। ରାମ ଲକ୍ଷ୍ମଣଙ୍କ ଦୁଃଖଭରା କାହାଣୀ ଶୁଣି ମାତା ସୀତା ଅତ୍ୟନ୍ତ ବିକଳ ହେଲେ ଓ ନିଜକୁ ଧିକ୍‌କାର କରିବାକୁ ଲାଗିଲେ। "ମୁଁ ମାୟାମୃଗ ମୋହରେ ନ ପଡ଼ିଥିଲେ ଆଜି ଏ ଦିନ ଦେଖିବାକୁ ପଡ଼ିନଥାନ୍ତା।"

ହନୁମାନ ସୀତାଙ୍କ ପ୍ରବୋଧନା ଦେଲେ ଓ କହିଲେ- ହେ ମାତା; ଏବେ ଆପଣ ମୋ ସାଂଗରେ ଚାଲନ୍ତୁ। ମୁଁ ଆପଣଙ୍କ ମୋ କାନ୍ଧରେ ବସାଇ ପ୍ରଭୁ ଶ୍ରୀରାମଙ୍କ ପାଖକୁ ନେଇଯିବି।

ମିନା ଅପା ରାମାୟଣ କଥା ଏଇଠି ରଖିଲେ। ଜୟ ଶ୍ରୀରାମ।

(କ୍ରମଶଃ)

+ମୋ: ୯୯୮୦୩୦୦୭୫୧

# ସତ୍ୟର ବିଜୟ



ନଗେନ୍ଦ୍ର ନାଥ ପଟ୍ଟନାୟକ



ଗୋଟିଏ ଗାଁରେ ଶେରସିଂହ ବୋଇଲେ ଚାଷୀଟେ ରହୁଥାଏ। ନାମଟି ବି ଯେମିତି କାମ ବି ସେମିତି। ଖୁବ୍ ବଦରାଗୀ। ହିଂସ୍ରର ସିଂହ ଭଳି ଭୟଙ୍କର ଆଉ ସ୍ୱାଭିମାନୀ। କଥା କଥାକେ ବିଗିଡିଯାଇ ଲଢେଇ କରେ। ଗାଆଁବାଲାଙ୍କ ସହିତ ସିଧାସଳଖ ମୁହାଁମୁହିଁ ପଦେଅଧେ କଥାବାର୍ତ୍ତା ହେଉନଥାଏ। ପୁଣି କାହା ଘରକୁ ଯାଉନଥାଏ କି ବାଟଘାଟରେ କାହାକୁ ହାବୁଡିଲେ ହେଲେ ଜୁହାର ବି ହେଉନଥାଏ। ଗାଆଁର ଚାଷୀପୁଅ ବି ତାଙ୍କୁ ଅହଂକାରୀ ଗର୍ବୀ ବୋଲି ଭାବି କଥା ହେଉନଥାଏ ତା ସହିତ। ଯୋଗକୁ ଦୟାରାମ ନାମକ ଆଉ ଜଣେ ଚାଷୀ କୁଆଡୁ ଉଠିଆସି ସେ ଗାଁରେ ଘର ବନେଇ ରହିବାକୁ ଲାଗିଲା। ସେ ଥିଲା ଖୁବ୍ ଶାନ୍ତଶିଷ୍ଟ ,ସୁଧାର ଆଉ ନିଷ୍କପଟ। ଗାଁବାଲାଙ୍କୁ ଖୁବ୍ ନମ୍ରତାର ସହ କଥାବାର୍ତ୍ତା କରୁଥାଏ। ସମସ୍ତେ ତାକୁ କିଛି ନା କିଛି ସାହାଯ୍ୟ ସହାୟତାର ହାତ ବଢାଉଥାନ୍ତି। ଚାଷୀ ଦୟାରାମ ଗାଁଲୋକଙ୍କୁ ଆଦର ସମ୍ମାନ କରେ ଆଉ ନିଜ କାମଦାମ ଓ ଭଲମନ୍ଦରେ ବି ସେମାନଙ୍କଠୁ ପରାମର୍ଶ ଲୋଡୁଥାଏ।

ଦିନେ ସେ ଗାଆଁର ମୂଳବାସିନ୍ଦା ସେ ଚାଷୀଟି ଦୟାରାମକୁ କହିଲା -ଭାଇ ଦୟାରାମ, ତୁମେ କେବେ ଶେରସିଂହ ଘରକୁ ଯିବନି ,ତାଠୁ ବହୁ ଦୂରେଇ ରହିବ। ସେ ଖୁବ୍ କଳିହୁଡା। ଦୟାରାମ ଫିକକିନା ହସିଦେଇ କହିଲା -ଶେରସିଂହ ମୋ ସଙ୍ଗେ ଝଗଡା କଲେ ମୁଁ ବି ତାକୁ ଜୀବନରେ ମାରିଦେବି। ଆଉ ଚାଷୀ ଜଣକ ଠୋ ଠୋ ହୋଇ ହସିଲା। କାରଣ ସେ ବେଶ୍ ଭଲ ଭାବରେ ଜାଣିଥିଲା ଦୟାରାମ ଖୁବ୍ ଦୟାଳୁ ଓ ପରୋପକାରୀ। ସେ କାହାକୁ ଜୀବନରେ ମାରିଦେବା ତ ଦୂରର କଥା ,ପଦେ ଗାଳି ବି ଦେଇପାରିବ ନାହିଁ। ହେଲେ ଏ କଥାଟି କେହି ଜଣେ ଶେରସିଂହ କାନରେ ପକାଇଦେଲା। ଶେରସିଂହର ରାଗ ପଂଚମକୁ ଉଠିଗଲା। ସେଦିନ ସେ ରାଗ ତମତମ ହେଇ ଦୟାରାମ ସହିତ କଳିଝଗଡା କରିବାରେ ଲାଗିଲା। ଦୟାରାମ କ୍ଷେତରେ ବଳଦକୁ ଛାଡିଦେଲା। ଜମିର ସୁନାର ଫସଲ ସବୁ ବଳଦଟି ଖାଇ ପକାଇଲା। ହେଲେ ଦୟାରାମ ଚୁପଚାପ କ୍ଷେତକୁ ଆସି ଯେସାକୁ ତେସା ନ୍ୟାୟରେ ତାକୁ ଶକ୍ତ ଧକ୍କାଟିଏ ମାରିଲା। ଶେରସିଂହ କି ସହଜେ ଛାଡେ। ସେ ବି ଦୟାରାମ ବିଲରେ ବହିଯାଉଥିବା ପାଣି ବନ୍ଧକୁ ଭାଙ୍ଗିଦେଲା। ଫଳରେ ପାଣି ସବୁ ଏଣେତେଣେ ବହିବାକୁ ଲାଗିଲା। ଦୟାରାମ ଚୁପଚାପ ଆସି ବିଲରେ ବନ୍ଧ ବାନ୍ଧିଲା। ଏମିତି ଶେରସିଂହ ବାରମ୍ବାର ଦୟାରାମକୁ କ୍ଷତି ପହଁଚାଉଥାଏ। ହେଲେ ଦୟାରାମ ଥରୁଟିଏ ବି ତା ସାଙ୍ଗରେ କଳିଝଗଡା କରିବାକୁ ସୁଯୋଗ ଦେଉନଥାଏ। ଦିନେ କଣ ହେଲା ଦୟାରାମ ତା ସଂପର୍କୀୟଙ୍କ ଘରକୁ ମିଠା ତରଭୁଜ ପଠେଇଲା। ଖାଲି ସେତିକି ନୁହେଁ, ଗାଆଁର ଜଣ ଜଣଙ୍କ ଘରକୁ ବି ଗୋଟିଏ ଲେଖାଁରେ ତରଭୁଜ ପହଁଚାଇଦେଲା। କିନ୍ତୁ ଶେରସିଂହ ତା ଭାଗ ତରଭୁଜକୁ ତାକୁ ଓଲଟି ଫେରେଇ ଦେଇ କହିଲା -ମୁଁ ଭିକମଗା ନୁହେଁ ଯେ ତୋର ଏ ଭେଟିକୁ ନେଇଯିବି। ମନେରଖ ମୁଁ ଅନ୍ୟମାନଙ୍କ ଦାନ କେବେବି ଗ୍ରହଣ କରେନି। ଏତିକିବେଳେ ଅଚାନକ ଆକାଶରେ କଳାହାଣ୍ଡିଆ ମେଘ ଘୋଟିଆସିଲା। ଶେରସିଂହ ବଳଦଗାଡିରେ ଗାଡିଏ ଧାନଶସ୍ୟ ଲଦି ଘରେ ଆଡେ ମୁହାଁଉଥିଲା। କାଦୁଅ ପଚପଚ ରାସ୍ତା। ରାସ୍ତାସାରା ଚବରଚବର ପାଣି। ବାଟରେ ଏକ ନାଳରେ ତା ବଳଦଗାଡିଟି ଦାଲୁକିନା ଖସିପଡିଲା। ଶେରସିଂହର ବଳଦଟି ତ ଦୁବଳାପତଳା ଓ ନଡନଡିଆ। ସେ ବଳଦଗାଡିକୁ ପଙ୍କକାଦୁଅଭରା ନାଳରୁ ବାହାର କରିପାରିଲା ନାହିଁ। ଯେତେବେଳେ ଗାଆଁବାଲାଙ୍କ କାନରେ ଏ ଖବର ବାଜିଲା ସବୁ ଲୋକ ଏକାବେଳକେ କହିଲେ -ଶେରସିଂହଟା ଭାରି ଦୁଷ୍ଟ, ବଦମାସ। ରାତିସାରା ସେ ନାଳରେ ପଡି ଘାଂଟିଚକଟି ହେଲେ ଯାଇ ବୁଦ୍ଧି ଶିଖିବ। କିନ୍ତୁ ଦୟାରାମ ସାହସ ଶକ୍ତି ଖଟେଇ ବଳଦ ଗାଡିକୁ ସାଙ୍ଗରେ ଘେନି ତରତର ପାଦରେ ନାଳ ଆଡେ ବଢିଲା। ହେଲେ ଗାଁ ଲୋକମାନେ ତା ବାଟ ଓଗାଳି କହିଲେ -ଦୟାରାମ, ବଦମାସ ଶେରସିଂହଟା ତୋର ବହୁତ କ୍ଷତି କରିଛି। ତୁ ଥରେ କହୁଥିଲୁ ନା, ମୋ ସହିତ ସିଏ ଲଢିଲେ ତାକୁ ମୁଁ ଜୀବନରେ ମାରିଦେବ ବୋଲି। ଅଥଚ ତୁ ଆଜି ତାକୁ ସହାୟତା କରିବାକୁ ଯାଉଛୁ କାହିଁକି ? ତହୁଁ ଦୟାରାମ କହିଲା -ମୁଁ ଆଜି ତାକୁ ସତକୁସତ ମାରିଦେବି। ରାତିପାହି ସକାଳ ହେଲେ ତୁମେ ତାକୁ ଦେଖିବ। ଯେତେବେଳେ ଶେରସିଂହ ଦୟାରାମକୁ ବଳଦ ଘେନି ଆସୁଥିବାର ଦେଖିଲା ଗର୍ବରେ ବେଲୁନ ଭଳି ଫୁଲିଉଠି କହିଲା - ତୁ ଏଇକ୍ଷଣି ନିଜ ବଳଦକୁ ନେଇ ଫେରିଯା। କୌଣସି ପ୍ରକାର ସାହାଯ୍ୟ ମୋର ଦରକାର ନାହିଁ। ଦୟାରାମ କହିଲା -ତୋ ମନରେ ଯାହା ଆସୁଚି ଗାଳିଦେ, ମନ ଯଦି କହୁଚି ମତେ ଜୀବନରେ ମାରିଦେ। ଏ ସମୟରେ ତୁ ସଂକଟରେ ପଡିଛୁ। ତୋର ଗାଡି ପଙ୍କୁଆ ନାଳରେ ଫସିଯାଇଛି, ଆଉ ଏବେ ଘନଘୋର ରାତି। ମୁଁ କିନ୍ତୁ ତୋ କଥାକୁ ଏ ସମୟରେ ମାନିପାରିବି ନାହିଁ। ସେଇଠୁ ଦୟାରାମ ଶେରସିଂହର ବଳଦଯୋଡିକୁ ଫିଟେଇ ନିଜ ବଳଦଗାଡିରେ ଯୋଚିଲା। ଦେଖୁଦେଖୁ ବଳୁଆ ବଳଦ ଯୋଡିକ ବଳଦଗାଡିଟିକୁ ନାଳରୁ ଭିଡିଓଟାରି ବାହାର କରିଆଣିଲେ। ଶେରସିଂହ ବଳଦଗାଡି ନେଇ ଘରକୁ ଲେଉଟିଲା। ତାର ଦୁଷ୍ଟାମି ସ୍ୱଭାବ ସେଇଦିନୁ ବଦଳିଗଲା। ସେ କହିବୁଲିଲା -ଦୟାରାମ ନିଜ ଉପକାର ଦ୍ୱାରା ମତେ ମାରିଦେଲା। ଏବେ ମୋର ସେ ଅହଂକାରୀ ଶେରସିଂହ କୋଉଠି ରହିଲା !

ଏଣିକି ସେ ନମ୍ରତାର ସହ ସ୍ନେହପୂର୍ଣ୍ଣ ବ୍ୟବହାର କରିବାକୁ ଲାଗିଲା। ଦୁର୍ଗୁଣ ଉପରେ ସୁଗୁଣର ଜିତାପଟ ହିଁ ପ୍ରକୃତ ଜିତ୍। ସତ୍ୟବାଦୀ ଦୟାରାମର ବିଜୟ ହେଲା।

ସେବାନିବୃତ୍ତ ଅତିରିକ୍ତ ଶାସନ ସଚିବ
ଓସ୍କାର ସିଟି, ପ୍ଲଟ ନଂ ୪୫୪ ,ଲେନ ନଂ-୯ , ଲକ୍ଷ୍ମୀସାଗର , ଭୁବନେଶ୍ୱର,
ମୋ-୯୪୩୮୩୩୨୧୩୮

## କବିତା
ତୁମ ପାଇଁ

### ପବନରେ ପବନ
ନୀଳମଣି ଚାନ୍ଦ

'ଶୀତ ପଡ଼ିଲାଣି' ସମ୍ବାଦ ଦେବାକୁ
ଉତ୍ତରା ପବନ ଅଇଲା
ଦେଖିଲେ ଲାଗଇ ଥରିଥରି ସିଏ
ଏଇ କଥାଟିକୁ କହିଲା।
ମନେ ପଡିଯାଏ ପବନର କଥା
ମଳୟ ହୋଇ ସେ ବହଇ
ବସନ୍ତଋତୁରେ ଦକ୍ଷିଣରୁ ଆସେ
ଚୈତ୍ର ଶେଷ ଯାଏ ରହଇ।
ଗ୍ରୀଷ୍ମ ଆସିଗଲେ ଝାଞ୍ଜି ହୋଇ ବହେ
କୁହ କିଏରେ ନ ଡରିବ
ସବୁ ଭାବୁଥାନ୍ତି ଝାଞ୍ଜି ପବନର
ଦିନକାଳ କେବେ ସରିବ।
ବରଷାଋତୁରେ ସେଇ ପବନରେ
ଆର୍ଦ୍ରତା ଥାଏରେ ଭରିଟି
ଶରତରେ ସିଏ ମନ୍ଦ ସମୀରଣ
ବହେ ସୁଲୁସୁଲୁ କରିଟି।
କେଉଁଠାରେ ସିଏ ଗର୍ଜନ ଚାଳିଶା
ବାତ୍ୟା ରୂପ କେବେ ନିଅଇ
ପଞ୍ଚମହାଭୂତ ଭିତରୁ ସେ ଏକ
ଏ ଚିତ୍ର ଆମକୁ ଦିଅଇ।
ସମୀର, ମରୁତ, ବାତ, ପ୍ରଭଞ୍ଜନ
ଭିନ୍ନ ଭିନ୍ନ ତା'ର ନାମଟି
ପ୍ରଶ୍ୱାସରେ ସିଏ ଶରୀରକୁ ଯାଇ
କରିଥାଏ ବଡ଼ କାମଟି।
କୁନା କହେ ଭର ବେଲୁନରେ ମୋ'ର
ଆକାଶକୁ ଉଡ଼ିଯାଉରେ
ସବୁଠାରେ ଅଛି ଆଖିକୁ ଦିଶେନା
ତା ପରି କେ ହେବ ଆଉରେ !!

+୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯
ମୋ:୯୫୮୩୨୦୨୩୫୭

# ସଚ୍ଚୋଟ ହେବାର ଫଳ

ମୂଳ ହିନ୍ଦୀ-ଡଃ.ପ୍ରେମଚାନ୍ଦ ଗୋସ୍ୱାମୀ
ଅନୁସୃଜନ-କସ୍ତୁରୀ ଚରଣ ରାଉତ



କୌଣସି ଏକ ରାଜ୍ୟରେ ଗୋଟିଏ ପୁରୁଣା ମନ୍ଦିର ପାଖରେ ଋଷି ସର୍ବଦାନନ୍ଦଙ୍କ ଆଶ୍ରମ ଥିଲା। ସେଠାରେ ସେ ପୂଜାର୍ଚ୍ଚନା କରିବା ସହିତ ଭକ୍ତମାନଙ୍କୁ ଉପଦେଶ ଦେଉଥିଲେ। ସେଠାକୁ ପ୍ରତିଦିନ କୁନାଳ ନାମକ ଏକ ଭକ୍ତ ତାଙ୍କ ପ୍ରବଚନ ଶୁଣିବାକୁ ଆସୁଥିଲା।

ଦିନେ ପ୍ରବଚନ ଶୁଣିସାରି ଋଷିଙ୍କୁ ଏକୁଟିଆ ଦେଖି ସେ ପଚାରିଲା - 'ଆଜିକାଲି ମୋ ମନ ଅଶାନ୍ତ ରହୁଛି। ଶାନ୍ତି ପାଇବାକୁ ହେଲେ ମୋର କ'ଣ କରିବା ଉଚିତ ?'

ଋଷି କହିଲେ - 'ତୁମକୁ କାଶୀ ବିଶ୍ୱନାଥଙ୍କ ଦର୍ଶନ କରିବା ଉଚିତ। ସେଠାକୁ ଗଲେ ତୁମକୁ ଶାନ୍ତି ମିଳିବ।'

କୁନାଳ ତା' ପର ଦିନ ଯାତ୍ରାରେ ବାହାରି ପଡ଼ିଲା। ସେତେବେଳେ ଯିବା ଆସିବାର ସେତେ ସୁବିଧା ନଥିଲା। କୁନାଳକୁ ପାଦରେ ଚାଲି ଚାଲି ଯିବାକୁ ପଡ଼ିଲା। ଖର୍ଚ୍ଚ ପାଇଁ ସାଙ୍ଗରେ ୧୦୦ ସ୍ୱର୍ଣ୍ଣମୁଦ୍ରା ସେ ନେଇଥିଲା।

ରାସ୍ତାରେ ତା'ର ଜୋତା ଫାଟିଗଲା। ସେ ଦେଖିଲା ଗୋଟିଏ ଗଛ ତଳେ ଚମାରଟିଏ ଜୋତା ମରାମତି କାମ କରୁଛି। କୁନାଳ ନିଜ ଜୋତା ମରାମତି କରିବାକୁ ଦେଲା। ଚମାରଟି ଜୋତା ମରାମତି କରିବା ସହିତ ତାକୁ ଯାତ୍ରାର କାରଣ ପଚାରିଲା। କୁନାଳ କାଶୀ ଯାଉଛି ବୋଲି କହିଲା। ଏ କଥା ଜାଣି ଚମାରଟି ଖୁସି ହେଲା। ଜୋତା ମରାମତି ପାଇଁ କୁନାଳ ଏକ ସ୍ୱର୍ଣ୍ଣମୁଦ୍ରା ଦେଲା। ଚମାର ସେଇ ସ୍ୱର୍ଣ୍ଣମୁଦ୍ରାଟି ତା' ତରଫରୁ କାଶୀ ବିଶ୍ୱନାଥଙ୍କ ପାଦ ତଳେ ଚଢେଇ ଦେବାକୁ କୁନାଳକୁ କହିଲା।

କୁନାଳ ନିଜ ଗାମୁଛାରେ ଚମାରର ସ୍ୱର୍ଣ୍ଣମୁଦ୍ରାଟି ବାନ୍ଧି ଆଗକୁ ଚାଲିଲା। ରାସ୍ତାରେ ମଙ୍ଗଳ ସିଂହ ନାମକ ଏକ ଡାକୁ ସହିତ ଭେଟ ହେଲା। ସେ ତାକୁ ଡରେଇ ଧମକେଇ ସବୁ ସ୍ୱର୍ଣ୍ଣମୁଦ୍ରା ଛଡ଼େଇନେଲା। ଡାକୁ ଗାମୁଛାରେ ବନ୍ଧା ହୋଇଥିବା ସ୍ୱର୍ଣ୍ଣମୁଦ୍ରାଟି ନେବାକୁ ଚାହିଁଲା। କୁନାଳ କହିଲା - 'ଭାଇ, ଏଇ ସ୍ୱର୍ଣ୍ଣମୁଦ୍ରାଟି ଜଣେ ଚମାର ତରଫରୁ କାଶୀ ବିଶ୍ୱନାଥଙ୍କୁ ସମର୍ପଣ କରିବି। ସେ ମୋତେ ବିଶ୍ୱାସରେ ଦେଇଛନ୍ତି। ଦୟାକରି ଏହାକୁ ଛଡ଼େଇ ନିଅନ୍ତୁ ନାହିଁ।

ଡାକୁ ମଙ୍ଗଳ ସିଂହ ଭାବିଲା - 'ଯଦି ସାଧାରଣ ଚମାରଟିଏ ବିଶ୍ୱନାଥଙ୍କ ମନ୍ଦିରରେ ନିଜ ତରଫରୁ କିଛି ସମର୍ପଣ କରିବାକୁ ପଠେଇ ପାରିଲା, ତା'ହେଲେ ମୋ ତରଫରୁ ବି କିଛି ପଠେଇବା ଉଚିତ୍।' ଏହା ଭାବିଲା କ୍ଷଣି ତା'ର ମନ ବଦଳିଗଲା। ସେ ସବୁ ସ୍ୱର୍ଣ୍ଣମୁଦ୍ରା କୁନାଳକୁ ଫେରେଇ ଦେଇ କହିଲା - 'ଏ ସବୁ ସ୍ୱର୍ଣ୍ଣମୁଦ୍ରା ମୋ ତରଫରୁ ତୁମେ ଭଗବାନ ବିଶ୍ୱନାଥଙ୍କ ଚରଣରେ ସମର୍ପଣ କରିଦେବ।'

ଡାକୁର କାମ କରିଦେବ ବୋଲି କଥା ଦେଇ କୁନାଳ ଆଗକୁ ବଢିଲା। ଦିନେ ସେ ଜଙ୍ଗଲ ରାସ୍ତାରେ ଯାଉଥିବା ସମୟରେ, ଗୋଟେ ରାକ୍ଷସ ତା' ଆଗରେ ଠିଆ ହୋଇ କହିଲା - 'ମୁଁ ବହୁତ ଦିନ ହେଲା ଭୋକିଲା ଅଛି। ତୋତେ ଖାଇ ମୁଁ ମୋର ଭୋକ ମେଣ୍ଟେଇବି।'

କୁନାଳ ରାକ୍ଷସକୁ କହିଲା - 'ମୁଁ କାଶୀ ବିଶ୍ୱନାଥଙ୍କ ଦର୍ଶନ କରିସାରି ଏଇ ରାସ୍ତାରେ ଫେରିବି। ସେତେବେଳେ ମୋତେ ଖାଇ ତୁମ ଭୋକ ମେଣ୍ଟେଇବ। ଏବେ ତୁମେ ମୋତେ କାଶୀ ଯିବାକୁ ଦିଅ।' ରାକ୍ଷସ କଥା ମାନି ତାକୁ ଯିବାକୁ ଦେଲା।

ଦୀର୍ଘ ପଥ ଯାତ୍ରାକରି କୁନାଳ କାଶୀ-ବିଶ୍ୱନାଥଙ୍କ ମନ୍ଦିରରେ ପହଞ୍ଚିଲା। ଗୋଟିଏ ସ୍ୱର୍ଣ୍ଣମୁଦ୍ରା ଚମାର ତରଫରୁ ଓ ବାକି ସ୍ୱର୍ଣ୍ଣମୁଦ୍ରା ଡାକୁ ମଙ୍ଗଳ ସିଂହ ତରଫରୁ ଠାକୁରଙ୍କୁ ସମର୍ପଣ କଲା। କିଛି ଦିନ ସେଠାରେ ରହି ଖୁସି ମନରେ ପୁଣି ଘରକୁ ଫେରି ଆସିଲା।

ରାକ୍ଷସକୁ ଦେଇଥିବା କଥା ଅନୁସାରେ ଭେଟିବା ପାଇଁ ତା' କୁଡ଼ିଆକୁ ଗଲା। ତା' କୁଡ଼ିଆ ସ୍ଥାନରେ ଏକ ବିରାଟ ପ୍ରାସାଦ ଠିଆ ହୋଇଥିଲା। ରାକ୍ଷସ ସେଠିକାର ରାଜା ହେଇ ଆଦିବାସୀଙ୍କ ଉପରେ ଶାସନ କରୁଥିଲା। କୁନାଳ ପଚାରିବାରୁ ରାକ୍ଷସ କହିଲା ଯେ ଏବେ ସେ ମଣିଷମାନଙ୍କୁ ଖାଇବା ଛାଡ଼ି ଦେଇଛି ଏବଂ ତାଙ୍କର ସେବା କରୁଛି। କୁନାଳକୁ କାଶୀ-ବିଶ୍ୱନାଥଙ୍କ ମନ୍ଦିର ଯିବାକୁ ଦେଇଥିବାର ପୁଣ୍ୟ ଯୋଗୁଁ ତାହାକୁ ଏସବୁ ସୁଖ ମିଳିଛି। ଏ କଥା ଶୁଣି ଖୁସି ମନରେ କୁନାଳ ଆଗକୁ ଚାଲିଲା।

ରାସ୍ତାରେ ଡାକୁ ମଙ୍ଗଳ ସିଂହ ସହିତ ଦେଖା ହେଲା। ଡାକୁ କୁନାଳକୁ ଦେଖି କହିଲା - 'ଭାଇ, ବିଶ୍ୱନାଥଙ୍କ କୃପାରୁ ରାଜା ଏହି ବନଟି ମୋତେ ଦେଇଦେଲେ। ଏବେ ତୁମର ସ୍ୱର୍ଣ୍ଣମୁଦ୍ରା ମୋଠାରୁ ଫେରେଇ ନିଅ। କିଛି ଦିନ ଏଠାରେ ରହିବ ଏବଂ ଯେବେ ତୁମ ଇଚ୍ଛା ହେବ ସେତେବେଳେ ଖୁସି ମନରେ ଘରକୁ ଯିବ। କିଛି ଦିନ କୁନାଳ ସେଠାରେ ରହିଲା ଓ ପୁଣି ନିଜ ଘର ଅଭିମୁଖେ ବାହାରିଗଲା।

ବାଟରେ ଚମାର ସହିତ ଦେଖା ହେଲା। ସେ ଦେଖିଲା କି ଗଛ ତଳ ବଦଳରେ ଚମାର ଏକ ବିରାଟ ଦୋକାନର ମାଲିକ ହୋଇ ଆରାମ ଚଉକିରେ ବସିଥିଲା। କୁନାଳକୁ ଆସିବାର ଦେଖି ସେ ତୁରନ୍ତ ତା' ପାଖକୁ ଆସିଲା ଓ ଖୁସିରେ କୁଣ୍ଢେଇ ପକେଇଲା। କହିଲା - 'ତୁମ ଯୋଗୁଁ ମୁଁ ତୁରନ୍ତ ବାବା ବିଶ୍ୱନାଥଙ୍କ କୃପା ଲାଭ କଲି। କିଛି ଦିନ ତଳେ ଘର ଅଗଣା ଖୋଳିବାରୁ ସ୍ୱର୍ଣ୍ଣମୁଦ୍ରାରେ ପରିପୂର୍ଣ୍ଣ ଏକ କଳସ ମିଳିଲା, ଯେଉଁଥିରେ ମୋର ଭାଗ୍ୟ ବଦଳିଗଲା।

କୁନାଳ ଭାବିଲା - 'ଚମାର, ଡାକୁ ଓ ରାକ୍ଷସ ତିନି ଜଣଙ୍କୁ ବିଶ୍ୱନାଥଙ୍କୁ ସେବା କରିବାର ଫଳ ମିଳିଲା। ମୋର ଅବସ୍ଥା ଯେମିତିକୁ ସେମିତି।' ଏଇଆ ଚିନ୍ତା କରି ସର୍ବଦାନନ୍ଦଙ୍କ ପାଖରେ ପହଞ୍ଚିଲା ଏବଂ ତାଙ୍କୁ ସବୁ କଥା କହିଲା।

ସର୍ବଦାନନ୍ଦ ତାକୁ ବୁଝେଇ କହିଲେ - 'କୁନାଳ, ଚମାର ଅତି ଦରିଦ୍ର ଥିଲା। ସେବାର ଫଳ ପାଇ ସେ ଦାରିଦ୍ର୍ୟରୁ ମୁକ୍ତି ପାଇଲା। ଡାକୁ ମଙ୍ଗଳ ସିଂହକୁ ଶିଘ୍ର ଫଳ ମିଳି ନଥିଲେ, ଆହୁରି କେତେ ନିର୍ଦ୍ଦୋଷ ଲୋକଙ୍କୁ ଲୁଟିଥାନ୍ତା। ରାକ୍ଷସକୁ ବି ଶିଘ୍ର ପୁଣ୍ୟର ଫଳ ମିଳିଲା, ନହେଲେ କେତେ ଲୋକଙ୍କର ସେ ଜୀବନ ନେଇଥାନ୍ତା। ବାକି ରହିଲା ତୁମ କଥା, ତୁମକୁ ପୁଣ୍ୟ ଫଳ ମିଳିବାର ଏବେ କୌଣସି ଆବଶ୍ୟକତା ନାହିଁ। ତୁମର ଏବେ ଖାଇବା ପିଇବାରେ କିଛି ଅସୁବିଧା ନାହିଁ। ତୁମେ ଆରାମରେ ଅଛ। ହେଲେ ପ୍ରଭୁଙ୍କ ଉପରେ ବିଶ୍ୱାସ ରଖ, ଦିନେ ନା ଦିନେ ତୁମ ସଚ୍ଚୋଟପଣିଆର ଫଳ ତୁମକୁ ନିଶ୍ଚୟ ମିଳିବ।'

ଏହା ଶୁଣି କୁନାଳ ମନରୁ ସବୁ ସନ୍ଦେହ ଦୂର ହେଇଗଲା। ସର୍ବଦାନନ୍ଦଙ୍କ କଥା ସତ ହେଲା। ଧିରେ ଧୀରେ କୁନାଳର ବ୍ୟବସାୟରେ ଉନ୍ନତି ହେଲା ଏବଂ ସେ ସହରର ଜଣେ ପ୍ରସିଦ୍ଧ ବ୍ୟବସାୟୀ ହୋଇଗଲା।

+ସତ୍ୟବାଦୀ ହାଇସ୍କୁଲ୍,ଧଣ୍ଡାମାଳ
ବଲାଙ୍ଗିର
ମୋ: ୮୯୧୭୩୯୭୩୪୮

## ବିଶ୍ୱଶାନ୍ତି ପାଇଁ ରାମ ମନ୍ଦିରରେ ୨୦୦୦ ସାମୂହିକ ଦୀପଦାନ

ଭୁବନେଶ୍ୱର, ୧୮/୧୧ (ନି.ପ୍ର): ପବିତ୍ର ଦେବ ଦୀପାବଳୀ ଉପଲକ୍ଷେ ଆସନ୍ତା ନଭେମ୍ବର ୨୩ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱର ଶ୍ରୀରାମ ମନ୍ଦିରରେ ବିଶ୍ୱର ପ୍ରତ୍ୟେକ ପ୍ରାଣୀର କଲ୍ୟାଣ ପାଇଁ ଓ ବିଶ୍ୱଶାନ୍ତି ପାଇଁ ୨୦୦୦ ଘୃତ ଦୀପ ପ୍ରଜ୍ୱଳିତ କରାଯିବ। ବୁଦ୍ଧ ମନ୍ଦିରଠାରେ ହାପି ଲିଭିଙ୍ଗ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସମାଜସେବୀ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଦେବ ଦୀପାବଳୀ ଉତ୍ସବ ୩ ଦିନ ଧରି ଶ୍ରୀମନ୍ଦିରରେ ପାଳନ କରାଯାଇଥାଏ। ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ଶୁକ୍ଳ ପ୍ରତିପଦା ତିନିଦିନ ଧରି ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରାଦ୍ଧ ବେଶ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଚତୁର୍ଦ୍ଦଶୀ ଦିନ ମା, ଅଦିତି ଓ କଶ୍ୟପଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ କରାଯାଉଥିବା ବେଳେ ଅମାବାସ୍ୟା ଦିନ ଦଶରଥ, କୌଶଲ୍ୟା ଓ ଶୁକ୍ଳ, ପ୍ରତିପଦାରେ ନନ୍ଦ, ଯଶୋଦା, ଦେବକୀ, ବାସୁଦେବ ଓ ଇନ୍ଦ୍ରଦ୍ୟୁମ୍ନ ଗୁଣ୍ଡିଚା ମା'ଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ କରାଯିବାର ପରମ୍ପରା ଚଳି ଆସୁଛି। ଅନୁଷ୍ଠାନର ଅଧ୍ୟକ୍ଷ ବାସ୍ତୁବିତ ଡଃ ମନୋଜ ଲେଙ୍କା କହିଲେ ଯେ,ଏହି ଦିନ ପରିବାରର ମଙ୍ଗଳ ପାଇଁ ପ୍ରତ୍ୟେକ ଗୃହସ୍ଥ ନିଜର ପିତାମାତାଙ୍କ ଉଦ୍ଦେଶ୍ୟରେ ମଧ୍ୟ ଘୃତ ଦୀପଟିଏ ଜାଳିଲେ ମାନସିକ ଶାନ୍ତି ପାଇବା ସହ ପରିବାରର ମଙ୍ଗଳ ହେବ।

## ଶିକ୍ଷଣ ପରିପୂରଣ କାର୍ଯ୍ୟକ୍ରମର ମଧ୍ୟବର୍ତ୍ତୀକାଳୀନ ଆକଳନ ଆରମ୍ଭ

ଭୁବନେଶ୍ୱର, ୧୮/୧୧ (ନି.ପ୍ର): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବଙ୍କ ନିର୍ଦ୍ଦେଶ ଅନୁଯାୟୟୀ ଚଳିତ ମାସ ୧୧ ତାରିଖଠାରୁ ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ମାନଙ୍କରେ ଶିକ୍ଷଣ ପରିପୂରଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ତୃତୀୟରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ପାଇଁଉଦ୍ଦିଷ୍ଟ । ୫୦ଟି କାର୍ଯ୍ୟ ଦିବସ ସମ୍ବଳିତ ଏହି କାର୍ଯ୍ୟକ୍ରମରେ ଗଣିତ, ଇଂରାଜୀ, ବିଜ୍ଞାନ ଏବଂ ଓଡିଆ (କେବଳ ତୃତୀୟ ଶ୍ରେଣୀ ପାଇଁ) ବିଷୟର ଅଭ୍ୟାସ କାର୍ଯ୍ୟ ପୁସ୍ତିକା ଛାତ୍ରଛାତ୍ରୀମାନଙ୍କୁ ଯୋଗାଇ ଦିଆଯାଇଛି । ଏଥି ନିମନ୍ତେ ଦିବସ ଅନୁଯାୟୀ କାର୍ଯ୍ୟସୂଚୀ ଶିକ୍ଷକମାନଙ୍କୁ ତାଲିମ ପଦାନ କରାଯାଇଛି । ଏହା ପୂର୍ବରୁ ଛାତ୍ରଛାତ୍ରୀମାନଙ୍କର ପ୍ରାରମ୍ଭିକ ମାନ ନିର୍ଦ୍ଧାରଣ କରାଯାଇଛି। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ଉଦ୍ଦେଶ୍ୟରେ ରାଜ୍ୟ, ଜିଲ୍ଲା, ବ୍ଲକ ଓ କ୍ଲଷ୍ଟର ସ୍ତରରେ ତଦାରଖ ପାଇଁ ମନୋନୀତ ସଂସ୍ଥା ଦ୍ୱାରା ୱେବ ପୋର୍ଟାଲଏବଂ ମୋବାଇଲ ଆପ୍ ର ବ୍ୟବହାର କରାଯାଉଛି । ଏହାର ସଠିକ ବ୍ୟବହାର ନିମନ୍ତେ ଜିଲ୍ଲା ସ୍ତରର ଅଧିକାରୀ ତଥା ସଂଯୋଜକମାନଙ୍କୁ ତାଲିମ ଦିଆଯାଇଛି। ଏହି କାର୍ଯ୍ୟକ୍ରମର ଅଗ୍ରଗତି ଜିଲ୍ଲା ସ୍ତରର ଉଜଗ ବୈଠକରେ ଆଲୋଚନା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରଛାତ୍ରୀ ମାନଙ୍କ ପାଇଁ ମଧ୍ୟବର୍ତ୍ତୀକାଳୀନ ଆକଳନ ଏବଂ ଅନ୍ତିମକାଳୀନ ଆକଳନ କରିବା ପାଇଁ ବ୍ୟବସ୍ଥା କରାଯାଇଛି । ମଧ୍ୟବର୍ତ୍ତୀକାଳୀନ ଆକଳନ ତା. ୧୭.୧୧.୨୨ ରିଖଠାରୁ ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ମାନଙ୍କରେ ଆରମ୍ଭ କରାଯାଇଛି । ଏହି ଆକଳନ ତା. ୧୯.୧୧.୨୨ ରିଖ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟ ମାନଙ୍କରେ କରାଯିବା ପାଇଁ ବିଭାଗ ତରଫରୁ ନିର୍ଦ୍ଦେଶ ଦିଆଯାଇଛି।

## ସାତ ମାସରେ ୩୪,୪୮୮ ଅବକାରୀ ମାମଲା ରୁଜୁ

ଭୁବନେଶ୍ୱର, ୧୮/୧୧ (ନି.ପ୍ର): ଅବକାରୀ ବିଭାଗର ଧରପଗଡ ଯୋଗୁଁ ଚଳିତ ଆର୍ଥିକ ବର୍ଷର ଅକ୍ଟୋବର ସୁଦ୍ଧା ରାଜ୍ୟରେ ରେକର୍ଡ ସଂଖ୍ୟକ ୩୪,୪୮୮ ମାମଲା ରୁଜୁ ହୋଇଛି । ଗତବର୍ଷର ଏହି ସମୟ ତୁଳନାରେ ଏହା ପ୍ରାୟ ୫୭ ପ୍ରତିଶତ ଅଧିକ ରହିଥିବା ଜଣାଯାଇଛି । ଗତବର୍ଷ ଏହି ସମୟରେ ୨୧,୯୬୦ ମାମଲା ରୁଜୁ ହୋଇଥିଲା । ଆଜି ଭାରପ୍ରାପ୍ତ ଅବକାରୀ କମିଶନର ରାମଚନ୍ଦ୍ର ପାଲଟାଙ୍କ ଦ୍ୱାରା ହୋଇଥିବା ମାସିକ ସମୀକ୍ଷା ବୈଠକରୁ ଏହି ସୂଚନା ମିଳିଛି । ଏହି ସମୀକ୍ଷା ବୈଠକରେ ଯୁଗ୍ମ ଅବକାରୀ କମିଶନର ଡକ୍ଟର ଦିବ୍ୟ ଲୋଚନ ମହନ୍ତ, ଶରତଚନ୍ଦ୍ର ମହାପାତ୍ର, ଉପ ଅବକାରୀ ଆୟୁକ୍ତ ରାମ ଚନ୍ଦ୍ର ମିଶ୍ର, ରଜତ କୁମାର ପ୍ରହରାଜ, ଦଣ୍ଡପାଣି ବେହେରା ଓ ଡମ୍ବରୁଧର ଖଣ୍ଡାଙ୍କ ସମେତ ସମସ୍ତ ଅଧୀକ୍ଷକ ଉପସ୍ଥିତ ଥିଲେ । ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତ ଆର୍ଥିକ ବର୍ଷର ଅକ୍ଟୋବର ମାସରେ ଧରପଗଡ ଯୋଗୁଁ ୧୦୩୨ଟି ଏନଡିପିଏସ ମାମଲା ଦରଜ ହୋଇଥିବାବେଳେ ୧୧୯୧ ଜଣଙ୍କୁ ଗିରଫ କରାଯାଇଛି । ଗତବର୍ଷ ଏହି ସମୟରେ ୩୯୪ଟି ଏନଡିପିଏସ ମାମଲା ରୁଜୁ ସହିତ ୪୭୦ଜଣଙ୍କୁ ଗିରଫ ହୋଇଥିଲା । ଗତବର୍ଷର ଅକ୍ଟୋବର ତୁଳନାରେ ଚଳିତବର୍ଷ ମାମଲା ରୁଜୁ ଓ ଗିରଫ ସଂଖ୍ୟା ୧୬୨ ପ୍ରତିଶତ ଅଧିକ ରହିଛି । ସେହିଭଳି ଚଳିତ ଆର୍ଥିକ ବର୍ଷର ଅକ୍ଟୋବର ଶେଷ ସୁଦ୍ଧା ୧୮,୩୦୬ ଗ୍ରାମ ହିରୋଇନ ଜବତ ହୋଇଥିବାବେଳେ ଗତବର୍ଷ ଏହା ହଜାରେ ଗ୍ରାମରୁ କମ ରହିଥିଲା ସେହିଭଳି ଅକ୍ଟୋବର ଶେଷ ସୁଦ୍ଧା ୨୬,୬୭୪ କିଲୋ ଗଞ୍ଜେଇକୁ ଅବକାରୀ ଅଧିକାରୀମାନେ ଜବତ କରିଛନ୍ତି । ଏହାଛଡା ପଦ୍ମପୁର ଉପନିର୍ବାଚନକୁ ଦୃଷ୍ଟିରେ ରଖି ବେଆଇନ ନିଶା କାରବାର ଉପରେ ସତର୍କ ଦୃଷ୍ଟି ରଖିବା ସହିତ ଚଢାଉକୁ ଜୋରଦାର ଲାଗି ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।

## ଟିପିଏନ୍ଓଡିଏଲ୍ ପକ୍ଷରୁ ଯାଜପୁର ଟାଉନରେ ଗ୍ରାହକ ସେବା କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର/ଯାଜପୁର ଟାଉନ୍: ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନ୍ଓଡିଏଲ୍) ପକ୍ଷରୁ ଯାଜପୁର ଟାଉନର ରକ୍ଷାକାଳୀ ମନ୍ଦିର ନିକଟସ୍ଥ କଲ୍ୟାଣପୁରଠାରେ ନୂଆ ଗ୍ରାହକ ସେବା କେନ୍ଦ୍ର ଉଦ୍ଘାଟନ କରାଯାଇଛି । ଏହି କେନ୍ଦ୍ର ଉଦଘାଟିତ ହେବା ସହ ଟିପିଏନ୍ଓଡିଏଲ୍ର ବିଦ୍ୟୁତ୍ ବଂଟନ ପାଇଁ ଲାଇସେନ୍ସପ୍ରାପ୍ତ ଅଂଚଳରେ ଗ୍ରାହକ ସେବା କେନ୍ଦ୍ର ସଂଖ୍ୟା ୧୦ରେ ପହଞ୍ଚିଛି । ନୂଆ ଗ୍ରାହକ ସେବା କେନ୍ଦ୍ରକୁ ଟିପିଏନ୍ଓଡିଏଲର ସିଇଓ ଭାସ୍କର ସରକାର ଉଦଘାଟନ କରିଛନ୍ତି ।

ଏହି ଅବସରରେ ଅତିଥି ଭାବେ ଯାଜପୁର ଟାଉନର ଏଡିଏମ୍ ଅକ୍ଷୟ କୁମାର ମଲ୍ଲିକ, କଂପାନିର ଚିଫ୍ ଅଫ୍ କମର୍ସ ଦୁଷ୍ୟନ୍ତ କୁମାର ତ୍ୟାଗି, ଗ୍ରାହକ ସେବା ମୁଖ୍ୟ ବିନୋଦ କୁମାର ବିଏନ୍, ଯାଜପୁର ରୋଡର ଏସ୍ଇ ବିଭୁ ରଂଜନ ସାହୁ, ଯାଜପୁର ଟାଉନର ଏକ୍ଜିକ୍ୟୁଟିଭ୍ ଇଞ୍ଜିନିୟର ଗୌରହରି ମଣ୍ଡଳ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ ।

ଗ୍ରାହକ ସନ୍ତୁଷ୍ଟି ଉପରେ ଗୁରୁତ୍ୱାରୋପ କରି ଏହି ଗ୍ରାହକ ସେବା କେନ୍ଦ୍ର (ସିସିସି)ଗୁଡ଼ିକ ଉଚ୍ଚ ପ୍ରଶିକ୍ଷିତ ଅଧିକାରୀମାନଙ୍କ ଟିମ୍ ଦ୍ୱାରା ପରିଚାଳିତ ହେବ ଯେଉଁଠାରେ ନୂଆ ସଂଯୋଗ ଆବେଦନ, ମାସିକ ବିଲ୍ ପେମେଂଟ୍, ଗ୍ରାହକଙ୍କ ପ୍ରଶ୍ନ ଏବଂ ସମସ୍ୟା ସହିତ ଅନ୍ୟାନ୍ୟ ଗ୍ରାହକ ସମ୍ପର୍କିତ ସେବାକୁ ନେଇ ବିଭିନ୍ନ ପ୍ରକାର ଗ୍ରାହକ ସେବା ପ୍ରଦାନ କରାଯିବ ।

ଏହି ଅବସରରେ ଟିପି ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାସ୍କର ସରକାର କହିଛନ୍ତି ଯେ, "ଆମେ ବାସ୍ତବ ଗ୍ରାହକ ସନ୍ତୁଷ୍ଟି ପାଇଁ ଲକ୍ଷ୍ୟ ରଖିଛୁ । ପେସାଦାରମାନଙ୍କ ଉଚ୍ଚ ପ୍ରଶିକ୍ଷିତ ଟିମ୍ ସମେତ ଗ୍ରାହକ ସେବା କେନ୍ଦ୍ରଗୁଡ଼ିକର ଏହି ଶୃଙ୍ଖଳା ଆମ ଗ୍ରାହକମାନଙ୍କୁ ଉତ୍ତମ ଅନୁଭୂତି ପ୍ରଦାନ କରିବା ଲାଗି ରହିଥିବା ଲକ୍ଷ୍ୟ ଦିଗରେ ସେବା ପ୍ରଦାନ କରିବେ ।'' ଗ୍ରାହକମାନେ ସମସ୍ୟା ଓ ପ୍ରଶ୍ନ ପାଇଁ ଟିପିଏନ୍ଓଡିଏଲ୍ର ଏକ ଉତ୍ସର୍ଗୀକୃତ ଟୋଲ୍ ଫ୍ରି ନମ୍ବର ୧୮୦୦-୩୪୫-୬୭୧୮/ ୧୯୧୨ ରହିଛି । ଟିପିଏନ୍ଓଡିଏଲ୍ ଅଧୀନରେ ଥିବା ୧୫୯ଟି ସେକ୍ସନରୁ ପ୍ରତି ସେକ୍ସନରେ ଜଣେ ଲେଖାଏଁ ଗ୍ରାହକ ସେବା କେନ୍ଦ୍ର ଏକ୍ଜିକ୍ୟୁଟିଭ୍ ନିଯୁକ୍ତ କରାଯାଇଛି । ଏହା ବ୍ୟତୀତ, ଉତର ଓଡ଼ିଶା ସମ୍ପର୍କିତ ବିଦ୍ୟୁତ ପାଇଁ ଯେକୌଣସି ସେବା ନିମନ୍ତେ ଗ୍ରାହକମାନେ "ମାଇଁ ଟାଟା ପାୱାର ମୋବାଇଲ୍ ଆପ୍' ଡାଉନଲୋଡ୍ କରିପାରିବେ ।''



## ଖଣି ଅଂଚଳରେ ପ୍ରତିଷ୍ଠା ହେବ ଦକ୍ଷତା ବିକାଶ କେନ୍ଦ୍ର, ଖଣିଜ କ୍ଷେତ୍ର ପାଇଁ ଦିଆଯିବ ଟ୍ରେନିଂ

ଭୁବନେଶ୍ୱର, ୧୮/୧୧ (ନି.ପ୍ର): ଖଣିଜ କ୍ଷେତ୍ରରେ କାର୍ଯ୍ୟ କରିବା ନିମନ୍ତେ ଯୁବବର୍ଗଙ୍କୁ କୁଶଳୀ କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି ଓଡ଼ିଶା ସରକାର। ଏନେଇ ଦକ୍ଷତା ବିକାଶ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡ଼େଇ, ଟାଟା ଗ୍ରୁପର ସ୍କିଲ୍ କାଉନସିଲ୍ ଫର ମାଇନିଂ ସେକ୍ଟର (ଏସ୍.ସି.ଏମ୍.ଏସ) ଅଧିକାରୀଙ୍କ ସହ ଗୁରୁବାର ଲୋକସଭା ଭବନରେ ଆଲୋଚନା କରିଛନ୍ତି। ଓଡ଼ିଶାର ଅଧିକାଂଶ ଜିଲ୍ଲା ଖଣି ପ୍ରଭାବିତ ଅଂଚଳ। ସେଥିପାଇଁ ଜିଲ୍ଲାସ୍ତରରେ ଖଣି ପ୍ରଭାବିତ ଅଂଚଳରେ ଦକ୍ଷତା ବିକାଶ କେନ୍ଦ୍ର ପ୍ରତିଷ୍ଠା କରିବାକୁ ଯୋଜନା ହେଉଛି। ଫଳରେ ସ୍ଥାନୀୟ ଯୁବକ-ଯୁବତୀଙ୍କୁ ଟ୍ରେନିଂ ଦେଇ ଦକ୍ଷତା ବୃଦ୍ଧି କରାଯିବ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ସ୍ୱାସ୍ଥ୍ୟ ଏବଂ ପରିବେଶର ସୁରକ୍ଷାକୁ ଟ୍ରେନିଂ ପ୍ରଦାନର ମୁଖ୍ୟ ଅଂଶ ଭାବେ ଗ୍ରହଣ କରାଯିବ। ଏହା ଦ୍ୱାରା ଖଣି ପ୍ରଭାବିତ ଅଂଚଳରେ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବା ସହ ପରିବେଶ ସୁରକ୍ଷିତ ରଖା ଯାଇପାରିବ ବୋଲି ମନ୍ତ୍ରୀ ଶ୍ରୀ ଘଡ଼େଇ କହିଛନ୍ତି।

ତେବେ ସ୍ଥାନୀୟ ଖଣିଜ କେନ୍ଦ୍ରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନ କରାଯିବ। ସେହି ଦକ୍ଷତା ବିକାଶ କେନ୍ଦ୍ର ଲାଗି ଆବଶ୍ୟକ ଭିତିଭୂମି ଯୋଗାଇ ଦେବେ ଓଡ଼ିଶା ସରକାର । ଖଣି ଅଂଚଳର ଯୁବବର୍ଗଙ୍କୁ କୁଶଳୀ କରିବାରେ ସଫଳ ହୋଇଥିବା ଏସ୍.ସି.ଏମ୍.ଏସ ଖୁବଶୀଘ୍ର ରାଜ୍ୟସ୍ତରୀୟ ବ୍ଲୁ-ପ୍ରିଂଟ ପ୍ରସ୍ତୁତ କରିବ। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ବୈଷୟିକ ଶିକ୍ଷା ନିର୍ଦ୍ଦେଶକ ରେଘୁଜୀ, ଏସ୍.ସି.ଏମ୍.ଏସର ଏମ୍‌ଡି ପଙ୍କଜ ସତେଜା, ସିଇଓ ସଞ୍ଜୟ ଶର୍ମା, ଅପରେସନ ମୁଖ୍ୟ ନଭନୀତ କୁମାର ଏବଂ ଟିସଏମଏଲ୍ ମାନବ ସମ୍ବଳ ପ୍ରବନ୍ଧକ ଗୌତମ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

## ପିଲାଙ୍କ ଅକ୍ଷୟ କାର୍ଯ୍ୟକ୍ରମ - ସଂଗୀତର ତାଳେ ତାଳେ ଝୁମିଲେ ଶ୍ରୋତା

ଭୁବନେଶ୍ୱର, ୧୮/୧୧ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ ପିପୁଲ୍ସ କଲ୍ଚରାଲ ସେଂଟର (ପିକକ୍) ଦ୍ୱାରା ଗୁରୁବାର ସଂଧ୍ୟା ରେ ଏକାମ୍ର ହାଟର ମୁକ୍ତ ରଙ୍ଗମଂଚରେ ଆୟୋଜନ କରଯାଇଥିଲା ଓଡିଶାର ବିଶିଷ୍ଟ ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତି ଓ ଓଡିଶା ର ଅନ୍ୟ ପ୍ରସିଦ୍ଧ କଣ୍ଠଶିଳ୍ପୀ ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ "ପିଲାଙ୍କ ଅକ୍ଷୟ" କାର୍ଯ୍ୟକ୍ରମ । ଶିଶୁ କଣ୍ଠଶିଳ୍ପୀମାନେ ଗୀତ ଗାଇ ପ୍ରସିଦ୍ଧ କଣ୍ଠଶିଳ୍ପୀ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସେମାନଙ୍କର କାଳଜୟୀ ଗୀତଗୁଡିକ ପରିବେଷଣ କରି ଶ୍ରୋତାମାନଙ୍କୁ ଦୀର୍ଘ ସମୟ ଧରି ବାନ୍ଧି ରଖିଥିଲେ ।

ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କଣ୍ଠଶିଳ୍ପୀ ତଥା ଅଲ ଇଣ୍ଡିଆ ରେଡିଓ ର ପୂର୍ବତନ ନିର୍ଦ୍ଦେଶକ ଡ. ସୁଧା ମିଶ୍ର, ବରିଷ୍ଠ କଣ୍ଠଶିଳ୍ପୀ ବିଭୁ ଦାସ, ବନ୍ଦିତା ଦାସ ଆଦି ଯୋଗଦେଇ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ସ୍ମୃତି ଚାରଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପିକକ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ନିଜର ବକ୍ତବ୍ୟ ରଖି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ । ପିକକ୍ ର ଅଧକ୍ଷା ମିନାକ୍ଷୀ ପଣ୍ଡା ଏହି ସଭାରେ ଅଧକ୍ଷତା କରିଥିଲେ। ପିକକ୍ ର ସମ୍ପାଦକ ରଞ୍ଜନ ମହାନ୍ତି ପିଲାଙ୍କ ଅକ୍ଷୟ ସମ୍ମାନ ର ଘୋଷଣା କରିଥିଲେ ।

କଣ୍ଠଶିଳ୍ପୀ ତନୁଶ୍ରୀ ମିଶ୍ରଙ୍କୁ "ପିଲାଙ୍କ ଅକ୍ଷୟ ସମ୍ମାନ – ୨୦୨୨" ରେ ସମ୍ମାନିତ କରଯାଇଥିଲା ।

## ଏମ୍‌କେସିଜିରୁ ଗାଏବ ହୋଇଯାଉଛି ଔଷଧ

ବ୍ରହ୍ମପୁର , ୧୮/୧୧ (ନି.ପ୍ର): ଏମ୍‌କେସିଜି ବଡ଼ ଡାକ୍ତରଖାନାରୁ ସରକାରୀ ଔଷଧ ବାହାରକୁ ଚାଲାଣ ହେଉଛି। ଖୋଦ୍ ଡାକ୍ତରଖାନାର କର୍ମଚାରୀ ଏଭଳି କାରବାରରେ ସମ୍ପୃକ୍ତ ରହିଛନ୍ତି। ନିର୍ଭୟରେ ଔଷଧ ଭର୍ତ୍ତି ପଲିଥିନ୍ ଧରି ଡାକ୍ତରଖାନାର ୱାର୍ଡରୁ ବାହାରି ଚାଲିଚାଲି ଯାଉଛନ୍ତି। ବଡ଼ ଡାକ୍ତରଖାନା ପରିସରରେ ଲାଗିଥିବା ସିସି କ୍ୟାମେରା ଫୁଟେଜ୍‌ରୁ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଏହି ଘଟଣାକୁ ନେଇ ଏମ୍‌କେସିଜି କର୍ତ୍ତୃପକ୍ଷ ବୈଦ୍ୟନାଥପୁର ଥାନାରେ ଏତଲା ଦେଇଛନ୍ତି। ଏହି ଏତଲା କ୍ରମେ ପୁଲିସ ବଡ଼ ଡାକ୍ତରଖାନାର ଆଟେଣ୍ଡାଣ୍ଟ ମିଟୁ ଦଳବେହେରାଙ୍କୁ ଗତକାଲି ଗିରଫ କରିଛି।

ଏମ୍‌କେସିଜି ବଡ଼ ଡାକ୍ତରଖାନାରୁ ଔଷଧ ଗାଏବ ହେବା ନେଇ ବିଭିନ୍ନ ସମୟରେ ଅଭିଯୋଗ ଆସୁଥିଲା। ଏପରିକି ଓଟି (ଅପରେସନ୍ ଥିଏଟର)କୁ ରୋଗୀ ସମ୍ପର୍କୀୟ ଯାହା ଔଷଧ ଓ ଇଞ୍ଜେକ୍ସନ୍ କିଣି ଦେଉଥିବା ସେଗୁଡ଼ିକ ମଧ୍ୟ ଆଉ ଫେରୁ ନଥିଲା। ବ୍ୟବହାର ପରେ ବଳକା ଔଷଧ ସମ୍ପର୍କରେ କେ ?ଣସି ସୂଚନା ମଧ୍ୟ ଦିଆଯାଉ ନଥିବା ବିଗତଦିନରେ ବହୁ ରୋଗୀଙ୍କ ସମ୍ପର୍କୀୟ ଅଭିଯୋଗ କରିଥିଲେ। ଏବେ ୱାର୍ଡ଼ରୁ ସିଧାସଳଖ ଜଣେ କର୍ମଚାରୀ ରୋଗୀଙ୍କ ପାଇଁ ଆସୁଥିବା ସରକାରୀ ମାଗଣା ଔଷଧ ଚାଲାଣ କରିବା ବେଳେ ଧରାପଡ଼ିଛନ୍ତି। ଏ ଦିଗରେ ଡାକ୍ତରଖାନା କର୍ତ୍ତୃପକ୍ଷ ଠୋସ୍ ପ୍ରମାଣ ପାଇବା ପରେ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

ସୁପରସ୍ପେସାଲିଟି କୋଠାର ବିଭିନ୍ନ ବିଭାଗରୁ ବାରମ୍ବାର ରୋଗୀଙ୍କ ଔଷଧ ଗାଏବ ଅଭିଯୋଗ ଆସିଥିଲା। ଏ ନେଇ ଡାକ୍ତରଖାନା କର୍ତ୍ତୃପକ୍ଷ ସିସି କ୍ୟାମେରା ଫୁଟେଜ୍ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ଜଣେ ଯୁବକ ହାତରେ ଦୁଇଟି ବଡ଼ ପଲିଥିନ୍ ଧରି ଯାଉଥିବା ଦେଖିବାକୁ ମିଳିଥିଲା। ସେ କିଛି ଔଷଧ ଓ ଇଞ୍ଜେକ୍ସନ୍ ଧରି ଯାଉଥିବା ଜଣାପଡ଼ିଥିଲା। ଯୁବକ ଜଣକ ଡାକ୍ତରଖାନାର ଜଣେ ଆଟେଣ୍ଡାଣ୍ଟ ହୋଇଥିବା ବେଳେ ତାଙ୍କ ବିରୋଧରେ ଔଷଧ ଚୋରି ପାଇଁ ଥାନାରେ ଏତଲା ଦିଆ ଯାଇଥିଲା। ସରକାରୀ ଯୋଗାଣ ଔଷଧ କେବଳ ଡାକ୍ତରଖାନାରେ ବ୍ୟବହାର ପାଇଁ ଅନୁମତି ରହିଛି। ସେହି ଔଷଧ ବାହାରେ ବ୍ୟବହାର କରି ହେବ ନାହିଁ କି ବିକ୍ରି କରି ପାରିବେ ନାହିଁ। ଏଣୁ ସେଭଳି ଔଷଧ କିଛି ନର୍ସିଂହୋମ୍‌କୁ ଚାଲାଣ ହେଉଥିଲା ବୋଲି ପୁଲିସ ସନ୍ଦେହ କରୁଛି। କାରଣ, ଗତ କିଛି ବର୍ଷ ତଳେ ଜିଲ୍ଲା ପ୍ରଶାସନର ଏକ ଟିମ୍ ସହରର ଏକ ନିର୍ଦ୍ଦିଷ୍ଟ ନର୍ସିଂହୋମ୍‌ରେ ଚଢ଼ଉ କରି ସରକାରୀ ଯୋଗାଣ ଔଷଧ ଜବତ କରିଥିଲା। ଉକ୍ତ ଘଟଣା ପରେ ସରକାରୀ ଔଷଧ ନର୍ସିଂହୋମ୍ ଚାଲାଣର ପ୍ରମାଣ ମିଳିଥିଲା।

## ମନ୍ଦିରରୁ ୬ଟି ବିରଳ ଅଷ୍ଟଧାତୁ ମୂର୍ତ୍ତି ଚୋରି ଘଟଣା : ଦୁର୍ବୃତ୍ତଙ୍କ ଟେର୍ ପାଉନି ପୋଲିସ

ଧର୍ମଶାଳା, ୧୮/୧୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ପାଟପୁର ପଂଚାୟତ ବଳଦେବଜୀଉ ମନ୍ଦିରରୁ ଚଳିତ ମାସ ୧୧ ତାରିଖ ବିଳମ୍ବିତ ରାତିରେ ଦୁର୍ବୃତମାନେ ବହୁ ମୂଲ୍ୟବାନ ମୂର୍ତ୍ତି ଚୋରି କରି ନେଇ ଯାଇଥିଲେ । ଘଟଣାକୁ ୬ ଦିନ ବିତିଯାଇଥିଲେ ମଧ୍ୟ ପୁଲିସକୁ କିଛି ସୁରାକ ମିଳିପାରି ନାହିଁ । ଯାହାକୁ ନେଇ ଭକ୍ତ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଥାଉକି, ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ପାଟପୁର ପଂଚାୟତସ୍ଥ ବଳଦେବଜୀଉ ମନ୍ଦିରରୁ ୧୧ ତାରିଖ ରାତିରେ ମନ୍ଦିରର ତାଲା ଭାଙ୍ଗି ଦୁର୍ବୃତ ମାନେ ୬ଗୋଟି ମୂଲ୍ୟବାନ ଅଷ୍ଟଧାତୁ ମୂର୍ତ୍ତି ଚୋରି କରି ନେଇ ଯାଇଯାଇଥିଲେ । ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଘଟଣା ତଦନ୍ତ ଜାରି ରଖିଛି । ହେଲେ ଆଜି ପର୍ଯ୍ୟନ୍ତ ଦୁର୍ବୃତଙ୍କ ଟେର ପାଇ ପାରିଲାନି ପୋଲିସ । ଦୁର୍ବୃତମାନେ ମନ୍ଦିର ଭିତର ଆସ୍ଥାନରେ ଥିବା ଅଷ୍ଟଧାତୁ ମୂର୍ତ୍ତି ସହିତ ପୂଜା ପାଉଥିବା ରାମକୃଷ୍ଣ, ମଦନମୋହନ, ଦେବୀ ରାଧା, ଲକ୍ଷ୍ମୀ, ସରସ୍ୱତୀ ଆଦି ୬ଟି ବିରଳ ଅଷ୍ଟଧାତୁ ମୂର୍ତ୍ତିକୁ ଲୁଟି ନେଇଛନ୍ତି। ଘଟଣା ଘଟିବା ପରେ ଧର୍ମଶାଳା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ଘଟଣାସ୍ଥଳରେ ପଂହଚି ତଦନ୍ତ କରିଥିଲେ । ଚୋରି ହୋଇଥିବା ମୂର୍ତ୍ତି ଶହଶହ ବର୍ଷର ହୋଇଥିବା ବେଳେ ଏହାର ମୂଲ୍ୟ ଏକ କୋଟି ଟଙ୍କାରୁ ଉର୍ଦ୍ଧ ହେବ ବୋଲି ଅନୁମାନ କରାଯାଉଛି । ତେବେ ଏଭଳି ଘଟଣାକୁ ନେଇ ଭକ୍ତ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ବ୍ରହ୍ମପୁର ଆଶ୍ରୟକୁ ମିଳିଲା ଆଇଏସଓ ପ୍ରମାଣପତ୍ର

ଗଞ୍ଜାମ, ୧୮/୧୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ନୂଆ ବସଷ୍ଟାଣ୍ଡ ନିକଟସ୍ଥ ଆନନ୍ଦସାରଣୀ ଠାରେ ସହାରାଂଚଳ ବାସହୀନଙ୍କ ନିମନ୍ତେ ଆଶ୍ରୟ ନିର୍ମାଣ କରାଯାଇଛି । ଏହାକୁ ଆଇ.ଏସ.ଓ. ପ୍ରମାଣପତ୍ର ମିଳିଥିବା ନେଇ ଆଜି ଘୋଷଣା କରାଯାଇଛି । ସେହି ବାସସ୍ଥାନରେ ଉତମ ସୁବିଧା ଯଥା ପାନୀୟ ଜଳ, ଆଲୋକୀକରଣ, ରୋଷେଇ ଶାଳ, ସଫାସୁତରା ପରିବେଶ, ଆଶୁ ଚିକିତ୍ସା, ଶୌଚାଳୟ ସହ ଅନ୍ୟାନ୍ୟ ସୁବିଧା ଥିବା ଯୋଗୁଁ ଏହି ପ୍ରମାଣପତ୍ର ମିଳିଛି । ତେବେ ଏଠାରେ ଉକ୍ତ ଆଶ୍ରୟ ନିର୍ମାଣ ହେବା ପର ଠାରୁ ବହୁ ସଂଖ୍ୟାରେ ଦିନ ମଜୁରିଆଙ୍କ ସମେତ ମାନସିକ ଅନଗ୍ରସର ଭଳି ବହୁ ବାସହୀନ ବସବାସ କରୁଥିବା ଦେଖିବାକୁ ମିଳିଛି । ଏହାଛଡା ବିଏମସି ଉକ୍ତ କେନ୍ଦ୍ର ପ୍ରତି ଗୁରୁତ୍ୱ ଦେଇ କାର୍ଯ୍ୟ କରୁଥିବା ଯୋଗୁଁ ବହୁ ବାସହୀନ ଉପକୃତ ହେବା ସହ ଦୂରଦୂରନ୍ତରୁ ଆସୁଥିବା ଯାତ୍ରୀ ମାନେ ମଧ୍ୟ ଏହାର ସୁବିଧା ଉପଲବ୍ଧ କରିପାରୁଛନ୍ତି ।

## ରାଣିଗୋଡା ସମାଜଜ୍ୟୋତି ସେବା ସଂଘ ପକ୍ଷରୁ ପୂଜ୍ୟପୂଜା ଉତ୍ସବ

କୋରେଇ, ୧୮/୧୧ (ନି.ପ୍ର): ପବିତ୍ର ପ୍ରଥାମାଷ୍ଟମୀ ଅବସରରେ କରଦା ପଂଚାୟତ ରାଣିଗୋଡା ଗୋପବନ୍ଧୁ ପୀଠ ଠାରେ ସମାଜଜ୍ୟୋତି ସେବା ସଂଘ ଆନୁକୂଲ୍ୟରେ ପୂଜ୍ୟପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସଭାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରାଯାଇଥିଲା । ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଦୋଳଗୋବିନ୍ଦ ସେଠୀଙ୍କ ସଭାପତିତ୍ୱରେ ଅନିରୁଦ୍ଧ ମଲିକଙ୍କ ମଂଚ ପରିଚାଳନାରେ ମୁଖ୍ୟଅତିଥି ଭାବେ ପାଣିକୋଇଲି ଥାନାଧିକାରୀ ଶ୍ରୀମତୀ ଚିନ୍ମୟୀ ବେହେରା, ମୁଖ୍ୟବକ୍ତା ଭାବେ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ସୁବାସ ଧଳ, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ବିଜୟ କୁମାର ବେହେରା, ସମାଜସେବୀ ସୁବାସ ସ୍ୱାଇଁ, ପୂର୍ବତନ ସମିତିସଭ୍ୟ ଚୈତନ୍ୟ ନାୟକ, ଶିବ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି ବିଶେଷ ଓ ଅତିଥି ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର, ଉପଢୌକନ, ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପଂଚାୟତର ବିଭିନ୍ନ ଗ୍ରାମର୨୦ ଜଣ ବୃଦ୍ଧ/ବୃଦ୍ଧା ଓ ଅସହାୟଙ୍କୁ ଶୀତବସ୍ତ୍ର ସାଲ, ଟୋପି ପ୍ରଦାନ କରାଯାଇଥିଲା । ଶେଷରେ ବିଶ୍ୱନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନ ପକ୍ଷରୁ ଖଗେଶ୍ୱର ମହାନ୍ତି, ନରହରି ସାହୁ, ଦୁର୍ଗା ପ୍ରସାଦ ପଣ୍ଡା, ରତ୍ନାକର ସାହୁ, ନିରାକର ମଲ୍ଲିକ, ସନ୍ତୋଷ କୁମାର ଦାସ, ଭାସ୍କର ସାହୁ, ଭରତ ଚନ୍ଦ୍ର ମହାନ୍ତି, ହୃଷିକେଶ ମହାରଣା, ସ୍ମୃତି ରଂଜନ ପଣ୍ଡା, ସୁଶାନ୍ତ ସାହୁ, ସନ୍ତୋଷ ଜେନା, ପ୍ରଭାତ କୁମାର ସାହୁ, ପ୍ରତାପ ଭୂୟାଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## କେଏଟିଏସ ଆର୍ଯ୍ୟୁବେଦିକ ମେଡ଼ିକାଲ କଲେଜରେ ନାମଲେଖା ରଦ୍ଦକୁ ନେଇ ଛାତ୍ର ଅଶାନ୍ତି

ଗଞ୍ଜାମ, ୧୮/୧୧ (ନି.ପ୍ର): ଆବଶ୍ୟକୀୟ ଶିକ୍ଷକ, ଅଣଶିକ୍ଷକ ଏବଂ ଭିତିଭୂମିର ଅଭାବ ଦର୍ଶାଇ ଏନସିଆଇଏମ ଚଳିତ ବର୍ଷ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା (କେ.ଏ.ଟି.ଏସ) ଆର୍ଯ୍ୟୁବେଦିକ ମେଡ଼ିକାଲ କଲେଜରେ ନାମଲେଖା ରଦ୍ଦ କରିଛନ୍ତି । ଯାହାକୁ ନେଇ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଆବଶ୍ୟକୀୟ ଭିତିଭୂମି ଉପଲବ୍ଧ କରାଇ ଚଳିତ ଶିକ୍ଷାବର୍ଷରେ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଥିବା ଏହି ଆର୍ଯ୍ୟୁବେଦିକ ମେଡ଼ିକାଲ କଲେଜରେ କିପରି ନାମଲେଖା ହୋଇପାରିବ ଏବଂ ଏହାର ଗୌରବ କ୍ଷୁର୍ଣ୍ଣ ହେବ ନାହିଁ, ସେନେଇ ପଦକ୍ଷେପ ନେବାକୁ ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଛାତ୍ର ସଂସଦର କର୍ମକର୍ତ୍ତା ମାନେ ରାଜ୍ୟ ସରକାର ଏବଂ ଆୟୁଷ ମନ୍ତ୍ରଣାଳୟକୁ ନିବେଦନ କରିଛନ୍ତି, ନଚେତ୍ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବାକୁ ଚେତାବନୀ ଦେଇଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ଛାତ୍ର ସଂସଦର ସଭାପତି ବିଶ୍ୱମ୍ଭର ଖୁଂଟିଆ, ସାଧାରଣ ସମ୍ପାଦକ ପ୍ରତୀକ ନନ୍ଦ, ଉପସଭାପତି ସତ୍ୟଜିତ ବେହେରା, ଛାତ୍ର ପ୍ରତିନିଧି ଅମୃତା ପ୍ରଧାନ ଓ ସୁଧାଶୁଂବାଳା ରଥ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲାରେ ବିଜୟିନୀ ଅଭିଯାନର ଚତୁର୍ଥ ଦିବସ

ଝାରସୁଗୁଡ଼ା , ୧୮/୧୧ (ନି.ପ୍ର): ବିଜୟିନୀ'' ଅଭିଯାନର ଆଜି ଚତୁର୍ଥ ଦିବସରେ ଜିଲ୍ଲାର ପ୍ରତ୍ୟେକ ପଂଚାୟତ ଏବଂ ଅଙ୍ଗନବାଡ଼ି କେନ୍ଦ୍ର ମାନଙ୍କରେ ବାଲ୍ୟବିବାହର କୁ-ପରିଣାମ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ସମସ୍ତେ ପ୍ରତିଜ୍ଞା ପତ୍ର ପାଠ ପୂର୍ବକ ବାଲ୍ୟବିବାହକୁ ନିରୁତ୍ସାହିତ କରିବା ସକାଶେ ଶପଥ ଗ୍ରହଣ କରିଥିଲେ । ଶିଶୁ ବିକାଶ ପ୍ରକଳ୍ପର ଅଧିକାରୀ, ସୁପର ଭାଇଜର, ଅଙ୍ଗନବାଡ଼ି କର୍ମଚାରୀ , ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ପଂଚାୟତିରାଜ ଅନୁଷ୍ଠାନର କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବାଲ୍ୟବିବାହ ମୁକ୍ତ ଜିଲ୍ଲା ଗଠନ ଦିଗରେ ଚାଲୁ ରହିଥିବା ଅଭିଯାନ ଓ ଅଦଭିକା କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସଂଯୋଜିକା (ବାଲ୍ୟବିବାହ) ରଞ୍ଜିତା ଦାଶ, ଆକ୍ସନ ଏଡ୍ ଓ ୟୁନିସେଫ୍ ଏବଂ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପରିଚାଳନା କରିଥିଲେ ।

## ସାକ୍ଷୀଗୋପାଳ ମହାବିଦ୍ୟାଳୟରେ ପୁସ୍ତକ ଲୋକାର୍ପଣ ଉତ୍ସବ

ସାକ୍ଷୀଗୋପାଳ, ୧୮/୧୧ (ନି.ପ୍ର): ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ସାକ୍ଷୀଗୋପାଳର ସଭାଗୃହରେ ଆଜି ପ୍ରଫେସର ରବୀନ୍ଦ୍ରନାଥ ରଥ ଓ ପ୍ରଫେସର ନିରୁପମା ରଥଙ୍କ ଦ୍ୱାରା ରଚିତ ଚାରିଖଣ୍ଡ ବିଶିଷ୍ଟ ପୁସ୍ତକ ' ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ଇତିହାସର ପୁର୍ନରଚନା ' ଲୋକାର୍ପିତ ହୋଇଯାଇଛି । ପୁସ୍ତକ ଗୁଡିକର ରଚୟିତା ଦୀର୍ଘ ୪୬ ବର୍ଷ ତଳେ ସାକ୍ଷୀଗୋପାଳ ମହାବିଦ୍ୟାଳୟରେ ସେମାନଙ୍କର ଅଧ୍ୟାପକୀୟ ଜୀବନ ଆରମ୍ଭ କରି ପରବର୍ତ୍ତୀ ସମୟରେ ୧୯୭୯ ରେ ପୋର୍ଟବ୍ଲେୟାରର ଜବାହରଲାଲ ନେହେରୁ ରାଜକୀୟ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଭାବେ ଯୋଗଦେଇ କାର୍ଯ୍ୟ କରିଥିଲେ। ପ୍ରଫେସର ରବୀନ୍ଦ୍ରନାଥ ରଥ ଓ ପ୍ରଫେସର ନିରୁପମା ରଥ ସାକ୍ଷୀଗୋପାଳରୁ ଅଧ୍ୟାପନା ଆରମ୍ଭ କରି ସୁଦୂର ଆଣ୍ଡାମାନରେ ଦୀର୍ଘ ୪୦ ବର୍ଷର ଅଧ୍ୟାପନା ସମୟରେ ସେଠାକାର ଜନଜାତୀୟ ସଂସ୍କୃତି, ପରମ୍ପରା, ଇତିହାସର ଗଭୀର ଅଧ୍ୟୟନର ଫଳ ହେଉଛି ଚାରିଖଣ୍ଡ ବିଶିଷ୍ଟ 'ଆଣ୍ଡାମାନ ନିକୋବର ଇତିହାସର ପୁର୍ନରଚନା' ପୁସ୍ତକ। ପ୍ରଫେସର ରଥ ଦମ୍ପତି ଏହି ପୁସ୍ତକକୁ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ କାର୍ଯ୍ୟକାଳ ସମୟରେ ହାସଲ କରିଥିବା ପ୍ରତିଷ୍ଠା, ପରିଚୟ ଓ ଖ୍ୟାତିର ଋଣ ପରିଶୋଧ ବୋଲି କହିଥିଲେ। ସେହିଭଳି ଯେଉଁ ଛୋଟିଆ ଚାରିବାଖୁରିଆ ଛଣ ଛପର ଘରେ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ଜୀବନଯାତ୍ରା ଆରମ୍ଭ କରି ୪୬ ବର୍ଷ ଅତିକ୍ରମ କରି ଏକ ପୂର୍ଣ୍ଣାଙ୍ଗ ଉଚ୍ଚଶିକ୍ଷା ଅନୁଷ୍ଠାନ ଭାବେ ମୁଣ୍ଡ ଟେକିଛି ତାକୁ ଦେଖି ନିଜ ଆଖିକୁ ବିଶ୍ୱାସ କରି ପାରୁନଥିଲେ। ଉଭୟ ଚାରିଦଶନ୍ଧି ତଳ ମହାବିଦ୍ୟାଳୟର ସେ କାଳର ସ୍ମୃତିଚାରଣ କରି ଛାତ୍ରଛାତ୍ରୀମାନଙ୍କୁ 'ଘରୁ ଗୋଡ଼ କାଢ଼ିଲେ ଦୁନିଆଁ ଦେଖିବ ଓ ସେଥିପାଇଁ ସର୍ବଦା ଶ୍ରଦ୍ଧାର ସହ ସଂଘର୍ଷ କରିବାକୁ' ଆହ୍ୱାନ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ଡ଼ଃ. ରତିକାନ୍ତ ପରିଡ଼ା ସଭାପତିତ୍ୱ କରିଥିଲା ବେଳେ ବଡ଼ବାବୁ ରାଜକିଶୋର ପତି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଓ ପ୍ରାଧାପକ ପ୍ର. ମନୋଜ ପରିଡ଼ା ସଭାଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ମୟୁରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତିର ଏକ ସ୍ୱତନ୍ତ୍ର ପରିଚୟ



ବାରିପଦା, ୧୮/୧୧ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତିର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଆଉ ସେହି କଳା ଓ ସଂସ୍କୃତିର ବିକାଶ ପାଇଁ ଏକ ଅଭିନବ ପ୍ରୟାସ ହେଉଛି ମୟୁରଭଞ୍ଜ ମହୋତ୍ସବ । ୫ମ ବର୍ଷରେ ପଦାର୍ପଣ କରିଛି ମୟୁରଭଞ୍ଜ ମହୋତ୍ସବ । ଏଥିପାଇଁ ସମଗ୍ର ଜିଲ୍ଲା ଏବେ ଉତ୍ସବ ମୁଖର । ଆସନ୍ତା ୨୦ ତାରିଖରୁ ଆରମ୍ଭ ହୋଇ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ ଏହି ମହୋତ୍ସବ । ପ୍ରଥମ ଦିନରେ ଜିଲ୍ଲାର ବିଭିନ୍ନ କଳାକାର ମାନଙ୍କୁ ନେଇ ପାରମ୍ପାରିକ ନୃତ୍ୟ ଗୀତରେ ତାଳେତାଳେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଠାରୁ ଛଉ ପଡିଆ ପର୍ଯ୍ୟନ୍ତ ଆୟୋଜିତ ହେବ କାରନିଭାଲ ସୋ । ମୟୁରଭଞ୍ଜ ଜିଲ୍ଲାପାଳ, ଏସ୍‌ପି ଏବଂ ମୟୁରଭଞ୍ଜ ରାଣୀ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ । ନଭେମ୍ବର ୨୧ ତାରିଖରୁ ଆସନ୍ତା ୭ ଦିନ ଧରି ବାରିପଦାର ଐତିହାସିକ ଛଉ ପଡିଆରେ ଅନୁଷ୍ଠିତ ହେବ ଏହି ମହୋତ୍ସବ । ଓଡ଼ିଆ ସିନେ ଜଗତର ସୁପାରଷ୍ଟାର ଉମ ମହାନ୍ତି, ବାବୁସାନ, ଅସିତ ପତି, ପପୁ ପମପମ୍, ସ୍ୱରାଜ ବାରିକ, ସନ୍‌ମିରା, ଅନିମେଶ ଘୋଷ, ଗାୟକ ମଣ୍ଟୁ ଛୁରିଆ, ସ୍ୱୟଂ ପାଢୀ, ଅର୍ପିତା ଚୌଧୁରୀ ପ୍ରଖ୍ୟମ ବହୁ ନାମିଦାମୀ କଳାକାର ଏହି ମଞ୍ଚରେ କଳା ପ୍ରଦର୍ଶନ କରି ଲୋକଙ୍କ ମନୋରଞ୍ଜନର ଖୋରାଖ ଯୋଗାଇବେ । ଆଦିବାସୀ ବହୁଳ ଜିଲ୍ଲାର ଆଦିବାସୀ ପରମ୍ପରାକୁ ଅବା ଭୁଲିବ କିଭଳି ଏହି ମୟୁରଭଞ୍ଜ ମହୋତ୍ସବ । ଏଥିପାଇଁ ପ୍ରସ୍ତୁତ ହୋଇଛି ୨ ଦିନ ସ୍ୱତନ୍ତ୍ର କାର୍ଯ୍ୟକ୍ରମ । ମୟୁରଭଞ୍ଜ ଜିଲ୍ଲାର ସାନ୍ତାଳୀ କଳାକାରଙ୍କ ସମେତ ଝାରଖଣ୍ଡ, ବିହାର, ପଶ୍ଚିମବଙ୍ଗ ଓ ଆସାମର ସାନ୍ତାଳୀ କଳାକର ମଙ୍ଗଲ ହାଁସଦା, କଲ୍ପନା ହାଁସଦା, ମଧୁସ୍ମିତା ସୋରେନ ମୁର୍ମୁ, ମଲ୍ଲୀ ହେମ୍ବ୍ରମ, ଡୁଗର ଟୁଡୁ, ଲକ୍ଷ୍ମଣ ସୋରେନ ପ୍ରମୁଖ ଯୋଗ ଦେଇ ନିଜ କଳା ମାଧ୍ୟମରେ ଜିଲ୍ଲାବସୀଙ୍କୁ ବିମୋହିତ କରିବେ । ସେହିଭଳି ଜିଲ୍ଲାର ଝୁମର କଳାକାରଙ୍କ ସମେତ ପ୍ରତିଷ୍ଠିତ ଗାୟୀକା ଉର୍ମିଳା ମହାନ୍ତଙ୍କ ସ୍ୱରର ତାଳରେ ଝୁମିବେ ଦର୍ଶକ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛି ଆୟୋଜକ କମିଟି । ଚଳିତ ବର୍ଷ ମୟୁରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତି ସହ ଅନ୍ୟ ଜିଲ୍ଲା ମାନଙ୍କର କଳାର ଆଦାନ ପ୍ରଦାନର ବ୍ୟବସ୍ଥା କରାଯାଇଛି । ଏହି ମହୋତ୍ସବରେ ମୟୁରଭଞ୍ଜ ଜିଲ୍ଲାର ହସ୍ତଶିଳ୍ପରୁ ଆରମ୍ଭ କରି କୁଟୀର ଶିଳ୍ପ,ଖେଳନାରୁ ଆରମ୍ଭ କରି ପୋଷାକ ଆଉ ତା ସହ ଘରକରଣା ସାମଗ୍ରୀ ଏବଂ ପାରମ୍ପାରିକ ଖାଦ୍ୟ ମୁଢି ମାଂସ ସହ ଅନ୍ୟାନ୍ୟ ଖାଦ୍ୟର ମଧ ମଜା ଉଠାଇ ପାରିବେ ଦର୍ଶକ । ୧୫୦ ରୁ ଉର୍ଦ୍ଧ ଷ୍ଟଲ ଖୋଲିବ ଏହି ମହୋତ୍ସବରେ । ପ୍ରତିଦିନ ସନ୍ଧ୍ୟା ୫ ଟାରୁ ରାତ୍ର ୧୦ ଟା ପର୍ଯ୍ୟନ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା କହିଛନ୍ତି । ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ ସେଲ୍ଫି ଜୋନର ବ୍ୟବସ୍ଥା କରାଯାଇଛି ମହୋତ୍ସବରେ । ମୟୁରଭଞ୍ଜ ଜିଲ୍ଲାର ପୁରୁଣା ସ୍ମୃତିକୁ ସାଉଁଟି ସେଲ୍ଫି ଜୋନ ପ୍ରସ୍ତୁତ କରିବାକୁ ଏକ ନିଆରା ପ୍ରୟାସ କରିଛି ମୟୁରଭଞ୍ଜ ମହୋତ୍ସବ ଆୟୋଜକ କମିଟି । ଏଥିସହିତ ୨୦ ତାରିଖ ସକାଳ ୧୦ଟା ରୁ ୧୨ ଟା ମଧରେ ଏକ ସ୍ୱତନ୍ତ୍ର ଚିତ୍ରକଳା ପ୍ରତିଯୋଗିତା ର ଆୟୋଜନ କରାଯାଇଛି । ଏଥିରେ ମୟୁରଭଞ୍ଜ କଳା-ସଂସ୍କୃତି, ଐତିହ-ପରମ୍ପରା ଓ ଲୋକକଳା କୁ ନେଇ ଜିଲ୍ଲାର ଛାତ୍ରଛାତ୍ରୀ ମାନେ ନିଜ ଚିତ୍ରକଳାର ଶ୍ରେଷ୍ଠତା ପ୍ରଦର୍ଶନ କରିବେ । କୃତୀ କାଳାକାର ମାନଙ୍କୁ ମହୋତ୍ସବ ମଞ୍ଚରେ ପୁରସ୍କାର ସହିତ ସମ୍ମାନିତ କରାଯିବ । ଆଜିର ଆୟୋଜିତ ଏହି ସମ୍ବାଦିକ ସମ୍ମିଳନୀରେ ସଭାପତି ଅସିତ ପତି, କାର୍ଯ୍ୟକାରୀ ସଭାପତି ସଞ୍ଜୀବ ଦ୍ୱିବେଦୀ, ଉପ ସଭାପତି ସୁଜିତ ମହାନ୍ତି, ଉମେଶ ପଟ୍ଟନାୟକ, ପ୍ରସନ୍ନ ମହାପାତ୍ର, ସାଧାରଣ ସାମ୍ପାଦକ କଳିଙ୍ଗ କେଶରୀ ଜେନା, କାର୍ଯ୍ୟକାରୀ ସମ୍ପାଦକ ବିପ୍ଳବ ଭଞ୍ଜନ ବୁଗୁଡେଇ, ନାଟ୍ୟ ସମ୍ପାଦକ ଲଡୁକେଶ୍ୱର ରଣା, କାର୍ଯ୍ୟକ୍ରମ ସଂଯୋଜକ ତାପସ ପାଢୀ ଓ ମିଡିଆ ସେଲର ସମ୍ପାଦକ ସତ୍ୟଜିତ ସୋମ ପ୍ରମୂଖ ମଞ୍ଚାସୀନ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ବାରବାଟୀ ଷ୍ଟାଡିଅମ ସମେତ ୫ଟି....

ଆୟୋଜନର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଅବଗତ କରାଇଥିଲେ । ପ୍ରତିଯୋଗିତା ପାଇଁ ଭୁବନେଶ୍ୱରର କଳିଙ୍ଗ ହକି ଷ୍ଟାଡିଅମ ସଂପୂର୍ଣ୍ଣ ପ୍ରସ୍ତୁତ ଥିଲାବେଳେ ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିଅମ ନଭେମ୍ବର ଶେଷ ସୁଦ୍ଧା ସଂପୂର୍ଣ୍ଣ ହେବ ବୋଲି ସେ ସୂଚନା ଦେଇଥିଲେ। ଉଭୟ ଷ୍ଟାଡିଅମରେ ଆଷ୍ଟ୍ରୋ ଟର୍ଫ ଓ ଫ୍ଲଡ୍ ଲାଇଟ୍ କାମ ଶେଷ ହୋଇଯାଇଛି । ଅଂଶଗ୍ରହଣକାରୀ ଦଳ ଓ ମ୍ୟାଚ ଅଫିସିଆଲ ମାନଙ୍କ ରହଣୀ ପାଇଁ ୨୨୫ଟି ରୁମ୍ ତିଆରି କାମ ଚାଲିଛି ଏବଂ ଏହା ମଧ ନଭେମ୍ବର ସୁଦ୍ଧା ସଂପୂର୍ଣ୍ଣ ହେବ । ବିଶ୍ୱକପ୍ ହକି ଆୟୋଜନରେ ସାମିଲ ହୋଇଥିବା ସବୁ ବିଭାଗ ଗୁଡିକର ପଦକ୍ଷେପକୁ ମୁଖ୍ୟମନ୍ତ୍ରୀ ଉଚ୍ଚପ୍ରଶଂସା କରିଥିଲେ ଏବଂ ସବୁ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ସୀମା ମଧରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ହକି ବିଶ୍ୱକପ୍ ଯେଭଳି ବିଭିନ୍ନ ଟିମ୍ ଓ ପ୍ରଶଂସକ ମାନଙ୍କ ନିମନ୍ତେ ଏକ ଭବ୍ୟ ଉତ୍ସବ ଭାବରେ ସ୍ମରଣୀୟ ହୋଇରହିବ, ସେଥିପାଇଁ ପରସ୍ପର ମଧରେ ଉତମ ସମନ୍ୱୟ ରଖି କାର୍ଯ୍ୟ କରିବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏଫଆଇଏଚ ପୁରୁଷ ବିଶ୍ୱ କପ୍ ହକି-୨୦୨୩, ଭୁବନେଶ୍ୱର ଓ ରାଉରକେଲା ଠାରେ ୧୩ ଜାନୁଆରୀରୁ ୨୯ ଜାନୁଆରୀ ୨୦୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ବିଶ୍ୱର ୧୬ ଟି ଦଳ ଅଂଶଗ୍ରହଣ କରିବେ। ଭୁବନେଶ୍ୱରରେ ୨୪ ଗୋଟି ମ୍ୟାଚ ଓ ରାଉରକେଲାରେ ୨୦ଟି ମ୍ୟାଚ ଖେଳାଯିବ।

### ମହାକାଶକୁ ଗଲା ଭାରତର ପ୍ରଥମ....

ରହିଛି ୫୪୫ କେଜି । ସୂଚନା ଅନୁସାରେ ଏହି ରକେଟ୍ ପୃଥିବୀ ପୃଷ୍ଠରୁ ୮୯ କିଲୋମିଟର ଗତି କରି ମହାକାଶରେ ପହଞ୍ଚିଛି । ବିକ୍ରମ-ଏସ ରକେଟ୍ ସହ ୩ଟି ସାଟେଲାଇଟ ମଧ ଉତକ୍ଷେପଣ ହୋଇଛି । ଯେଉଁଥିରେ ଦୁଇଟି ଘରୋଇ ସାଟେଲାଇଟ ଓ ଗୋଟିଏ ବିଦେଶୀ ସାଟେଲାଇଟ ରହିଛି । ଏହି ରକେଟ୍ ଲଞ୍ଚରେ ସାଧାରଣ ଇନ୍ଧନ ବଦଳରେ ଏଲଏନଜି ବା ଲିକ୍ୱିଡ୍ ନ୍ୟାଚୁରାଲ ଗ୍ୟାସ ଓ ଲିକ୍ୱିଡ୍ ଅମ୍ଳଜାନର ବ୍ୟବହାର କରାଯାଇଛି । ମିଳିଥିବା ସୂଚନା ଅନୁସାରେ, ଆଗକୁ ବିକ୍ରମ-ଟୁ ଓ ବିକ୍ରମ-ଥ୍ରୀ ମଧ ଲଞ୍ଚ କରାଯିବ । ଯଦି ପ୍ରାରମ୍ଭ୍ ମିଶନ ସଫଳ ହୁଏ ତେବେ ଭାରତ ଘରୋଇ ମହାକାଶ ଗବେଷଣା କ୍ଷେତ୍ରରେ ବିଶ୍ୱର ଅଗ୍ରଣୀ ଭୂମିକା ଗ୍ରହଣ କରିପାରିବ ।

### ଜିଦରେ ଅଟଳ ଚାଷୀ, ଧାରଣା ଜାରି....

ବୟାନବାଜି ଚାଲିଥିବାବେଳେ ଏବେ ଆନ୍ଦୋଳନକୁ ଓହ୍ଲାଇଛି ଭାରତୀୟ ଜନତା ପାର୍ଟି । ଲୋୟର-ପିଏମଜିରେ ଅନିର୍ଦ୍ଧିଷ୍ଟକାଳ ପର୍ଯ୍ୟନ୍ତ ସତ୍ୟାଗ୍ରହ ଆରମ୍ଭ କରିଛି । ବିଜେପିର ଅଭିଯୋଗ , ସଂଖ୍ୟା ଓ ବୃତ୍ତି ଦୃଷ୍ଟିରୁ ଓଡିଶାରେ ସବୁଠାରୁ ବଡ ବର୍ଗ ହେଉଛନ୍ତି ଚାଷୀ । କିନ୍ତୁ ରାଜ୍ୟ ସରକାରଙ୍କ ଭୁଲ ନୀତି ଯୋଗୁଁ ଏଠାରେ ଚାଷୀ ଅବହେଳିତ । ତେବେ ପଦ୍ମପୁର ଉପନିର୍ବାଚନ ପାଇଁ ବିଜେପିର ଏହା ପଲିଟିକାଲ ଷ୍ଟଂଟ ବୋଲି କହିଛି ବିଜେଡି । ପଦ୍ମପୁର ଉପନିର୍ବାଚନ ତାରିଖ ଘୋଷଣା ହେବା ପରେ, କ୍ଷତିପୂରଣ ନମିଳିଲେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଥିଲେ ଚାଷୀ ସଂଗଠନ । ଚାଷୀ ଆନ୍ଦୋଳନ ତେଜୁଥିବାବେଳେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମରୁଡି କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ଇନପୁଟ ସହାୟତା ରାଶି ଘୋଷଣା କରିଛନ୍ତି । ସେପଟେ ଫସଲ ବୀମା ଟଙ୍କା ଦେବାକୁ ବୀମା କମ୍ପାନୀ ଓ ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି କେନ୍ଦ୍ର କୃଷିମନ୍ତ୍ରୀ । କିନ୍ତୁ ଏବେ ପଦ୍ମପୁରରେ ଆଚରଣ ବିଧି ଲାଗୁ ହୋଇଥିବାରୁ ବରଗଡ ଜିଲ୍ଲାର ଚାଷୀଙ୍କୁ କୌଣସି ଟଙ୍କା ମିଳିବ ନାହିଁ ।

## ପୁରୁଣା ଚୋରୀ ମାମଲାରେ ଆସାମୀ ଗିରଫ କୋର୍ଟ ଚାଲାଣ

ବସ୍ତା,୧୮/୧୧ (ନି.ପ୍ର): ବସ୍ତା ଥାନା କାଳିଡିହଗ୍ରାମରେ ଦିନ ଦିପ୍ରହରରେ ଜଣଙ୍କ ଘରଚୋରୀ ଘଟଣାରେ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ । ଘଟଣାରୁ ପ୍ରକାଶ ଏହି ଗ୍ରାମ ଘରେ ନ ଥିବାର ସୁଯୋଗ ନେଇ ଘରେଥିବା ସୁନାଗହଣା ଲୁଟି ନନେଇଥିଲେ। ଏନେ ବସ୍ତା ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ୭୧/ ୨୨ ରେ ମାମଲା ରୁଜୁ କରିଥିଲା। ଏଥିରେ ଜଡିତ ଥିବା ଅଭିଯୁକ୍ତ କୁ ଧରିବା ପାଇଁ ପୋଲିସ ଜାଲ ବିଛାଇଥିଲା। ପୋଲିସକୁ ଚକମା ଦେଇ ଅଭିଯୁକ୍ତ ଫେରାର ଥିଲା ।ବିଶେଷ ସୁତ୍ରରୁ ଖବର ପାଇ ଗତକାଲି ବିଳମ୍ବିତ ରାତିରେ ପୋଲିସ ଅଭିଯୁକ୍ତ ଘରେ ଚଢାଉ କରି ଅଭିଯୁକ୍ତକୁ ଗିରଫ କରିଥିଲା। ଆଜି ଶୁକ୍ରବାର କୋଟ ଚାଲାଣ କରିଥିବା ଜଣାପଡିଛି ।ଗିରଫ ଅଭିଯୁକ୍ତ ଜଣକ ହେଲେ କଦଳୀହଣ୍ଡା ଗ୍ରାମର ତାପସ ଜେନା । ପ୍ରକାଶ ଥାଉକି ଏହି ମାମଲାରେ ଗତ ନଭେମ୍ବର ୧୩ତାରିଖ ସିଂଗାରପୁର ଗ୍ରାମର ଛଟୁ ଅରଫ ସେକ ଫାରୁକ ମଧ ଗିରଫ କରି କୋଟ ଚାଲାଣ କରିଥିଲେ।

## ଲଙ୍ଗଳେଶ୍ୱର ପ୍ରେସକ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ




ଲଙ୍ଗଳେଶ୍ୱର,୧୮/୧୧ (ନି.ପ୍ର): ଲଙ୍ଗଳେଶ୍ୱର ପ୍ରେସକ୍ଲବ ତରଫରୁ ଆଜି ସନ୍ଧ୍ୟାରେ ସ୍ଥାନୀୟ କାଳିଝାଟି ପଡ଼ିଆରେ ବର୍ଣ୍ଣାଢ୍ୟ ପରିବେଶରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲିଆପାଳ ତହସିଲଦାର ଦୀପକ କୁମାର ଦାଶ ଓ ।ମୁଖ୍ୟ ବକ୍ତା ଭାବେ ରେବତୀ ପତ୍ରିକାର ପ୍ରାଣ ପ୍ରତିଷ୍ଠାତା ତଥା ବିଶିଷ୍ଟ ସମାଜସେବୀକା ସୁବାସିନୀ ଜେନା ଯୋଗଦେଇ ସମାଜର ସଂସ୍କାର ଦିଗରେ ସାମ୍ବାଦିକ ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନୀତ ଅତିଥ ଭାବେ ସମ୍ବାଦ ଓ ଆମ ଓଡ଼ିଶାର ରାଜ୍ୟ ସଂଯୋଜକ ତଥା ଲଙ୍ଗଳେଶ୍ୱର ସତସଙ୍ଗ ବିହାର ର ସମ୍ପାଦକ ସଞ୍ଜୟ କୁମାର ପାତ୍ର ଯୋଗଦେଇ କହିଲେ ଭାରତବର୍ଷରେ ୯ହଜାର ଉର୍ଦ୍ଧ୍ୱ ପ୍ରିଣ୍ଟ ମିଡିଆ ଓ ୮ହଜାରରୁ ଉର୍ଦ୍ଧ୍ୱ ଏଲେକ୍ଟ୍ରୋନିକ୍ସ ମିଡିଆ ଅଛି ଯୋଗୁଁ ସମାଜର ଚତୁର୍ଥ ସ୍ତମ୍ଭ ଅନ୍ୟାୟ କୁ ରୋକି ପାରିଛି ।ସାମ୍ବାଦିକଙ୍କ କଲମ ମୁନ ଏତେ ଟାଣ ଯେ ବହୁ ବଡ଼ ବଡ଼ ଅତ୍ୟାଚାରୀ ଲୋକଙ୍କୁ ଜବଦ କରିପାରିଛି ।ଅନ୍ୟମାନଙ୍କ ମଧରେ ସମାଜସେବୀ ତୁଷାର କାନ୍ତ ବେହେରା, ଅପରାହ୍ନ ଖବରକାଗଜର ସମ୍ପାଦକ ବଂଶୀଧର ଜେନା,ଅଭିନନ୍ଦନ ପତ୍ରିକାର ସମ୍ପାଦକ ଜଗଦୀଶ ମିଶ୍ର ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ପ୍ରେସକ୍ଲବ ର ସଭାପତି ରଞ୍ଜନ କୁମାର ବେହେରା ଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏଇ ସଭାରେ ସାମ୍ବାଦିକ ରାଧାଗୋବିନ୍ଦ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ସାମ୍ବାଦିକ ରବିରଂଜନ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଉମାକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ ପ୍ରତିଭା ଯୁବ ବ୍ୟବସାୟୀ ସୁମନ୍ତ ଜେନା, ବାଲେଶ୍ୱର ସୁଲଗ୍ନା ମହାବିଦ୍ୟାଳୟର ପ୍ରତିଷ୍ଠାତା, ଡା ଘନଶ୍ୟାମ ବିଶ୍ୱାଳ, ସମାଜସେବୀ ସପନ କୁମାର ରାଉତ, ଶିକ୍ଷକ ଅମୂଲ୍ୟ କୁମାର ବିଶ୍ୱାଳ, ଖବରକାଗଜ ବିତରକ ଶମ୍ଭୁନାଥ ପ୍ରଧାନ ପ୍ରମୁଖ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ପରେ ସାଂସ୍କୃତିକ ଓ ମାନରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମ୍ପାଦକ କମଳାକାନ୍ତ ଦାସ, ସୁବଳ ଚନ୍ଦ୍ର ଦାସ, ପ୍ରଶାନ୍ତ ସେନାପତି, ସତ୍ୟରଞ୍ଜନ ସାହୁ, ପ୍ରଦୀପ କୁମାର ଜେନା, ପ୍ରତିମା ଜେନା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ଶାନ୍ତିଆରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର : ୩୮ ୟୁନିଟ୍ ସଂଗୃହୀତ

ଜଳେଶ୍ୱର, ୧୮/୧୧(ନି.ପ୍ର): ଜଳେଶ୍ୱର ପୌରପାଳିକାର ଶାନ୍ତିଆ ଗ୍ରାମ୍ୟ କମିଟି ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତାଦାନ ଶିବିର ଚଣ୍ଡି ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇ ଯାଇଛି । ବିଡିଓ ପୁନମ୍ ରାଉତ ଏହାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ଜିଲା ରକ୍ତାଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ରକ୍ତକେନ୍ଦ୍ରର ଅଧିକାରୀ ଡା. ବସନ୍ତ କୁମାର ଉପାଧ୍ୟାୟ, କାଉନ୍‌ସିଲ ଚନ୍ଦନ ଦାସ, କବିତା ପାଣି, ଡ. ଅଜିତ୍ ମହାନ୍ତି, ଅରୁଣ କୁମାର ବେଜ, ଗ୍ରାମ୍ୟମୁଖ୍ୟ ସିତାଂଶୁ ସେନାପତି, ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସଭାପତି ଡ. ଅଦୈତ୍ୟ ପାତ୍ର, ଯୁବ ନେତା ଫାଲଗୁନୀ ପାଣିଗ୍ରାହୀ, ସାମ୍ବାଦିକ ସତ୍ୟବ୍ରତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଦେବଯାନୀ ଅଣ୍ଡିଆ, ରିତାରାଣୀ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

## ଆରମ୍ଭ ହେବ ଫସଲ ବିବିଧି କରଣ ଯୋଜନା

### ଯୋଜନା ପାଇଁ ୯୨୯୫୫.୬୫ ଲକ୍ଷ ଟଙ୍କା ଅନୁମୋଦନ

ଭୁବନେଶ୍ୱର, ୧୮/୧୧ (ନି.ପ୍ର): ଚଳିତ ୨୦୨୨-୨୩ ବର୍ଷରେ ଫସଲ ବିବିଧି କରଣ ଯୋଜନା ନାମରେ ଏକ ନୂତନ ଯୋଜନା କାର୍ଯ୍ୟକାରୀ କରାଯାଇଛି । ଫସଲର ବିବିଧତାକୁ ପ୍ରୋତ୍ସାହିତ କରିବା ଉପରେ ଏହା ପ୍ରଥମ ପ୍ରକାରର କୃଷି କାର୍ଯ୍ୟକ୍ରମ ହେବ। ଏହି ଯୋଜନା ପାଇଁ ରାଜ୍ୟ କ୍ୟାବିନେଟ୍ ୨୦୨୨-୨୩ ବର୍ଷରୁ ୨୦୨୪-୨୫ ବର୍ଷ ପାଇଁ ୯୨୯୫୫.୬୫ ଲକ୍ଷ ଟଙ୍କାର ଆନୁମାନିକ ବ୍ୟୟ ଅଟକଳକୁ ଅନୁମୋଦନ ଦେଇଛନ୍ତି। ଏହା ଜଳ ବ୍ୟବହାରର ଦକ୍ଷତା ବୃଦ୍ଧିକ ମାଟି ସ୍ୱାସ୍ଥ୍ୟକୁ ପୁନର୍ଜୀବିତ କରିବା, ମାଟିରେ ରସାୟନିକ ଏବଂ ଜୈବିକ ଗୁଣରେ ପରିବର୍ତନକୁ ରୋକିବାରେ , ଅଣଧାନ ଏବଂ ଉଚ୍ଚମୂଲ୍ୟଯୁକ୍ତ ଫସଲ ଗୁଡିକର ଉତ୍ପାଦନ ବୃଦ୍ଧି ତଥା କୃଷକମାନଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତି , ପୁଷ୍ଟିକର ସୁରକ୍ଷା ଏବଂ ଆୟ ବୃଦ୍ଧିରେ ସହାୟକ ହେବ। ଆସନ୍ତା ୩ ବର୍ଷ ମଧ୍ୟରେ ରାଜ୍ୟର ସମସ୍ତ ୩୦ ଜିଲ୍ଲାରେ ଏହାକୁ କାର୍ଯ୍ୟକାରୀ କରାଯିବ। ଏହି ଯୋଜନାରେ ୩ ବର୍ଷରେ ୩.୭ ଲକ୍ଷ ହେକ୍ଟର ଧାନ ଫସଲ ଚାଷ ପରେ ପଡିଆ ରହୁଥିବା ଜମିରେ ଡାଲି ଜାତୀୟ ଫସଲ କରାଯିବ। ବୃହତ ଉଠା ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ୧.୫ ଲକ୍ଷ ହେକ୍ଟର ଉଚ୍ଚ ଓ ମଧ୍ୟ ଧାନ ଜମିରେ ଅଣଧାନ ଚାଷ କରିବା ଏବଂ ୦.୫ ଏକ୍ଷ ହେକ୍ଟର ଜମିରେ ବଜାରର ଚାହିଦା ମୁତାବକ ଦେଶୀ ସୁଗନ୍ଧିତ ଧାନ ଚାଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

## ଭିନ୍ନକ୍ଷମଙ୍କୁ ବ୍ୟାଟେରୀଚାଳିତ ହୁଇଲ୍ ଚେୟାର ପ୍ରଦାନ

ଭୁବନେଶ୍ୱର, ୧୮/୧୧ (ନି.ପ୍ର): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶୁକ୍ରବାର ପୂର୍ବାହ୍ନରେ ୮ ଜଣ ଭିନ୍ନକ୍ଷମଙ୍କୁ ସ୍ୱତନ୍ତ୍ର ଭାବେ ନିର୍ମିତ ବ୍ୟାଟେରୀଚାଳିତ ହୁଇଲ୍ ଚେୟାର ପ୍ରଦାନ କରିଛନ୍ତି। ସ୍ଥାନୀୟ ତେରାପନ୍ଥ ଭବନରେ 'ସ୍ୱାଭିମାନ' ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପଣ୍ଡା ଉପକରଣଗୁଡ଼ିକ ବିତରଣ କରିବା ସହିତ ଏଗୁଡ଼ିକୁ ଭାରତର ପ୍ରଥମ ସ୍ୱଦେଶୀ ବ୍ୟାଟେରୀଚାଳିତ ଯାନ ଭାବରେ ନିର୍ମାଣ କରିଥିବା ନିଓମୋସନ୍ ଆସିଷ୍ଟିଭ୍ ସଲ୍ୟୁସନସ୍ ପ୍ରାଇଭେଟ୍ ଲିଃକୁ ପ୍ରଶଂସା କରିଥିଲେ । ମାଡ୍ରାସ୍ ଆଇଆଇଟିର ଇନ୍‌କ୍ୟୁବେସନ୍ ସେଲ ଆନୁକୂଲ୍ୟରେ ପ୍ରସ୍ତୁତ ଏହି ନିଓମୋସନ୍ ଯାନଗୁଡ଼ିକ ଏପରି ଭାବରେ ନିର୍ମିତ ହୋଇଛି ଯେ ତାହା ହୁଇଲ୍ ଚେୟାର ଏବଂ ଆବଶ୍ୟକ ସମୟରେ ଗତିଶୀଳ ଯାନ ଭାବରେ ବ୍ୟବହୃତ ହୋଇପାରିବ ।'ସ୍ୱାଭିମାନ'ର ପ୍ରତିଷ୍ଠାତା ସମାଜସେବୀ ଡ.ଶ୍ରୁତି ମହାପାତ୍ର ଯୋଗଦେଇ ହିତାଧିକାରୀମାନଙ୍କୁ ଯଥାର୍ଥ ଭାବରେ ଚିହ୍ନଟ କରାଯାଇଥିବା ଦର୍ଶାଇଥିଲେ ଏବଂ ନିଓମୋସନ୍ ର ଏପରି ଉଦ୍ୟମ ସ୍ମାର୍ଟ ଭାରତରେ ସ୍ମାର୍ଟ ଯାନ ଯୋଗାଇଦେବାରେ ସମର୍ଥ ହୋଇଛି ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସମାଜସେବୀ ସୁବାସ ଭୋରା ମଧ ଉପସ୍ଥିତ ଥିଲେ।

## ଜାତୀୟସ୍ତର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ନିତେଶଙ୍କ ସ୍ୱର୍ଣ୍ଣ ପଦକ ହାସଲ



ବାରିପଦା,୧୮/୧୧ (ନି.ପ୍ର): ଚଳିତ ମାସ ୧୨ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ କଲିକତା ର ଖୁଦିରାମ ଅନୁଶୀଳନ କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଥିବା ଜାତୀୟସ୍ତର (୧୧ ତମ ଇଷ୍ଟଜୋନ ଚମ୍ପିଆନସିପ-୨୦୨୨ ) ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ରେ ନିତେଶ ବାରିକ ଓଡିଶା ରାଜ୍ୟ ତରଫରୁ ପ୍ରତିନିଧିତ୍ୱ କରି ୫୫ କେଜି ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସୂଚନା ଯୋଗ୍ୟ କି ନିତେଶ ଚଳିତ ବର୍ଷ ମାର୍ଚ୍ଚ ମାସ ୧୧ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ସିକିମ ର ଗ୍ୟାଙ୍ଗଟକ ଠାରେ ଅନୁଷ୍ଠିତ ହୋଇଥିବା ୧୧ ତମ ଫେଡେରେସେନ କପ-୨୦୨୨ ରେ ଓଡିଶା ରାଜ୍ୟ ତରଫରୁ ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି । ଏହା ପୂର୍ବରୁ ମଧ୍ୟ ନିତେଶ ରାଜ୍ୟ ଏବଂ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ପଦକ ସଫଳତା ଲାଭ କରିଛନ୍ତି । ତାଙ୍କର ଏହି ସଫଳତା କୁ ନେଇ ମୟୁରଭଞ୍ଜ ଜିଲ୍ଲା କ୍ରୀଡା ମହଲରେ ଆନନ୍ଦର ଲହରୀ ଖେଳିଯାଇଅଛି । ନିତେଶ ବାରିପଦା ସ୍ଥିତ ମୟୁରଭଞ୍ଜ ଜିମ୍ନାସିୟମ ର ସଦସ୍ୟ ଅଟନ୍ତି । ଏହିପରି ସଫଳତାର ବଜାୟଧାରା ଅବ୍ୟାହତ ଜାରିରଖିଥିବାରୁ ନିତେଶଙ୍କୁ ଓଡିଶା ରାଜ୍ୟ ବଡି ବିଲଡିଙ୍ଗ ଏସୋସିଏସନର ସଂପାଦକ ପ୍ରସନ ମହାସୂର, ମୟୁରଭଞ୍ଜ ବଡି ବିଲ୍ଡିଂ ଏସୋସିଏସନ ସଂପାଦକ ତଥା ମୟୁରଭଞ୍ଜ ଜିମ୍ନାସିୟମ ର ସଂପାଦକ ନବ କୁମାର ସାହୁ, ସଭାପତି ଗିରିଶ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ରବିନ୍ଦ୍ର କୁମାର ମହାନ୍ତି ପ୍ରମୁଖଙ୍କ ସମେତ ବିଭିନ୍ନ କ୍ରିଡା ସଂଗଠନ ମାନଙ୍କ ପକ୍ଷରୁ ନିତେଶଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଅଛି ।

## ପୋଷା ଜନ୍ତୁ ରଖିଲେ ବିଏମସିରୁ ନେବାକୁ ପଡ଼ିବ ଅନୁମତି

ଭୁବନେଶ୍ୱର, ୧୮/୧୧ (ନି.ପ୍ର): ଏଣିକି ପୋଷା ଜନ୍ତୁ ରଖିଲେ ନେବାକୁ ପଡ଼ିବ ଅନୁମତି। ପୋଷା ଜନ୍ତୁ ପାଇଁ ବିଏମ୍‌ସିରୁ ଅନୁମତି ନେବା ସହ ପଞ୍ଜୀକରଣ କରିବାକୁ ପଡ଼ିବ। ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଟିକା ଓ ଡାକ୍ତରଙ୍କ ପରାମର୍ଶ ସହ ପୋଷା ଜନ୍ତୁ ରଖିବାକୁ ଅନୁମତି ମିଳିବ। ଆସନ୍ତା ସପ୍ତାହ ସୁଦ୍ଧା ଏନେଇ ଗାଇଡ୍ ଲାଇନ୍ ଆସିବ। ଏହା ବ୍ୟତୀତ ପୋଷା ଜନ୍ତୁ ଅନ୍ୟର କ୍ଷତି ଯେଭଳି ନ ପହଂଚାଏ ସେଥିପାଇଁ ଅଣ୍ଡରଟେକିଂ ଦେବାକୁ ପଡ଼ିବ।


## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

**e- Tender Notice Nos : (1) E-KGP- South-35-2022, (2) E-KGP-South-36-2022, dated 17.11.2022**. ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଡିଭିଜନାଲ୍ ରେଲୱେ ମ୍ୟାନେଜର, (Engg) ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଉଲ୍ଲେଖ କରାଯାଇଥିବା ତାରିଖ ୧୫.୦୦ଘଣ୍ଟା ପୂର୍ବରୁ ଟେଣ୍ଡର ଗ୍ରହଣ କରାଯାଇ ୧୫.୩୦ ଘଣ୍ଟାରେ ଖୋଲାଯିବ । **ସିରିଏଲ୍ ନଂ., କାର୍ଯ୍ୟର ବର୍ଣ୍ଣନା** - (୧) ଏଡିଇଏନ୍/ ବାଲେଶ୍ୱର ଅଧିନରେ ସେବା ବିଲ୍ଡିଂ ଏବଂ ଆବାସିକ ବିଲ୍ଡିଂର ଫେସ୍ ଲିଫ୍ଟିଂ ଏବଂ ଆଇରନ୍ ମେମ୍ବର ପେଣ୍ଟିଂ । (୨) ଏଡିଇଏନ୍/ ଦକ୍ଷିଣ/ କେଜିପି ଅଧିନରେ ସେବା ଭବନ, ଆବାସିକ ବିଲ୍ଡିଂ, ରାସ୍ତା ଇତ୍ୟାଦି ମରାମତି ଏବଂ ନବୀକରଣ । **ଟେଣ୍ଡର ମୂଲ୍ୟ :** ୧,୯୩,୯୭,୩୫୩.୫୫/- (ସିରିଏଲ୍ ନଂ-୧ ପାଇଁ), ୨,୧୫,୭୪,୯୯୮.୬୧/- (ସିରିଏଲ୍ ନଂ-୨ ପାଇଁ), । **ଅମାନତ ଟଙ୍କା :** ୨,୪୭,୦୦୦/- (ସିରିଏଲ୍ ନଂ-୧ ପାଇଁ), ୨,୫୭,୯୦୦/- (ସିରିଏଲ୍ ନଂ-୨ ପାଇଁ) । **ଟେଣ୍ଡର ପେପର୍ ମୂଲ୍ୟ :** ନାହିଁ । **ଖୋଲିବା ତାରିଖ :** ୦୮.୧୨.୨୦୨୨ ପ୍ରତ୍ୟେକ ପାଇଁ । **କାର୍ଯ୍ୟ ସରିବା ସମୟ :** ପ୍ରତ୍ୟେକଙ୍କ ପାଇଁ ୬ମାସ । **ବିଡିଂ ଆରମ୍ଭ ତାରିଖ :** ୨୪.୧୧.୨୦୨୨ ରୁ ୦୮.୧୨.୨୦୨୨ ୩.୦୦ଘଣ୍ଟା ପର୍ଯ୍ୟନ୍ତ । ଇଚ୍ଛୁକ ଟେଣ୍ଡରକାରୀ www.ireps.gov.in କୁ ଯାଇ ପରିଦର୍ଶନ କରିବା ସହ ସମ୍ପୂର୍ଣ୍ଣ ବିବରଣୀ ସହ ଅନ୍‌ଲାଇନ୍‌ରେ ଟେଣ୍ଡର ପକାଇପାରିବେ । କୌଣସି ପରିସ୍ଥିତିରେ ମେନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.** : ଆଶାୟୀ ଟେଣ୍ଡରର୍ ମାନେ www.ireps.gov.in କୁ ଯାଇ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ ।

**PR : 805**


# ନୂଆଦିଲ୍ଲୀରେ ଆତଙ୍କବାଦକୁ ଅର୍ଥ ଯୋଗାଣ ବିରୁଦ୍ଧରେ ତୃତୀୟ "ନୋ ମନି ଫର ଟେରର' ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ଯୋଗଦାନ



ନୂଆଦିଲ୍ଲୀ, ୧୮/୧୧ (ନି.ପ୍ର): ଆତଙ୍କବାଦର ମୁକାବିଲା ଦିଗରେ ମନରେ କୌଣସି ଦ୍ୱିଧା ରଖିବା ଅନୁଚିତ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦୃଢ କଣ୍ଠରେ କହିଛନ୍ତି । ଆତଙ୍କବାଦ ନିଜର ବିଦେଶ ନୀତି ଭାବେ ଗ୍ରହଣ କରୁଥିବା ଦେଶଗୁଡିକୁ ମଧ ସେ ସତର୍କ କରାଇ ଦେଇଛନ୍ତି । ଆଜି (୧୮.୧୧. ୨୦୨୨) ନୂଆଦିଲ୍ଲୀଠାରେ ଆତଙ୍କବାଦକୁ ଅର୍ଥ ଯୋଗାଣ ସମ୍ପର୍କୀତ 'ନୋ ମନି ଫର ଟେରର" (ଏନଏମଏଫଟି)ର ତୃତୀୟ ମନ୍ତ୍ରିସ୍ତରୀୟ ସମ୍ମିଳନୀରେ ଉଦ୍ ?ବୋଧନ ଦେଇ ସେ ଏହା କହିଛନ୍ତି । ସମବେତ ଜନତାଙ୍କୁ ସ୍ୱାଗତ କରି ପ୍ରଧାନମନ୍ତ୍ରୀ ଭାରତରେ ଆୟୋଜିତ ହେଉଥିବା ସମ୍ମିଳନୀରେ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ବିଶ୍ୱ ଗୁରୁତର ଭାବେ ଏ ବିଷୟ ଚିନ୍ତା କରିବାର ବହୁ ଆଗରୁ ଆମ ଦେଶ ଆତଙ୍କବାଦର କଳା ମୁହଁ ଦେଖି ସାରିଛି ବୋଲି ସେ କହିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ, "ଆତଙ୍କବାଦ ଭିନ୍ନ ଭିନ୍ନ ନାମ ଓ ଆକାରରେ ଭାରତକୁ କ୍ଷତାକ୍ତ କରିଛି ।" ହଜାର ହଜାର ଅମୂଲ୍ୟ ଜୀବନ ହାନୀ ସତ୍ୱେ ଭାରତ ସାହସର ସହ ଆତଙ୍କବାଦର ମୁକାବିଲା କରିଛି ବୋଲି ସେ କହିଥିଲେ । ଏଥିରେ ଯୋଗଦେଇଥିବା ପ୍ରତିନିଧିଗଣ ଭାରତୀୟ ମାନେ ଆତଙ୍କର କିପରି ମୁକାବିଲା କରିଛନ୍ତି ସେ ସମ୍ପର୍କରେ ଭାରତ ସହ ମତ ବିନିମୟ କରିବା ଉପରେ ସେ ଆଲୋକପାତ କରିଥିଲେ । "ଆମ ବିଚାରରେ ଗୋଟିଏ ଆକ୍ରମଣ ଅନେକ ସହ ସମାନ ଓ ଗୋଟିଏ ଜୀବନ ହାନୀ ମଧ ଅନେକ ସହ ସମାନ । ସେଥିପାଇଁ ଆତଙ୍କବାଦ ସମୂଳେ ଧ୍ୱଂସ ନ ହେବା ପର୍ଯ୍ୟନ୍ତ ଆମେ ବିଶ୍ରାମ କରିବୁ ନାହିଁ ବୋଲି ପ୍ରଧାନମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଥିଲେ । ସମ୍ମିଳନୀର ଗୁରୁତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହାକୁ କେବଳ ଏକ ମନ୍ତ୍ରମାନଙ୍କ ସମାଗମ ଭାବେ ବିବେଚନା କରିବା ଅନୁଚିତ, କାରଣ ଆତଙ୍କବାଦ ସମଗ୍ର ମାନବତାକୁ ପ୍ରଭାବିତ କରୁଛି । ଆତଙ୍କବାଦର ଦୀର୍ଘକାଳୀନ ପ୍ରଭାବ ବିଶେଷ କରି ଗରିବମାନଙ୍କ ଉପରେ ଓ ସ୍ଥାନୀୟ ଅର୍ଥନୀତି ଉପରେ ପଡିଥାଏ । "ସେ ପର୍ଯ୍ୟଟନ ହେଉ ବା ବାଣିଜ୍ୟ ନିରବିଚ୍ଛନ୍ନ ଭାବେ ଭୟର ବାତାବରଣ ଥିବା ସ୍ଥାନକୁ କେହି ଭଲ ପାଆନ୍ତି ନାହିଁ" ବୋଲି ଶ୍ରୀ ମୋଦୀ କହିଥିଲେ । ଆତଙ୍କବାଦ ଯୋଗୁଁ ଲୋକମାନଙ୍କ ଜୀବନଜୀବିକା ଛଡାଇ ନିଆଯାଇଥାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଆତଙ୍କବାଦ ପାଇଁ ଯୋଗାଯାଉଥିବା ଆର୍ଥିକ ବ୍ୟବସ୍ଥା ମୂଳରେ ପ୍ରହାର କରିବା । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆତଙ୍କବାଦର ମୁକାବିଲା ନେଇ କୌଣସି ଦ୍ୱିଧା ରହିବା ଅନୁଚିତ । ଆତଙ୍କବାଦ ନେଇ ଥିବା ଭ୍ରମାତ୍ମକ ଚିନ୍ତାଧାରା ଉପରେ ଆଲୋକପାତ କରି ସେ କହିଥିଲେ ଯେ " କେଉଁଠି କେତେ ବଡ ଆକ୍ରମଣ ଘଟିଲା ସେଥି ନେଇ ପ୍ରତିକ୍ରିୟା ଭିନ୍ନ ହେବା ମଧ ଅନୁଚିତ । ପ୍ରତ୍ୟେକ ଆତଙ୍କ ବା ଆକ୍ରମଣ ସମଦୃଷ୍ଟିରେ ଓ ସମାନ ପଦକ୍ଷେପ ଅନୁଯାୟୀ ବିବେଚନା କରାଯିବା ଆବଶ୍ୟକ । ପୁଣି ବେଳେ ବେଳେ ଆତଙ୍କବାଦ ସପକ୍ଷରେ ପରୋକ୍ଷ ଯୁକ୍ତି ହୋଇ ତାହା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ମଧ ମତଭେଦ ଦେଖାଦେଇଥାଏ । ଏଭଳି ବୈଶ୍ୱିକ ବିପଦର ମୁକାବିଲା ନେଇ କୌଣସି ଦ୍ୱିବିଧାର ମଧ ସ୍ଥାନନାହିଁ । "ଆତଙ୍କବାଦରେ ଭଲ ଖରାପ କିଛି ନାହିଁ, ଏହା ମାନବତା, ସ୍ୱାଧୀନତା ଓ ସଭ୍ୟତା ଉପରେ ଆକ୍ରମଣ । ଏହାର କୌଣସି ସୀମା ସରହଦ ନାହିଁ ବୋଲି କହି ପ୍ରଧାନମନ୍ତ୍ରୀ କେବଳ ପୋଷାକ, ଏକତା ଓ ଶୂନ୍ୟ ସହନଶୀଳତା କାର୍ଯ୍ୟାନୁଷ୍ଠାନ ଆତଙ୍କବାଦକୁ ପରାସ୍ତ କରିପାରିବ" ବୋଲି କହିଥିଲେ । ଜଣେ ଆତଙ୍କବାଦୀ ଓ ଆତଙ୍କବାଦ ମଧ୍ୟରେ ପାର୍ଥକ୍ୟ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଜଣେ ଆତଙ୍କବାଦୀକୁ ଅସ୍ତ୍ରଶସ୍ତ୍ର ବା ତତ୍କାଳ ରଣନୀତି ବଳରେ ନିପାତ କରିହେବ, ମାତ୍ର ସବୁ ରଣନୀତିକ ସଫଳତା ସେମାନଙ୍କ ଆର୍ଥିକ ମେରୁଦଣ୍ଡକୁ ନ ଭାଙ୍ଗିଲେ ଅଚଳପ୍ରାୟ ହୋଇଯିବ ।

ଧ୍ୱନି ପ୍ରତିଧ୍ୱନି

# ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର

ଭଦ୍ରକ,୧୮/୧୧ (ନି.ପ୍ର): "ପଲ୍ଲୀ ଚେତନା ହିଁ ଅନ୍ୟ ଆତ୍ମା ଚିହ୍ନିବାର ପ୍ରକୃତ ସ୍ୱର ଥିଲା" ବୋଲି ଆମ ମାତୃଭାଷା ପରିଷଦ ଆନୁକୂଲ୍ୟରେ ଭଦ୍ରକ କଲ୍ୟାଣୀ ନଗର ସାମରାଇପୁରସ୍ଥିତ ଗୁରୁକୃପା ଭବନରେ ଇଂ. ଅଭୟ ସୁତାରଙ୍କ ସଭାପତିତ୍ୱରେ ଆୟୋଜିତ ସଂକ୍ରାନ୍ତି ଆସରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଆସରରେ ଓଡିଆ ସାହିତ୍ୟରେ ପଲ୍ଲୀ ଚେତନା ଶୀର୍ଷକ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଶିକ୍ଷାବିତ୍ ତଥା ପ୍ରେମ ପୃଥିବୀର ସମ୍ପାଦକ କୈଳାସ ଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଚଷା ଭାଗବତର ଲେଖକ ତଥା ଜିଲ୍ଲା କୃଷି ଅଧିକାରୀ ଅରୁଣ ପାତ୍ର, ଶିକ୍ଷାବିତ୍ ପ୍ରଭାତ କୁମାର ଜେନା, କାର୍ଯ୍ୟକାରୀ ସଭାପତି ନୀହାର ରଂଜନ କର, ପ୍ରାଧାପିକା ଭାନୁମତୀ ମାଟିଆ, ସୋର କଲେଜର ପ୍ରାକ୍ତନ ଅଧକ୍ଷ ଡ. ହୃଷିକେଶ ପଣ୍ଡା, ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳି, ଅଧାପକ ଡ. ରମାକାନ୍ତ ନାୟକ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ରାମଚନ୍ଦ୍ର ପଣ୍ଡା, ନାରାୟଣ ଚନ୍ଦ୍ର ପାଢ଼ୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ପରିଷଦର ସଂପାଦକ ଡା. ଅନୀଲ କୁମାର ଦାଶ ସଂପାଦକୀୟ ପାଠ କରିଥିଲେ ଓ ପରିଷଦ କେତକ ଅନ୍ୟ ସେବା ମୂଳକ କାର୍ଯ୍ୟ ଆଗାମୀ ଦିନରେ କରିବାକୁ ଯାଉଛି ବୋଲି ବକ୍ତବ୍ୟରେ କହିଥିଲେ। କବି ତଥା ନାଟ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବିଜୟ କୁମାର ବହଳୀ ବେଦପାଠ ଓ ପ୍ରକୃତିବନ୍ଧୁ ଶିକ୍ଷାବିତ୍ ବୈକୁଣ୍ଠ ବିଶ୍ୱାଳ ମଂଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ତପସ୍ୱନୀ ମହାପାତ୍ର ଏବଂ ଦମୟନ୍ତୀ ନାଥଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠ ଉତ୍ସବରେ କବି ତଥା ଶିକ୍ଷାବିତ୍ ବାବୁଲାଲ ଦାସ, କ୍ଷୀରାବ୍ଧୀ ତନୟା ଓଝା, ସୁରଜନ ପଣ୍ଡା, ଅଧିବକ୍ତା ମନୋରଂଜନ ଦାସ, ଗୌରାଙ୍ଗ ଚନ୍ଦ୍ର ବାରିକ, ପ୍ରକାଶ ମହାପାତ୍ର, ମୋନାଲିସା ସାହୁ, ଦୟାନିଧି ବେହେରା, ବିଯଜଶ୍ରୀ ଗୋକୁଳାନନ୍ଦ ରାଉତ, ନରେଶ ଚନ୍ଦ୍ର ଲେଙ୍କା, ବିପ୍ଳବ କୁମାର ହୋତା, ଅଂଶୁମାନ ସ୍ୱାଇଁ, ଯାଜ୍ଞସେନୀ ବିଶ୍ୱାଳ, ଶାକମ୍ବରୀ ଦାଶ, ଗୟାଧର ପଣ୍ଡା, ବିଚିତ୍ରାନନ୍ଦ ଜେନା, ରଜତ କୁମାର ସାହୁ, ରମେଶ ବିଶ୍ୱାଳ, ମମତା ରାଣୀ ଦାଶ, ମାନସ ରଂଜନ ପଣ୍ଡା, କୈଳାସଚନ୍ଦ୍ର ଜେନା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବନ୍ଦେଉତ୍କଳ ଜନନୀ ପାଠ କରିଥିଲେ ପରିଷଦର କୋଷାଧକ୍ଷା ସୁଶ୍ରୀ ଅଦିତୀ ପ୍ରଭା ଦାଶ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଅଧାପକ ମାଧବ ଚନ୍ଦ୍ର ଜେନା।

# ନୀଳଗିରିରେ ବିଜୟା ବନ୍ଧୁମିଳନ ଉତ୍ସବ ମହାସମାରୋହରେ ପାଳିତ



ନୀଳଗିରି,୧୮/୧୧ (ନି.ପ୍ର): ମହାମାରୀ କରୋନା ର ପ୍ରକୋପର ଦୀର୍ଘ ୨ ବର୍ଷ ପରେ ୧୮ତାରିଖ ଶୁକ୍ରବାର ନୀଳଗିରି ଡାକବଙ୍ଗଳା ପରିସରରେ ବିଜୟା ବନ୍ଧୁ ମିଳନ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ପୂର୍ବାହ୍ନ ୧୦ଘଟିକା ଠାରୁ ରାତ୍ରି ୧୧ଘଟିକା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ମୁଖ୍ୟ ଅତିଥି କେନ୍ଦ୍ର ଜଳଶକ୍ତି ଏବଂ ଆଦିବାସୀ ବ୍ୟପାର ରାଷ୍ଟ୍ରମନ୍ତ୍ରୀ ଇଂ. ବିଶେଶ୍ୱର ଟୁଡୁ ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ପ୍ରଥମେ ଶସ୍ତ୍ରପୂଜନ ପୂର୍ବକ ସମାରୋହକୁ ଶ୍ରୀଯୁକ୍ତ ଟୁଡୁ ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ସନ୍ତୋଷ ତ୍ରିପାଠୀ, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଉପସ୍ଥିତ ରହି ସମାରୋହରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଇଂ. ଟୁଡୁ ନିଜ ବକ୍ତବ୍ୟରେ ହିଂସା ଦ୍ୱେଷ ଭୁଲି ଏକତାର ସୂତ୍ରରେ ବାନ୍ଧି ହୋଇ ରହିବା ସମାରୋହର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ । ଉତ୍ସବର ସଭାପତି ସାଂସଦ ଶ୍ରୀ ଷଡ଼ଙ୍ଗୀ ନିଜ ବକ୍ତବ୍ୟରେ ଏକତାର ଡୋରିରେ ଆମେ ସମସ୍ତେ ନିଜ ନିଜକୁ ବାନ୍ଧି ପାରିଲେ ସମାରୋହ ସାର୍ଥକ ହେବ ବୋଲି କହିଥିଲେ । କୁଳପତି ଶ୍ରୀଯୁକ୍ତ ତ୍ରିପାଠୀ ନିଜ ବକ୍ତବ୍ୟରେ ସମାରୋହର ମୁଖ୍ୟ ଉଦ୍ଦେଶ୍ୟ ସଂପର୍କରେ ବିଭିନ୍ନ ଧାରଣା ପ୍ରଦାନ କରିଥିବା ବେଳେ ଅନ୍ୟତମ ଅତିଥି ବିଧାୟକ ଶ୍ରୀଯୁକ୍ତ ନାୟକ ମଧ ସମାରୋହ ସଂର୍ପକିତ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ । ଏହି ସମାରୋହରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ଶସ୍ତ୍ର ପୂଜନ, କୁମାରୀ ପୂଜନ, କରିବା ସହ ଓଡ଼ିଶାର କୋଣ ଅନୁକୋଣରୁ ବିଭିନ୍ନ ସାଂସ୍କୃତିକ ଦଳ ଯଥା ଗୋଟିପୁଅ, ଓଡ଼ଶୀ, ମଣିପୁରମ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ଆଦିବାସୀ ନୃତ୍ୟ, ମାଲଖମ ଆଦି ପରିବେଷଣ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡଉ, ସାଂସଦ ପ୍ରତାପ ଷଡ଼ଙ୍ଗୀ, ବିଧାୟକ ଶ୍ରୀଯୁକ୍ତ ନାୟକ, କୁଳପତି ଶ୍ରୀଯୁକ୍ତ ତ୍ରିପାଠୀଙ୍କୁ ପୁଷ୍ପଗୁଚ୍ଛ ସହ ଉତୋରିୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଆଇନଜୀବୀ କାର୍ତିକ ଚନ୍ଦ୍ର ଜେନା ମଂଚ ପରିଚାଳନା କରିଥିବା ବେଳେ କମିଟିର ବହୁ ସଦସ୍ୟ ସହଯୋଗ କରିଥିଲେ । ଏହି ଉତ୍ସବରେ ପାଖାପାଖି ୫ହଜାରରୁ ଉର୍ଦ୍ଧ୍ୱ ଜନତାଙ୍କ ସମାଗମ ଦେଖିବାକୁ ମିଳିଥିଲା ।

# ନୀଳଗିରି ଉପଖଣ୍ଡକୁ ମରୁଡ଼ି ଘୋଷଣା ଦାବିରେ ସି.ପି.ଆଇ.ର ଗଣବିକ୍ଷୋଭ

ନୀଳଗିରି,୧୮/୧୧ (ନି.ପ୍ର): ନୀଳଗିରି ଉପଖଣ୍ଡକୁ ମରୁଡ଼ି ଘୋଷଣା ସହ ଅନ୍ୟାନ୍ୟ ଦାବୀ ନେଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ନୀଳଗିରି ଅଂଚଳ କମିଟି ପକ୍ଷରୁ ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ କରାଯାଇଅଛି । ନୀଳଗିରି ଜଗନ୍ନାଥ ମନ୍ଦିରରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ସହ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହଜାର ହଜାର ଚାଷୀ ହାତରେ ମଲା ଧାନ ଗଛ ଧରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଦାବୀ ମଧ୍ୟରେ ନୀଳଗିରି ଉପଖଣ୍ଡକୁ ପ୍ରଥମେ ମରୁଡ଼ି ଘୋଷଣା କରିବା ସହ ଚାଷୀଙ୍କୁ ଋଣ ଛାଡ଼ କରାଯାଉ, ଆଦିବାସୀମାନଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ , ୬୦ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବୃଦ୍ଧ, ବୃଦ୍ଧାଙ୍କୁ ଭତା ପ୍ରଦାନ କରିବା, ସର୍ବେ କରି ଗରିବ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇବା, ଚାଷୀଙ୍କ ଠାରୁ ସରକାରୀ ଦରରେ ସରକାରନିଜେ ଧାନ କିଣିବା, ଆଦି ଦାବୀରେ ନୀଳଗିରି ଉପଜିଲ୍ଲାପାଳଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ନୀଳଗିରି ସହର ଲାଲଝଣ୍ଡାରେ ଲାଲମୟ ପାଲଟି ଯାଇଥିଲା । ଏହି ବିକ୍ଷୋଭରେ ରାଜ୍ୟ ସଂପାଦକ ସି.ପି.ଆଇ. ଅଭୟ କୁମାର ସାହୁ, ସର୍ବଭାରତୀୟ ସି.ପି.ଆଇ. ସଭ୍ୟ ଆଶିଷ କାନୁନଗୋ, କଂଟ୍ରଲ କମିଶନର ଅନାମ ପ୍ରସାଦ ବୀରକ, ଜିଲ୍ଲା ସଂପାଦକ ନିରଂଜନ ବାରିକ, ବିଜୟ କୁମାର ସ, ପ୍ରତାପ ଚନ୍ଦ୍ର ମହାନ୍ତି, କୈଳାସ ପଣ୍ଡା, ପୁରୁଷତମ ସେଠୀ, କରୁଣାକର ପରିଡ଼ା, ଦେବେନ୍ଦ୍ର ବେହେରା, ନିହାରରଂଜନ ଜେନା, ହରିକୃଷ୍ଣ ପଣ୍ଡିତ ପ୍ରମୁଖ ନିଜନିଜର ବକ୍ତବ୍ୟ ରଖିଥିଲେ ।

# କଂଗ୍ରେସ ଭବନରୁ ଆସବାବପତ୍ର ଚୋରି ନେଇ କ୍ୟାପିଟାଲ ଥାନାରେ ଏତଲା

ଭୁବନେଶ୍ୱର, ୧୮/୧୧ (ନି.ପ୍ର): ରାଜ୍ୟ କଂଗ୍ରେସ ପାର୍ଟି ଅଫିସ 'କଂଗ୍ରେସ ଭବନ' ରୁ ଆସବାବପତ୍ର ଚୋରି ହୋଇଥିବା ଜଣା ପଡିଛି । ।କଂଗ୍ରେସ ଭବନ ଅଫିସ ଇନଚାର୍ଜ ବୈଦ୍ୟନାଥ ସ୍ୱାଇଁ କ୍ୟାପିଟାଲ ଥାନାରେ ଏତଲା ଦେଇଛନ୍ତି। ଏତଲାରେ ଦର୍ଶାଯାଇଛି ଯେ ଫର୍ଣ୍ଣିଚର ସହ ଏସି ଷ୍ଟାବ୍ଲାଇଜର ଓ ତମ୍ବା ତାର ଚୋରି ହୋଇଛି। ଏହା ସହ ଶ୍ରୀ ସ୍ୱାଇଁ ରାତିରେ କଂଗ୍ରେସ ଭବନ ନିକଟରେ ପୁଲିସ ପାଟ୍ରୋଲିଂକୁ ବ୍ୟାପକ କରିବାକୁ ଅନୁରୋଧ କରିଛନ୍ତି ।

# ସ୍ୱାଧୀନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ମହାଳିକଙ୍କ ଦେହାନ୍ତ



ଭଦ୍ରକ,୧୮/୧୧ (ନି.ପ୍ର): ଭଦ୍ରକ ବ୍ଲକର ରାଜୁଆଳିବିନ୍ଧା, ମୁକୁନ୍ଦପୁର ଅର୍ଣ୍ଣପାଳର ବାସିନ୍ଦା ସ୍ୱାଧୀନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ମହାଳିକ ୮୪ବର୍ଷ ବୟସରେ ଗତକାଲି ୧୭-୧୧-୨୨ ଗୁରୁବାର ଦିନ ସନ୍ଧ୍ୟାରେ ଇହଧାମରୁ ବିଦାୟ ନେଇଛନ୍ତି । ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଏ ମହାଳିକଙ୍କ ଘରେ ପହଞ୍ଚି ତାଙ୍କ ଶବାଧାରରେ ପୁଷ୍ପ ସ୍ତବକ ଅର୍ପଣ ପୂର୍ବକ ଶେଷ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ବାର୍ଦ୍ଧକ୍ୟ ଜନିତ ରୋଗରେ ଏକ ବର୍ଷରୁ ଉର୍ଦ୍ଧ୍ୱ ସେ ଶଯ୍ୟାସାୟୀ ଥିଲେ । ସୂଚନା ଯୋଗ୍ୟକି ପୂର୍ଣ୍ଣ ଚନ୍ଦ୍ର ମହାଳିକଙ୍କୁ ୪ବର୍ଷ ବୟସରେ ତାଙ୍କ ପିତା ଶ୍ୟାମ ମହାଳିକ ଲୁଣିଆ ଗୁଳିକାଣ୍ଡରେ ଶହିଦ ହୋଇଥିଲେ । ପୂର୍ଣ୍ଣଚନ୍ଦ୍ର ମହାଳିକ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ପାଇ ଆସୁଥିଲେ । ତାଙ୍କର ଏକମାତ୍ର ପୁତ୍ର ଅକ୍ଷୟ କୁମାର ମହାଳିକ ମୁଖାଗ୍ନି ଦେଇଥିଲେ ।

# ନୀଳଗିରି ଠିକାଦାର ସଂଘର ୪ର୍ଥ ଦିନର ଧାରଣା



ନୀଳଗିରି,୧୮/୧୧ (ନି.ପ୍ର): ନୀଳଗିରି ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ର ମୁଖ୍ୟ ଗେଟ୍ ଆଗରେ ନୀଳଗିରି ଉପଖଣ୍ଡ ଠିକାଦାର ସଂଘର ଧାରଣା ଆଜି ୪ର୍ଥ ଦିନରେ ପହଂଚି ଥିବା ବେଳେ ସ୍ଥାନୀୟ ପ୍ରଶାସନ କିମ୍ବା ଜିଲ୍ଲା ପ୍ରଶାସନର ଅଧିକାରୀଙ୍କ ଦେଖା ମିଳି ନାହିଁ । ବାଲେଶ୍ୱର ବାଲେଶ୍ୱରପୂର୍ତ୍ତ ବିଭାଗ-୧ର ଅଧୀକ୍ଷଣ ଯନ୍ତ୍ରୀଙ୍କ ଠିକାଦାର ମାରଣନୀତି ଓ ଦୁର୍ବ୍ୟବହାର ପ୍ରଦର୍ଶନ ପ୍ରତିବାଦରେ ଧାରଣାରେ ବସିଛନ୍ତି । ୪ର୍ଥ ଦିନର ଧାରଣା ସ୍ଥଳକୁ ନୀଳଗିରି ୨ଜଣ ପୂର୍ବତ ବିଧଶୟକ ଯଥା ପ୍ରଦୀପ୍ତ ପଣ୍ଡା ଓ ଚିତରଂଜନ ଷଡ଼ଙ୍ଗୀ ପହଂଚି ଧାରଣାକାରୀ ଠିକାଦାରମାନଙ୍କ ସହ ଆଲୋଚନା କରିଥିଲେ । ଏ ନେଇ ଉଚ୍ଚ କର୍ତ୍ତୁପକ୍ଷଙ୍କ ସହ ଆଲୋଚନା କରି ସମାଧାନର ରାସ୍ତା ବାହାର କରାଯିବା ନେଇ ପ୍ରଦୀପ୍ତ ପଣ୍ଡା ପ୍ରତିଶୃତି ଦେଇଛନ୍ତି । ଅନୁରୂପ ଭାବେ ଚିତରଂଜନ ଷଡ଼ଙ୍ଗୀ ଠିକାଦାର ସଂଘର ଧାରଣାକୁ ସମର୍ଥନ ଜଣାଇବା ସହ ଜରୁରୀକାଳିନ ପରୀସ୍ଥିତିରେ ହୋଇଥିବା କାର୍ଯ୍ୟ ଓ ଟେଣ୍ଡ ମାଧମରେ ହୋଇଥିବା କାର୍ଯ୍ୟର ସମସ୍ତ କାଗଜପତ୍ର ସହ ବିଲ ପୈଠ କରିବା ଆବଶ୍ୟକ । ମାତ୍ର ଜରୁରୀକାଳିନ କାର୍ଯ୍ୟ ବ୍ୟତିତ ଲକ୍ଷ ଲକ୍ଷ ଟଙ୍କା ହୋଇଥିବା କାର୍ଯ୍ୟକୁ ଭିଜିଲାନ୍ସ ତଦନ୍ତ କରାଯିବା ସହ ସଂପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ । ଏହି ଧାରଣାରେ ସଦାଶିବ ରଥ, ପ୍ରଫୁଲ୍ଲ ପରିଡ଼ା, ରାମକୃଷ୍ଣ ମହାପାତ୍ର, ରବିନ୍ଦ୍ର ପରିଡ଼ା, ଅଶୋକ ମହାପାତ୍ର, ଦୀପ୍ତିକାନ୍ତ ପୃଷ୍ଟି, ଧର୍ମବ୍ରତ ମିଶ୍ର, ବାବୁଲା ମହାପାତ୍ର ପ୍ରମୁଖ ଧାରଣାରେ ବସିଛନ୍ତି ।

# ଏନସିଏସସିଡ଼ିଏର ନିଯୁକ୍ତି ମେଳା ୨୨ରେ

ଭୁବନେଶ୍ୱର, ୧୮/୧୧ (ନି.ପ୍ର): ସମସ୍ତ ଯୁବକ ଏବଂ ଯୁବତୀମାନଙ୍କ ପାଇଁ ଏନସିଏସସିଡ଼ିଏ, ଭୁବନେଶ୍ୱର, ତରଫରୁ ଏନସିଏସସିଡ଼ିଏ କ୍ୟାମ୍ପସ ପରିସରରେ ଆସନ୍ତା ୨୨ ନଭେମ୍ବରରେ ଉଭୟ ଭିନ୍ନକ୍ଷମ ଏବଂ ସାଧାରଣ ବର୍ଗ ଚାକିରି ଆଶାୟୀ ମାନଙ୍କ ପାଇଁ ଏକ ନିଯୁକ୍ତି ମେଳାର ଆୟୋଜନ କରାଯାଇଛି। ସେଥିରେ କେବଳ ଚଳନଶକ୍ତି ବାଧିତ ଆଂଶିକ ଭିନ୍ନକ୍ଷମ ମାନେ ଭାଗ ନେଇ ପାରିବେ । ଏହି ନିଯୁକ୍ତି ମେଳାରେ ବିଭିନ୍ନ କ୍ଷେତ୍ରରେ ଯଥା:- ଡିପ୍ଲୋମା ଇଞ୍ଜିନିୟର, ବିଜନେସ ଡେଭେଲପମେଣ୍ଟ ମ୍ୟାନେଜର, ସେଲ୍ସ ଏକ୍ଜିକ୍ୟୁଟିଭ୍, ଟେକ୍ନିସିଆନ, କ୍ଲଷ୍ଟର ହେଡ, ଫ୍ରଣ୍ଟ ଲାଇନ ଅଫିସର, ଡେଲିଭେରୀ ଏକ୍ଜିକ୍ୟୁଟିଭ୍, ପରୀକ୍ଷା ପର୍ଯ୍ୟବେକ୍ଷକ ଆଦି ପ୍ରାୟ ୩୦୦୦ ରୁ ଅଧିକପଦବୀ ନିଯୁକ୍ତି ପାଇଁ ବିଭିନ୍ନ କମ୍ପାନୀ / ସଂସ୍ଥା ଅଂଶଗ୍ରହଣ କରୁଛନ୍ତି। ଅଷ୍ଟମ ଶିକ୍ଷାଗତ ପାସ, ଦଶମ ପାସ ଏବଂ ଦଶମଠାରୁ ଅଧିକ ଶିକ୍ଷାଗତ ଥିବା ପାର୍ଥୀମାନେ ଭାଗ ନେଇ ପାରିବେ। ତେଣୁ, ସମସ୍ତ ଚାକିରି ଆଶାୟୀ ପାର୍ଥୀ ନିଜର ଶିକ୍ଷାଗତ ପ୍ରମାଣପତ୍ରର ନକଲ , ଆଧାର କାର୍ଡ, ପାସପୋର୍ଟ ସାଇଜ୍ ଫଟୋଗ୍ରାଫ୍, ଭିନ୍ନକ୍ଷମ ପ୍ରମାଣପତ୍ର(ଯେଉଁ ମାନେ ଭିନ୍ନକ୍ଷମ) ଏବଂ ବାୟୋ ଡାଟା ଇତ୍ୟାଦି ଡକ୍ୟୁମେଣ୍ଟ୍ ସହିତ ଚାକିରି ମେଳାରେ ଯୋଗଦେବାକୁ ଅନୁରୋଧ କରାଯାଇଛି।

# ରାଜ୍ୟ ଶିଶୁ ନୀତି "ପ୍ରାରମ୍ଭ"କୁ କ୍ୟାବିନେଟ ମଂଜୁରୀ

ଭୁବନେଶ୍ୱର, ୧୮/୧୧ (ନି.ପ୍ର): ରାଜ୍ୟ ଶିଶୁ ନୀତି-୨୦୨୨ "ପ୍ରାରମ୍ଭ"କୁ କ୍ୟାବିନେଟ ମଂଜୁରୀ ମିଳିଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ରାଜ୍ୟ କ୍ୟାବିନେଟ ବୈଠକରେ ଏହି ନୀତିକୁ ମଂଜୁରୀ ଦିଆଯାଇଛି। ଏହି ନୂତନ ନୀତିରେ ଶିଶୁଙ୍କର ବଂଚିବାର ଅଧିକାର ଓ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ। ଏହାସହ ଶିଶୁଙ୍କର ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ, ଶିକ୍ଷା ଅଧିକାର ସହ ଶିଶୁଙ୍କର ସର୍ବାଙ୍ଗୀନ ବିକାଶକୁ ଗୁରୁତ୍ୱ ଦେବ ନୂଆ ଶିଶୁ ନୀତି। ବିଜ୍ଞପ୍ତିର ବର୍ଷକ ମଧରେ ଲାଗୁ ହେବ ରାଜ୍ୟ ଶିଶୁ ନୀତି ପ୍ରାରମ୍ଭ। ଶିଶୁମାନଙ୍କ ପାଇଁ କାର୍ଯ୍ୟ କରୁଥିବା ସମସ୍ତ ବିଭାଗ ଓ ସଂଗଠନ ଏକ ମିଶ୍ରଣ ଆଭିମୁଖ୍ୟ ମାଧ୍ୟମରେ ରାଜ୍ୟ ସ୍ତରରେ କାର୍ଯ୍ୟଖସଡା ପ୍ରସ୍ତୁତ କରିବେ।

# ଓଡିଶା କ୍ଷେତ ମଜଦୁର ୟୁନିୟନର ବ୍ଲକ ସମ୍ମିଳନୀ




ଜଳେଶ୍ୱର, ୧୮/୧୧(ନି.ପ୍ର): ଜଳେଶ୍ୱର ବ୍ଲକର ବାଣିଦାର ଅଜିତ୍ ଦାସଙ୍କ ବାସଭବନରେ କ୍ଷେତମଜଦୁର ୟୁନିୟନର ଜଳେଶ୍ୱର ବ୍ଲକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ବ୍ଲକ କମିଟି ସଭାପତି ଦୀପ୍ତିମାନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପଲ୍ଟୁ ଦାସ ସହିଦ୍ ମାନଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଣିବାପରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ରାଜ୍ୟ ସଂପାଦକ ନିର୍ମଳ ନାୟକ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରି ସଂଗଠନ ସଂପର୍କରେ ଉଦ୍‌ବୋଧନ ଦେଇଥିଲେ । ସଂପାଦକ ସେକ୍ ଅବଦୁଲ ସାଦିକ ୩ବର୍ଷର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ୧୬ଜଣ ପ୍ରତିନିଧି ରିପୋଟ ଉପରେ ଆଲୋକପାତ କରିଥିଲେ । ୟୁନିୟନର ବରିଷ୍ଠ ନେତା ରୁହ୍ମ ଟୁଡୁ ଲାଲ ପତାକା ଉତ୍ତୋଳନ କରିଥିଲେ । ୧୫ଟି ପଂଚାୟତରୁ ଆସିଥିବା ପ୍ରତିନିଧିମାନେ ସହିଦ୍ ବେଦୀରେ ମାଲ୍ୟାର୍ପଣ କରିଥିଲେ । ସମ୍ମିଳନୀରେ ଗଠିତ ହୋଇଥିବା କମିଟିରେ ସଭାପତିଭାବେ ଦିପ୍ତିମାନ ଆଚାର୍ଯ୍ୟ, ସଂପାଦକ ସେକ୍ ଅବଦୁଲ ସାଦିକ, ଉପସଭାପତି ଦିଲ୍ଲିପ ପରିଡା, ସହସଂପାଦକ ନିରୋଜ ବେହେରା ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି । ଆସନ୍ତା ଜାନୁଆରୀ ୭/୮ ତାରିଖରେ ଭଦ୍ରକଠାରେ ରାଜ୍ୟ ସମ୍ମିଳନୀ ୧୩ଜଣ ପ୍ରତିନିଧି ଯୋଗ ଦେବା ସଂପର୍କରେ ଆଲୋଚନା କରାଯାଇଥିଲା । ଉଦ୍‌ଯାପନୀ ସଭାରେ କୃଷକ ସଭାର ଜିଲା ନେତା ଦିଲ୍ଲିପ ଗିରି ଯୋଗ ଦେଇ କୃଷି ଶ୍ରମିକ ମାନଙ୍କୁ ବଂଚିବାକୁ ହେଲେ ଅଧିକାର ସାବ୍ୟସ୍ତ କରିବାକୁ ହେବ ବୋଲି କହିଥିଲେ । ଜବକାର୍ଡଧାରୀଙ୍କୁ ବର୍ଷକୁ ୨ଶହ ଦିନର କାମ, ଦୈନିକ ୬ଶହ ଟଙ୍କା ମଜୁରୀ, ଭୁମିହୀନଙ୍କୁ ଘରଡିହ ପଟା, ବାସଗୃହ, ବାର୍ଦ୍ଧକ୍ୟଙ୍କୁ ୩ହଜାର ଟଙ୍କା, ରେସନ୍‌କାର୍ଡଧାରୀଙ୍କ ଠାରୁ ୧୦କ୍ୟୁଣ୍ଟାଲ ଧାନ କିଣିବା, ବିହନ, ସାର, କୀଟନାସକ ରିଆତି ମୂଲ୍ୟରେ ଯୋଗାଇବାକୁ ଆହ୍ୱାନ ଦେଇଥିଲେ । ଏଥିରେ କୃଷକ ନେତା ସିତାଂଶୁ ସେନାପତି, ଦିଲ୍ଲିପ ପରିଡା, ରବିନ୍ଦ୍ର ବାରିକ, ବିକର୍ତ୍ତନ କବି, ମହୁଆ ବସୁ, ଅମିସା ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

# କୃଷକମାନଙ୍କୁ ଆଧୁନିକ ପ୍ରଣାଳୀ ଚାଷ ଓ ଉନ୍ନତ ମାନର ବିହନ ବ୍ୟବହାର ବିଷୟରେ ସଚେତନା ଶିବିର



ବସ୍ତା,୧୮/୧୧ (ନି.ପ୍ର): ବସ୍ତା ବ୍ଲକର ରଣାମୁଣ୍ଡଳୀ ଗ୍ରାମର ସୁଦାମ ଚରଣ ବେହେରାଙ୍କ ବାସ ଭବନରେ ଆଜି ଇଣ୍ଡୋ ଆମେରିକା ହାବ୍ରିଡ ସିଡସ୍ ଇଣ୍ଡିଆ ଲିମିଟେଡ ବାଙ୍ଗାଲୋର କମ୍ପାନୀ ତରଫରୁ ଗ୍ରାମାଞ୍ଚଳ ଚାଷୀ ମାନଙ୍କୁ ନେଇ ସଚେତନ କର୍ମଶାଳା ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ଶିବଶକ୍ତି ଫର୍ଟିଲାଇଜର ଓ ପେଷ୍ଟିସାଇଡ ଷ୍ଟୋର ର ଅନର ଅଭିନାଶ ରାଉତ ସଭାପତିତ୍ୱ ଅନୁଷ୍ଠିତ ଶିବିର ରେ କମ୍ପାନୀର ଫିଲଡ ଅଧିକାରୀ ବାଲ୍ମୀକି ମିଶ୍ର ଯୋଗ ଦେଇ ଚାଷିଙ୍କୁ ବିହନ, ଚାଷ କରିବାର ପ୍ରଣାଳୀ ବିଷୟ ରେ ଅବଗତ କରାଇଥିଲେ । ଅନ୍ୟମାନଙ୍କ ମଧରେ ସେଲସ ଅଫିସର ବିଭୂତି ସାହୁ ଯୋଗ ଦେଇଥିଲେ । ଉକ୍ତ ଶିବିରକୁ ପ୍ରାୟ ୧୫୦ଜଣ ଚାଷି ଯୋଗ ଦେଇଥିଲେ । ପରେ ଚାଷ ଅମଳ କରି ତାଙ୍କ କମ୍ପାନୀ ସିଡସ ଦ୍ୱାରା ଚାଷି କେତେ ଲାଭବାନ ହେବେ ଡେମ କରି ଦେଖାଇଥିଲେ।

# ଚାଷୀମାନଙ୍କ ଆୟବୃଦ୍ଧି ପାଇଁ ସବୁପ୍ରକାର ସୁବିଧା ଯୋଗାଇ ଦିଆଯିବ : ଜିଲ୍ଲାପାଳ



ଲଙ୍ଗଳେଶ୍ୱର,୧୮/୧୧ (ନି.ପ୍ର): ଚାଷୀ ମାନଙ୍କ ଉତ୍ପାଦଙ୍କୁ ଦ୍ୱିଗୁଣିତ କରିବା ସହିତ ଆୟ କୁ ମଧ ବୃଦ୍ଧି ପାଇଁ ସରକାରଙ୍କ ଯୋଜନା ମୁତାବକ ସବୁ ପ୍ରକାର ସୁବିଧା ସୁଯୋବ ଯୋଗାଇଦିଆଯିବ ବୋଲି ଆଜି ବାଲିଆପାଳ ବ୍ଲକ ଅନ୍ତର୍ଗତ ବର୍ଣିଆଡିହା ପଞ୍ଚାୟତ ର ଭାରେଶ୍ୱର ପାଣି ଟାଙ୍କି ପଡିଆ ଠାରେ ସୁବର୍ଣ୍ଣରେଖା କୃଷକ ଉତ୍ପାଦକ ସଙ୍ଗଠନର ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ। ସେ ଆହୁରି କହିଥିଲେ ସଙ୍ଗଠନର କାର୍ଯ୍ୟକର୍ତ୍ତା ମାନେ ଉଦ୍ୟମ କଲେ ଚଳିତ ବର୍ଷ ମଧ ଏଠାରେ ଶୀତଳ ଭଣ୍ଡାର ଓ ଗେଷ୍ଟ ହାଉସ ନିର୍ମାଣ କରାଯିବ । ନାବାର୍ଡ ଡି ଡି ଏଚ ତାପସ ରଞ୍ଜନ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏଇ ବାର୍ଷିକ ଉତ୍ସବ ରେ ସମ୍ମାନିତ ଅତିଥି ଭାବେ ନାବାର୍ଡ ଜି ଏମ ଭି ୍ାଲା ସୁବ୍ରମନ୍ୟମ, ବାଲିଆପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୋଦ କୁମାର ପଣ୍ଡା ।ତହସିଲଦାର ଦୀପକ କୁମାର ଦାଶ, ଜିଲ୍ଲା ଉଦ୍ୟାନ କୃଷିର ଉପ ନିର୍ଦ୍ଦେଶକ ତପନ କୁମାର ମହାନ୍ତି ।ଜିଲ୍ଲା କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସ୍ୱାଗତିକା ସାହୁ, ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ସରୋଜ ଗିରି,ଟାଟା ପାୱାର ର ଜେନେରାଲ ମେନେଜର ରାଜୀବ କୁମାର ନାୟକ, ସଦଭାବ ବିକାଶ ଅଭିଯାନ ର ପ୍ୱିତ୍ର କୁମାର ପଟ୍ଟନାୟକ, ଆସାମ ସିଡିବିଓ ର ପ୍ରକଳ୍ପ ନିର୍ଦ୍ଦେଶକ ଆଶିଷ ପ୍ଲାବର, ପ୍ରମୁଖ ଯୋଗଦେଇ କୃଷକ ମାନଙ୍କର ପ୍ରଗତି ବାବଦରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଙ୍ଗଠନ ର ମୁଖ୍ୟ ନିର୍ଦ୍ଦେଶକ ନବ କୁମାର ଦାସ,ବିବରଣୀ ପାଠ ଓ ସ୍ୱାଗତ ଭାଷଣ ଦେଇଥିଲେ।ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜଦିପ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରବୀନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସଙ୍ଗଠନର ସଦସ୍ୟ ସାଇ କୃଷ୍ଣ ମୈକାପ,ସୁକୁମାର ସାମନ୍ତ, ପଞ୍ଚାନନ ପଣ୍ଡା, ଶ୍ରୀମନ୍ତ ପାତ୍ର, ମାନସ କୁମାର ସାମନ୍ତ, ଚନ୍ଦନ କୁମାର ପୃଷ୍ଟି, ଗୌତମ ଜେନା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ : ଡିସେମ୍ବର ୨୮ ରୁ ଖୋଲିବ ଧାନମଣ୍ଡି

ଭଦ୍ରକ,୧୮/୧୧ (ନି.ପ୍ର): ଖରିଫ୍ ବର୍ଷ ୨୨-୨୩ ସରକାରୀ ମୂଲ୍ୟରେ ସରକାରୀ ମାର୍ଗଦର୍ଶିକା ଅନୁପାଳନ ପୂର୍ବକ ଧାନ କିଣା କାର୍ଯ୍ୟର ସୁପରିଚାଳନା ପାଇଁ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଚାନ୍ଦବାଲି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ୍‌ର ଅଧକ୍ଷ ଡ଼.ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଂଜୀବ୍ କୁମାର ମଲ୍ଲିକ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ସାଂସଦଙ୍କ ପ୍ରତିନିଧି ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲାପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଜେନା, ଜିଲ୍ଲା ପରିଷଦର ସି.ଡ଼ି.ଓ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତାପ ପ୍ରତିମୟ ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ଡ଼ିସେମ୍ବର ୨୮ ରୁ ଭଦ୍ରକ ଜିଲ୍ଲାରେ ଧାନମଣ୍ଡି ଖୋଲିବା ପାଇଁ ବୈଠକରେ ଅନୁମୋଦିତ ହେଲା । ୯୬ ଟି ପାକ୍ସ ବା ସୋସାଇଟି ଓ ୫୭ଟି ମହିଳା ସ୍ୱୟଂ ସହାୟିକା ଦଳ ସମୁଦାୟ ୧୫୩ଟି ମଣ୍ଡିରେ ଧାନ କିଣା ଯିବା ନେଇ ସୂଚନା ଦିଆଯାଇଥିଲା ଚଳିତ ବର୍ଷ ଧାନକିଣା ପାଇଁ ସାଧାରଣ ଏଫ୍.ଏ.କ୍ୟୁ ମାନର ଧାନ ପାଇଁ ସରକାରୀ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୨୦୪୦ଟଙ୍କା ଓ ଗ୍ରେଡ୍ ଏ (ଏଫ୍.ଏ.କ୍ୟୁ) ପାଇଁ ୨୦୬୦ଟଙ୍କା ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଛି । ପୂର୍ବରୁ ଧାନ ମିଲର୍‌ମାନେ ମଣ୍ଡିରୁ ଧାନ ନେଉଥିଲାବେଳେ ଚଳିତ ବର୍ଷ ମଣ୍ଡିରୁ ମିଲର ମାନଙ୍କ ପାଖକୁ ଧାନ ପରିବହନ ପାଇଁ ଟେଣ୍ଡର ପ୍ରକ୍ରିୟାରେ ଠିକାଦାରମାନଙ୍କୁ ନିୟୋଜିତ କରାଯିବ । ଧାନ ବିକିବା ପାଇଁ ଜିଲ୍ଲାରେ ସମୁଦାୟ ୯୦,୫୨୩ ଜଣ ଚାଷୀ ନାମ ପଞ୍ଜିକୃତ କରିଛନ୍ତି । ବାସୁଦେବପୁର ବ୍ଲକ ର ସର୍ବାଧିକ ଚାଷୀ ୧୭,୨୫୦ଜଣ ଓ ଧାମନଗର ବ୍ଲକର ସର୍ବନିମ୍ନ ୭,୦୧୭ ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି । ପ୍ରଥମ ଦଫାରେ ୨୩,୫୨,୩୫୨.୯୪ କ୍ୱିଣ୍ଟାଲ ଧାନ କ୍ରୟ ନେଇ ଜିଲ୍ଲା ପାଇଁ ଧାର୍ଯ୍ୟ ଲକ୍ଷ୍ୟ ପ୍ରଦାନ କରାଯାଇଛି । ୨ୟ ଓ ୩ୟ ଦଫାରେ ଆହୁରି ଧାର୍ଯ୍ୟଲକ୍ଷ୍ୟ ଆସିପାରେ ବୋଲି ସୂଚନା ଦିଆଯାଇଥିଲା । ଗତ ବର୍ଷ ଧାନ କିଣାର ପରିମାଣ ଅନୁଯାୟୀ ଧାନକିଣା କେନ୍ଦ୍ର ଗୁଡ଼ିକୁ ୮୦% ଟାର୍ଗେଟ୍ ପ୍ରଦାନ ପାଇଁ ସରକାରଙ୍କ ସୂଚନା ଥିଲେ ବି ବର୍ତ୍ତମାନ ୬୦% ଟାର୍ଗେଟ୍ ପ୍ରଦାନ କରାଯାଇ ବକେୟା ୨୦%କୁ ପରେ ଧାନ କିଣାର ଆବଶ୍ୟକତା ଓ ଉତ୍ତମ ପରିଚାଳନା କରୁଥିବା କେନ୍ଦ୍ରମାନଙ୍କୁ ପ୍ରଦାନ କରାଯିବା ନେଇ ଜିଲ୍ଲାପାଳଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି କୁ ବୈଠକରେ ଗ୍ରହଣ କରାଯାଇଥିଲା । ଜିଲ୍ଲାରେ ଧାନଚାଷ ଅଞ୍ଚଳ ଓ ଧାନ ର ଉପଲବ୍ଧି ନେଇ ଅବସ୍ଥିତ କେନ୍ଦ୍ର ଗୁଡ଼ିକୁ ବିଚାର କରାଯାଇ ଟାର୍ଗେଟ୍ ପ୍ରଦାନ ଉପରେ ଗୁରୁତ୍ୱ ଦେବା ପାଇଁ ମତ ପ୍ରକାଶ ପାଇଥିଲା । ଧାନକିଣା କାର୍ଯ୍ୟ ନେଇ ସୋସାଇଟିର କର୍ମଚାରୀମାନଙ୍କ ଠାରୁ ମହିଳା ଦଳ କମ୍ ଅଭିଜ୍ଞ ଥିବାରୁ ଚଳିତ ବର୍ଷ ସେମାନଙ୍କୁ ତାଲିମ୍ ପ୍ରଦାନ ପାଇଁ ବ୍ୟବସ୍ଥା କରାଯିବ । ୮୦% କ୍ଷୁଦ୍ର ଚାଷୀ ଓ ୨୦% ବୃହତ୍ ଚାଷୀଙ୍କ ଠାରୁ ଧାନକ୍ରୟ କରାଯିବ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo